# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୨୪/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, February 24/2021 | ★★

୧୭ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





# ୧.୨ ଲକ୍ଷଙ୍କୁ ସଚେତନ କରାଇଲା ହୋଣ୍ଡା

**ନୂଆଦିଲ୍ଲୀ,୨୩।୨:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଦେଶର ୧୬୦ ସହରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୧.୨ ଲକ୍ଷ ଲୋକଙ୍କୁ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ କମ୍ପାନୀ ସଚେତନ କରାଇଛି।

**WANTED**
**LADY OFFICE ASSISTANT**
Good Handwriting, Good Personality, Nakhara, Cuttack. Free accommodation + 10,000/-.
**8249851363**

**JOBS IN AIRPORT**
(PERMANENT JOB)
Air Hostees, Graund Staff, Supervisor, Checker, Loader, Driver, Guard, Helper
Salary : Rs. 25,500/- to Rs.75,500/-
Qualification- 8th to Graduation (M/F)
Fuel+Bonus+Cab Food+Accommodation Free
CONTACT : 8506894495

**JOB JOB JOB**
ଓଡିଶାର ପ୍ରତ୍ୟେକ ଜିଲ୍ଲା ପାଇଁ ପୁରୁଷ ଓ ମହିଳା ପ୍ରାର୍ଥୀ ଆବଶ୍ୟକ। ବୟସ ସୀମା: ୧୮-୪୦ ବର୍ଷ। ଶିକ୍ଷାଗତ ଯୋଗ୍ୟତା- ୮ମ ରୁ ତଦୁର୍ଦ୍ଧ। ମାସିକ ଦରମା ଟ.୧୦,୦୦୦/- ରୁ ଟ.୩୦,୦୦୦/- ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ।
Company will also franchise it's entire district in Odisha.
LINK ROAD, CUTTACK
8789178584, 8456838657

**ଆବଶ୍ୟକ**
ଲୋପାମୁଦ୍ରା ଗାର୍ମେଣ୍ଟ
ଖଇରା, ବାଲେଶ୍ୱର
୬୦ଜଣ ସିଲେଇ କାରିଗର ଆବଶ୍ୟକ
Contact:
8114971222, 7077861855

**WANTED**
**SALES SUPERVISOR**
for Hindustan Jewellers
Bapuji Nagar, Bhubaneswar
Candidate should be minimum 3 years experience in Jewellery.
Salary- 15,000/- to 25,000/-.
Come first.

**URGENT OFFICE JOB**
ନିଜ ଜିଲ୍ଲାରେ Office Job। ରହିବା, ଖାଇବା ଦିଆଯିବ। Salary- 27,000/-. Qua.- 7th to 10th & above.
Contact: 8144204606

**ଆବଶ୍ୟକ**
ପୁରୀ ସହରରେ ରହି ଘରୋଇ କାର୍ଯ୍ୟ ସହ ରୋଷେଇ ଜାଣିଥିବା ୫୦ବର୍ଷ ମଧ୍ୟରେ ମହିଳା ସହାୟକ ଆବଶ୍ୟକ, ଆକର୍ଷଣୀୟ ଦରମା ରହିବା, ଖାଇବା ମାଗଣା।
Contact: 8130211738

**ଆବଶ୍ୟକ**
୧. ଟେଲର କଟିଙ୍ଗ ମାଷ୍ଟର (ପାର୍ଟ ଟାଇମ୍)
୨. ଟେଲର ଅପରେଟର (୧ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ଟେଲରିଂ କାମ ଜାଣିଥିବା ମହିଳା ଓ ପୁରୁଷ ଆବେଦନ କରିପାରିବେ)।
ସ୍ଥାନ- ଚକେଇସିହାଣୀ, ଭୁବନେଶ୍ୱର
Phone: 7008552119

**Urgent Require**
1. DATA ENTRY OPERATOR
2. DESKTOP SUPPORT
3. SCAN OPERATOR
4. SURVEYOR
Salary- 12,000 To 15,000
For all over Odisha. Every district 5 no. under agency payroll (Except Khordha,Cuttack, Jajpur, Jagatsinghpur, Bhadrak)
Qualification: Graduate having good computer skill. (Male & Female both can apply)
Contact : 9078186393

**APPOINTMENT**
We are looking for **ANM for (Home Nursing).** Candidate must pass ANM Examination from a Registered Organisation. At least 6 months of Experience preferable. Freshers are also welcome. Full Time Position.
**WALK-IN-INTERVIEW**
**1st March to 4th March 2021, Time-10.00am to 1.00pm**
Contact: **President Shusrusa**
Plot No-493, Bhimpur, Kargil Road, Palaspalli, Bhubaneswar - 751020, Telephone: 7815094300, 8895340545

**REQUIRED-15 Posts** For Medicine retail operations and Blood Sample Collection & home delivery of medicines for reputed medicine house. Mail CV's to **ppharmanic@gmail.com** or Walk in interview during working hours from 21st to 28th Feb. 2021 at our store **"PHARMANIC"**, Cuttack-Puri Road, adjacent to Patnaik Petrol Pump. Mob/Whatsapp-**9437001163, 7735311858.**

**WALK IN INTERVIEW**
**LEPRA Society** is looking for qualified candidates for the following positions. Interested candidates are invited to come for the Walk in Interview with all relevant documents and original certificates. Details as per bellow

| Position | Qualification | No. of post vacancy | Date & place of interview | Place of posting |
|---|---|---|---|---|
| Pharmacist | B. Pharma/ D. Pharma | 1 | 26th February 2021 at MNC, Birmaharajpur, Dist-Sonepur, Odisha, 767018 | MNC, SONEPUR |
| | | 1 | 27th February 2021 at Junagarh Netra Chikitsalaya, LEPRA Society, Junagarh, Kalahandi,PIN-766014 | JNC, JUNAGARH |

**Women candidates are encouraged to apply.** LEPRA Society is an equal opportunity employer. Registration after 11 A.M. not to be entertained.

**CENTRAL WAREHOUSING CORPORATION**
(A Govt. of India Undertaking)
Corporate Office: 4/1, Siri Institutional Area, August Kranti Marg, Hauz Khas, New Delhi-110016
Website: www.cewacor.nic.in, www.cwccareers.in
WAREHOUSING FOR EVERYONE
End Date: 25th March 2021
**Advertisement No. CWC/1-Manpower/DR/Mgr & Above/Rectt/2021/01**
Central Warehousing Corporation, a Schedule-A, Mini Ratna, Category-I, Central Public Sector Undertaking, under the administrative control of Ministry of Consumer Affairs, Food & Public Distribution, providing scientific storage facilities for agricultural inputs, produce and other notified commodities besides providing logistics infrastructure like CFSs/ICDs, Land Custom Stations, Air Cargo Complexes etc. for import-export cargo, invites online application from eligible candidates for the following posts:-

| Post Code | Name of the Post | No. of Vacancies |
|---|---|---|
| 01. | General Manager (System) | 1 |
| 02. | Superintending Engineer | 1 |
| 03. | Executive Engineer (Civil) | 9 |

Please visit CWC's website (www.cewacor.nic.in/www.cwccareers.in) for detailed information on eligibility criteria including qualification and experience, selection process, general conditions etc. Eligible candidates have to fill in the requisite application form and send complete application form as per instructions contained in the detailed advertisement available on the official website of CWC.

**ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ଼, ମୁମ୍ବାଇ**
www.rbi.org.in
**ବିଜ୍ଞାପନ ସଂଖ୍ୟା ୨/୨୦୨୦-୨୧**
୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର. ସଂ. | ପଦବୀ | ଖାଲିଥିବା ସ୍ଥାନ |
|---|---|---|
| | ପ୍ୟାନେଲ ବର୍ଷ ୨୦୨୦ | |
| ୧. | ଆଇନ ଅଧିକାରୀ ଗ୍ରେଡ୍ 'ବି' | ୧୧ |
| ୨. | ପ୍ରବନ୍ଧକ (ବୈଷୟିକ-ସିଭିଲ) | ୦୧ |
| ୩. | ସହାୟକ ପ୍ରବନ୍ଧକ (ରାଜଭାଷା) | ୧୨ |
| ୪. | ସହାୟକ ପ୍ରବନ୍ଧକ (ସୁରକ୍ଷା ଓ ଶିଷ୍ଟାଚାର) | ୦୫ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ଫେବୃଆରୀ ୨୩,୨୦୨୧ ଓ ଏମ୍ପ୍ଲୟମେଣ୍ଟ ନିଉଜ୍/ରୋଜଗାର ସମାଚାରର ଫେବୃଆରୀ ୨୭,୨୦୨୧/ପରବର୍ତ୍ତୀ ପ୍ରକାଶନରେ ପ୍ରକାଶିତ ହେବାକୁ ଥିବା ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନ୍‌ଲାଇନ୍‌ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।
୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ (fees)/ସୂଚନା ଦେୟ ପ୍ରଦାନ ନିମନ୍ତେ | ଫେବୃଆରୀ ୨୩,୨୦୨୧ରୁ ମାର୍ଚ୍ଚ ୧୦,୨୦୨୧ (ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ) |
| ଅନ୍‌ଲାଇନ (online)/ଲିଖିତ ପରୀକ୍ଷା (Written Examination) | ଏପ୍ରିଲ୍ ୧୦,୨୦୨୧ |

**ଦ୍ରଷ୍ଟବ୍ୟ:** ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ। (ଏହି ବିଜ୍ଞାପନର ହିନ୍ଦୀ ରୂପାନ୍ତର ଦୈନିକ ଭାସ୍କର, ଦୈନିକ ଜାଗରଣ, ରାଜସ୍ଥାନ ପତ୍ରିକା ଓ ନବ ଭାରତ ଟାଇମସ୍‌ରେ ଉପଲବ୍ଧ ହେବ)।

# ତେଲ ଟିକସ ହ୍ରାସ ହେଉ

## କେନ୍ଦ୍ର-ରାଜ୍ୟ ସରକାରଙ୍କୁ ଶକ୍ତିକାନ୍ତଙ୍କ ପରାମର୍ଶ

**ନୂଆଦିଲ୍ଲୀ,୨୩।୨**

ଲୋକମାନେ ବର୍ତ୍ତମାନ କରୋନା ମହାମାରୀ ସମସ୍ୟାରୁ ବାହାରି ନ ଥିବା ବେଳେ ଲଗାତର ତେଲ ଦର ବୃଦ୍ଧି ଚିନ୍ତା ବଢ଼ାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ ଲିଟରେ ଲାଗି ଲୋକଙ୍କୁ ପ୍ରାୟ ୧୦୦ ଟଙ୍କା ଦେବାକୁ ପଡୁଛି। ପେଟ୍ରୋଲ ଏବଂ ଡିଜେଲ ଦର କମାଇବା ପାଇଁ ସାଧାରଣ ଲୋକମାନେ ଦାବି ଉଠାଇ ଆସୁଛନ୍ତି। ହେଲେ ସରକାର ଏହାକୁ କର୍ଣ୍ଣପାତ କରୁ ନ ଥିବା ଦେଖାଯାଉଛି। ଏଭଳି ସ୍ଥିତିରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ମନ୍ତ୍ରୀମାନ ମଧ୍ୟ ତେଲ ଦର କମ୍ କରିବା ପ୍ରସଙ୍ଗରେ ମତ ରଖିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇନ୍ଧନ ଦର କମାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଟିକସ ହ୍ରାସ ଦ୍ୱାରା ତେଲ ଦର କମାଇବା ଦିଗରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ମଧ୍ୟ ମତ ରଖିଛନ୍ତି।



ଆର୍‌ବିଆଇ ମନିଟାରି ପଲିସି ମିନିଟ୍ସରେ ଶକ୍ତିକାନ୍ତ ଏ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ପରୋକ୍ଷ ଟିକସ ହ୍ରାସ ହେଲେ ତେଲ ଦର ନିୟନ୍ତ୍ରଣକୁ ଆସିପାରିବ। ଟିକସ ହାର ଅଧିକ ରହିବା ଯୋଗୁ ଏହା ଦରଦାମ ଉପରେ ପ୍ରଭାବ ପକାଉଛି। ଡିସେମ୍ବରରେ ଖାଉଟି ମୂଲ୍ୟସୂଚୀ ୫.୫% ଉଚ୍ଚରେ ରହିଛି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ଉଚ୍ଚ ହାରରେ ପରୋକ୍ଷ ଟିକସ ଲାଗିବା ଯୋଗୁ ଏହାର ପ୍ରଭାବ ବିଭିନ୍ନ ସାମଗ୍ରୀ ଓ ସେବା ଦର ଉପରେ ପଡୁଛି। ଫଳରେ ଏହା ମହଙ୍ଗା ହୋଇ ଚାଲିଛି। ବିଶେଷକରି ପରିବହନ ଏବଂ ସ୍ୱାସ୍ଥ୍ୟସେବା ଏହା ମଧ୍ୟରେ ସାମିଲ ରହିଛି। ପେଟ୍ରୋଲ, ଡିଜେଲ ଦର ନିୟନ୍ତ୍ରଣ ଲାଗି ଏହାକୁ ଜିଏସ୍‌ଟି ପରିସରକୁ ଆଣିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିକଟରେ କହିଥିଲେ। ଏହି ପ୍ରସଙ୍ଗ ଉପରେ ଜିଏସ୍‌ଟି ପରିଷଦ ବୈଠକରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ଆଲୋଚନା କରିବାର ଆବଶ୍ୟକତା ରହିଛି। ପେଟ୍ରୋଲ, ଡିଜେଲକୁ କେଉଁ ଟିକସ ସ୍ଲାବ୍‌ରେ ରଖାଯିବ ସେ ନେଇ ତର୍କସଙ୍ଗତ ଭାବେ ବିଚାର କରାଯିବାର ଆବଶ୍ୟକତା ରହିଛି।

### ଉତ୍ପାଦନ କମିବାରୁ ଦର ବୃଦ୍ଧି: ଧର୍ମେନ୍ଦ୍ର ପ୍ରଧାନ

ଇନ୍ଧନ ଦର ବଢ଼ିବା ଲାଗି ୨ଟି କାରଣ ଦାୟୀ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଉତ୍ପାଦନ ହ୍ରାସ ଏବଂ ଅଧିକ ଲାଭ ଆଶାରେ ମାନୁଫାକ୍ଚରର ଦେଶ ଉତ୍ପାଦନ କମାଇଥିବା ସେ ମତ ରଖିଛନ୍ତି। ଏହା ଦ୍ୱାରା ଉପଭୋକ୍ତା ଦେଶ ସମୂହ କ୍ଷତି ସହୁଛନ୍ତି। ଏଭଳି ନ କରିବାକୁ ଲଗାତର ଓପେକ ଏବଂ ଓପେକ୍ ପ୍ଲସ୍ ଦେଶଗୁଡିକୁ କୁହାଯାଉଛି। ଆଶା କରାଯାଉଛି ଯେ ତେଲ ଦର ଶୀଘ୍ର ନିୟନ୍ତ୍ରଣକୁ ଆସିବ। ସେହିଭଳି କୋଭିଡ୍ ସମୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାର ତେଲ ଉପରେ ଟିକସ ଲଗାଇଥିବା ମଧ୍ୟ କେନ୍ଦ୍ର ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଗଲେ ଏହାଦ୍ୱାରା ଅଧିକ ରୋଜଗାର ସୃଷ୍ଟି ହେବ। କେନ୍ଦ୍ର ସରକାର ନିବେଶରେ ବୃଦ୍ଧି ଏବଂ ୩୪% ଅଧିକ ପୁଞ୍ଜି ବ୍ୟୟ କରିବା ଲାଗି ବଜେଟରେ ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସ୍ତରରେ ମଧ୍ୟ ଖର୍ଚ୍ଚ ବଢ଼ିବ। ଏଭଳି ସ୍ଥିତିରେ ଟିକସ ଲାଗୁ କରିବାର ଯଥାର୍ଥତା ରହିଛି। ଏ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ମଧ୍ୟ ରହିଛି। ଏ ନେଇ ଅର୍ଥମନ୍ତ୍ରୀ ସୀତାରାମନ କିଛି ରାସ୍ତା ବାହାର କରିବେ ଆଶା ବୋଲି ଧର୍ମେନ୍ଦ୍ର ମତ ରଖିଛନ୍ତି।

# ଭାରତ-ମରିସସ୍ ମୁକ୍ତ ବାଣିଜ୍ୟ ଚୁକ୍ତି

**ନୂଆଦିଲ୍ଲୀ,୨୩।୨**

ଭାରତ ଓ ମରିସସ୍ ମଙ୍ଗଳବାର ମୁକ୍ତ ବାଣିଜ୍ୟ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ୩୦୦ରୁ ଊର୍ଦ୍ଧ୍ୱ ସାମଗ୍ରୀ ଉପରେ ସୀମା ଶୁଳ୍କ କ୍ଷେତ୍ରରେ କୋହଳ ବ୍ୟବସ୍ଥା ଗ୍ରହଣ କରାଯିବ। ଉକ୍ତ ପଦକ୍ଷେପ ଦ୍ୱାରା କୃଷିଜାତ ସାମଗ୍ରୀ, ବୟନ ଏବଂ ଇଲେକ୍‌ଟ୍ରୋନିକ୍ସ ସମେତ ଅନ୍ୟ ବର୍ଗର ସାମଗ୍ରୀକୁ ସାମିଲ କରାଯାଇଛି। ବାଣିଜ୍ୟ ମନ୍ତ୍ରଣାଳୟ ସୂଚନା ମୁତାବକ, ଭାରତ ସରକାରଙ୍କ ପକ୍ଷରୁ ବାଣିଜ୍ୟ ସଚିବ ଅନୁପ ୱାଧୱାନ ଏବଂ ମରିସସ୍ ସରକାରଙ୍କ ବିଦେଶୀ ବ୍ୟାପାର ସଚିବ ହେମଦୟାଲ ଡିଲମ ମଧ୍ୟରେ ପୋର୍ଟଲୁଇସ୍‌ଠାରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜଗନ୍ନାଥ ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ଉପସ୍ଥିତ ଥିଲେ। ବାଣିଜ୍ୟ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଏହା ପ୍ରଥମ ଚୁକ୍ତି। ଫେବୃୟାରୀ ୧୭ରେ କେନ୍ଦ୍ର କ୍ୟାବିନେଟ ଏହି ଚୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଥିଲା।

# ମହିନ୍ଦ୍ରା ଇଲେକ୍ଟ୍ରିକ-ଆମାଜନ ସହଭାଗିତା

**ନୂଆଦିଲ୍ଲୀ,୨୩।୨**

ଇ-ଯାନ ବ୍ୟବହାର କ୍ଷେତ୍ରରେ ରହିଥିବା ପ୍ରତିବଦ୍ଧତା ପାଳନ ପୂର୍ବକ ଆମାଜନ ଇଣ୍ଡିଆ ପ୍ରମୁଖ କମ୍ପାନୀ ମହିନ୍ଦ୍ରା ଇଲେକ୍ଟ୍ରିକ ସହ ସହଭାଗିତାରେ ସାମିଲ ହୋଇଛି। ୨୦୨୫ ସୁଦ୍ଧା କମ୍ପାନୀ ଏହାର ସାମଗ୍ରୀ ଡେଲିଭରି ଲାଗି ଏହାର ନେଟ୍‌ୱର୍କରେ ୧୦ ହଜାର ଇ-ଯାନ ଯୋଡ଼ିବା ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅଧୀନରେ କମ୍ପାନୀ ଦେଶର ୭ ସହରରେ ପ୍ରାୟ ୧୦୦ ମହିନ୍ଦ୍ରା ଟ୍ରେଓ ଜର୍ ୩ ଚକିଆ ଯାନ ନିୟୋଜିତ କରିଛି। ଭାରତରେ ପ୍ରସ୍ତୁତ ହେଉଥିବା ୧୦ ହଜାର ଇ-ଯାନକୁ କମ୍ପାନୀ ନିଜ ନେଟ୍‌ୱର୍କରେ ଯୋଡ଼ିବ ବୋଲି କହିଛି। ମହିନ୍ଦ୍ରା ସହ ଯୋଡ଼ିହେବା ଏ କ୍ଷେତ୍ରରେ ଏକ ପ୍ରମୁଖ ଘଟଣା ବୋଲି କମ୍ପାନୀ କହିଛି।

# ଖିମଜୀ ଜନପଥ ଷ୍ଟୋରର ବାର୍ଷିକ ଅଫର




**ଭୁବନେଶ୍ୱର,୨୩।୨:** ଖିମଜୀ ଜୁଏଲର୍ସ ପକ୍ଷରୁ ଏହାର ଭୁବନେଶ୍ୱରସ୍ଥିତ ଜନପଥ ଷ୍ଟୋରର ୧୨ତମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ହଲ୍‌ମାର୍କ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି ଏବଂ ହୀରା ଉପରେ ଫ୍ଲାଟ୍ ୨୦% ରିହାତି, ରୁପା ଅଳଙ୍କାର କିଣା ମୂଲ୍ୟ ଉପରେ ଫ୍ଲାଟ୍ ୧୦% ରିହାତି ଏବଂ ରୁପା ସାମଗ୍ରୀ ମୂଲ୍ୟ ଉପରେ ଫ୍ଲାଟ୍ ୧୦% ରିହାତି ପ୍ରଦାନ କରାଯାଉଛି। ଚଳିତ ମାସ ୨୦ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ଭୁବନେଶ୍ୱରର ଖିମଜୀର ଜନପଥ ଷ୍ଟୋର ଏବଂ ଚନ୍ଦ୍ରଶେଖରପୁର ଷ୍ଟୋରରୁ ଏହି ଅଫର ଉପଲବ୍ଧ ହେବ। ଏହି ଅବସରରେ ଖିମଜୀ ଜୁଏଲର୍ସର ସିଇଓ ସୌରଭ ଦାସଗୁପ୍ତା କହିଛନ୍ତି, ଆମର ଜନପଥ ଷ୍ଟୋରର ସଫଳତାର ୧୨ତମ ବର୍ଷକୁ ପାଳନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଏହି ଷ୍ଟୋର ଆରମ୍ଭ ଦିନରୁ କେବଳ ଏକ ଅଳଙ୍କାର ଷ୍ଟୋର ଭାବରେ ନୁହେଁ, ବରଂ ଭୁବନେଶ୍ୱର ଲୋକଙ୍କ ପାଇଁ ଏକ ପ୍ରତିଷ୍ଠିତ ସ୍ଥାନ ଭାବେ ପରିଚିତ। କ୍ରମାଗତ ଭାବରେ ଆମକୁ ବିଶ୍ୱାସକରି ଏବଂ ଭୁବନେଶ୍ୱରରେ ସବୁଠାରୁ ଚାହିଦା ଅଳଙ୍କାର ବ୍ରାଣ୍ଡ ଭାବରେ ପରିଣତ କରିଥିବାରୁ ପ୍ରିୟ ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ। ୯୨.୭ ବିଗ୍ ଏଫ୍‌ଏମ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଥିବା ଭାଲେନ୍‌ଟାଇନ୍ ସେଲ୍ଫି ପ୍ରତିଯୋଗିତାର ବିଜେତା ଭୁବନେଶ୍ୱରର ଡ. ସୁରଜ ମେହେର, ଡ. ସୋନମ୍ ସ୍ୱାଇଁ ଏବଂ ଗୁରୁ ଆଶିଷ ମହାନ୍ତିଙ୍କୁ ଏହି ଅବସରରେ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଇଥିଲା।

# ବେଦାନ୍ତ ନନ୍ଦଘର ପୁରସ୍କୃତ

**ଭୁବନେଶ୍ୱର,୨୩।୨**

ବେଦାନ୍ତ ଗ୍ରୁପ୍‌ର ନନ୍ଦଘର ପ୍ରକଳ୍ପକୁ ପୁରସ୍କୃତ କରାଯାଇଛି। ଶିଶୁ ବିକାଶ ବର୍ଗରେ ବେଦାନ୍ତ ଲିମିଟେଡ୍‌କୁ ସିଏସ୍‌ଆର୍ ସାଇନିଂ ଷ୍ଟାର ପୁରସ୍କାର ପ୍ରଦାନ କରାଯାଇଛି। ମୁମ୍ବାଇସ୍ଥିତ ରାଜ୍ୟ ଭବନରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତସିଂହ କୋଶିଆରୀ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶିଶୁମାନଙ୍କର ସାମଗ୍ରିକ ବିକାଶ ଓ ଅଭିବୃଦ୍ଧି ଦ୍ୱାରା ରାଷ୍ଟ୍ର ଗଠନ ଦିଗରେ କମ୍ପାନୀର ପ୍ରୟାସକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରିଛି। ପୁରସ୍କାର ଗ୍ରହଣକରି ଗୌରବାନ୍ୱିତ ବୋଲି ବେଦାନ୍ତର ଡାଇରେକ୍ଟର ସୁଶ୍ରୀ ପ୍ରିୟା ଅଗ୍ରୱାଲ କହିଛନ୍ତି। ଶିଶୁଙ୍କ ମଧ୍ୟରେ ଅପପୁଷ୍ଟି ଦୂରୀକରଣ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଯୋଗାଣ ଏବଂ କୌଶଳ ବିକାଶ କ୍ଷେତ୍ରରେ ନନ୍ଦଘର ନିଜର ଯୋଗଦାନ ରଖିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଏଲ୍‌ଆଇସିର ନୂଆ ବୀମା ଜ୍ୟୋତି ପଲିସି

**ନୂଆଦିଲ୍ଲୀ,୨୩।୨**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ନୂଆ 'ବୀମା ଜ୍ୟୋତି' ପଲିସି ଶୁଭାରମ୍ଭ କରାଯାଇଛି। ଏହି ପଲିସିର ପ୍ରମୁଖ ବିଶେଷତ୍ୱ ହେଲା ବାର୍ଷିକ ୫% ହାରରେ ପଲିସି ଅବଧି ଶେଷ ଯାଏ ସୁନିଶ୍ଚିତ ଆୟର ବ୍ୟବସ୍ଥା। ଏହା ଏକ ନନ୍ ଲିଙ୍କ୍‌ଡ ନନ୍ ପାର୍ଟିସିପେଟିଂ ଇଣ୍ଡିଭିଜୁଆଲ ସେଭିଂ ପ୍ଲାନ୍। ଲୋକମାନେ ଏହାକୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ କ୍ରୟ କରିପାରିବେ। ମାତ୍ର ୨ବର୍ଷ ପ୍ରିମିୟମ ଦେବା ପରେ ଲୋନ୍ ଏବଂ ସରେଣ୍ଡର ସୁବିଧା ଏଥିରେ ରହିଛି। ଉକ୍ତ ପଲିସିର ସର୍ବନିମ୍ନ ବୀମା ରାଶି ୧ ଲକ୍ଷ ଟଙ୍କା ହୋଇଥିବା ବେଳେ ସର୍ବୋଚ୍ଚ ସୀମା କିଛି ନାହିଁ। ପଲିସିର ଅବଧି ୧୫ରୁ ୨୦ ବର୍ଷ ରହିଛି। ସେହିଭଳି ପ୍ରିମିୟମ ଦେୟ ପଲିସି ଶେଷ ହେବାର ୫ ବର୍ଷ ପୂର୍ବରୁ ବନ୍ଦ ହୋଇଯାଏ। ୩ ମାସର ଶିଶୁଠାରୁ ଆରମ୍ଭ କରି ୬୦ ବର୍ଷର ବୟସ୍କ ବ୍ୟକ୍ତି ଏହାର ବୀମାଭୁକ୍ତ ହୋଇପାରିବେ। ମ୍ୟାଚୁରିଟି ହେବା ବେଳକୁ ବୀମାଧାରୀଙ୍କ ସର୍ବନିମ୍ନ ବୟସ ୧୮ ବର୍ଷ ହୋଇଥିବା ବେଳେ ସର୍ବାଧିକ ୭୫ ବର୍ଷ ରହିଛି। ପଲିସି କରିବାର ୨ ବର୍ଷ ପରେ ବା ୮ ବର୍ଷ ହୋଇଗଲେ ଏହା ରିସ୍କ କଭର କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୋଜନାରେ ଅତିରିକ୍ତ ଦେୟ ଜରିଆରେ ଇଚ୍ଛାଧୀନ ମୃତ୍ୟୁ ଓ ଅକ୍ଷମ ବୀମା ରାଶି ପ୍ରାପ୍ତି ରାଇଡର ନୂତନ ଟର୍ମ ଆସ୍ୟୁରାନ୍ସ ରାଇଡର, ଦୁରାରୋଗ୍ୟ ବ୍ୟାଧିଜନିତ ଅସୁସ୍ଥତା ରାଇଡର ଭଳି ସୁବିଧା ଉପଲବ୍ଧ ରହିଛି। ଏହାଦ୍ୱାରା ଲୋକମାନେ ସୁରକ୍ଷା ଏବଂ ସଞ୍ଚୟ ଭଳି ଆକର୍ଷଣୀୟ ସୁବିଧା ହାସଲ କରିବେ ବୋଲି ଏଲ୍‌ଆଇସି ପକ୍ଷରୁ ସୂଚନା ଦିଆଯାଇଛି।

DSPL-216
ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ
ଇଡ୍‌କୋ ପ୍ରଦର୍ଶନୀ ପଡିଆ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଉଦ୍‌ଘାଟନ
୨୪ ଫେବୃୟାରୀ ସନ୍ଧ୍ୟା ୬ ଘଟିକା
ମୁଖ୍ୟ ଅତିଥି
ଶ୍ରୀମତୀ ପଦ୍ମିନୀ ଦିଆନ
ମାନ୍ୟବର ମନ୍ତ୍ରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା
ଉକ୍ତ ଉତ୍ସବରେ ଉପସ୍ଥିତ ରହି ହସ୍ତଶିଳ୍ପ କାରିଗର ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁରୋଧ।
ଏହି ପ୍ରଦର୍ଶନୀରେ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଜରୁରୀ
ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା)
OIPR-43002/13/0012/2021



**ଶତକ ଅପେକ୍ଷାରେ ଈଶାନ୍ତ**

କପିଳ ଦେବଙ୍କ ପରେ ଭାରତର ଦ୍ୱିତୀୟ ଦ୍ରୁତ ବୋଲର ଭାବେ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ ଖେଳିବାକୁ ଈଶାନ୍ତ ଶର୍ମା ପ୍ରସ୍ତୁତ।

୧୧

୧୨

**ଐଶ୍ୱର୍ଯ୍ୟାଙ୍କ ପ୍ରେମରେ ପଡ଼ିଥିଲେ ଅଭିଷେକ**

ଫିଲ୍ମ 'ବଣ୍ଟି ଏବଂ ବବ୍ଲି'ର କଜରାରେ... ଗୀତର ଶୁଟିଂ ସମୟରେ ଅଭିଷେକ ଐଶ୍ୱର୍ଯ୍ୟାଙ୍କ ଲୁଚାଛପା ପ୍ରେମ ଆରମ୍ଭ ହୋଇଥିଲା।



# ବିଜେଡି-ଭାଜପା ଟଣାଓଟରା

## ସାଇକେଲରେ ବିଧାନସଭା ଆସିଲେ କଂଗ୍ରେସ ବିଧାୟକ



ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ, ତାରା ପ୍ରସାଦ ବାହିନୀପତି ଓ ଅଧିରାଜ ପାଣିଗ୍ରାହୀ ସାଇକେଲରେ ମଙ୍ଗଳବାର ବିଧାନସଭାକୁ ଯାଉଛନ୍ତି।

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ପେଟ୍ରୋଲ ଓ ଡିଜେଲ ଦର ହୁ ହୁ ହୋଇ ବଢ଼ିଚାଲିଛି। ଦେଶର କେତେକ ରାଜ୍ୟରେ ପେଟ୍ରୋଲ ୧୦୦ ଟଙ୍କା ଛୁଇଁଲାଣି। ଓଡ଼ିଶାର କେତେକ ସ୍ଥାନରେ ମଧ୍ୟ ପ୍ରିମିୟମ ପେଟ୍ରୋଲ ଦର ୧୦୦ ଟଙ୍କା ଟପିଗଲାଣି। ଜନସାଧାରଣ ତ୍ରାହି ତ୍ରାହି ଡାକିଲେଣି। ଦର ବୃଦ୍ଧିକୁ ନେଇ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିବା ବେଳେ ବିଜେଡି ଓ ଭାଜପା ଟିକସ ହ୍ରାସକୁ ନେଇ ପରସ୍ପର ଗୋହି ଖୋଳାଖୋଳି ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କୁ କୋଭିଡ୍ ମହାମାରୀ ବେଳେ ଲୁଟୁଛନ୍ତି। ମଙ୍ଗଳବାର ବିଧାନସଭାରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଣି କଂଗ୍ରେସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଛିଡା କରାଇଛି।

ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଦେଶରେ ପେଟ୍ରୋଲ ଦର ୧୦୦ ଟଙ୍କା ଟପିଲାଣି। ଗ୍ୟାସ ଦର ୮୦୦ ଟଙ୍କା ଉପରକୁ ଗଲାଣି। କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୩୩ ଟଙ୍କା ଟିକସ ନେଉଥିବା ବେଳେ ଡିଜେଲ ଉପରୁ ୩୨ ଟଙ୍କା ନେଉଛନ୍ତି। ରାଜ୍ୟ ସରକାର ଭାଟ୍ ବାବଦରେ ୨୦ ଟଙ୍କା ନେଉଛନ୍ତି। କୋଭିଡ୍ ସମୟରେ ପେଟ୍ରୋଲ ଉପରୁ ୧୦ ଓ ଡିଜେଲ ଉପରୁ ୧୩ ଟଙ୍କା ସୀମା ଶୁଳ୍କ ନେଉଛନ୍ତି। ଉପା ସରକାର ଥିବା ବେଳେ ବିଜେଡି ନେତା ପଲ୍ଲୀରୁ ଦିଲ୍ଲୀ ଯାଏ ଗ୍ୟାସ ସିଲିଣ୍ଡର ଧରି ବୁଲୁଥିଲେ। ଏବେ ପାଟି ଖୋଲୁନି। ଛତିଶଗଡ଼

**ତୈଳ ଦର ବୃଦ୍ଧି**
- ବିଧାନସଭାରେ ମୁଲତବୀ ଆଲୋଚନା
- କେନ୍ଦ୍ର, ରାଜ୍ୟକୁ କଂଗ୍ରେସର ଟାର୍ଗେଟ
- ମନ୍ତ୍ରୀ କହିଲେ ରାଜ୍ୟଠାରୁ କେନ୍ଦ୍ର ଅଧିକ ଟିକସ ନେଉଛି

ପେଟ୍ରୋଲ ଦର କମାଇଛି। ରାଜ୍ୟ ସରକାର ଟିକସ କମାନ୍ତୁ ବୋଲି ତାରା କହିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ପାକିସ୍ତାନରେ ପେଟ୍ରୋଲ ୫୧ ଟଙ୍କା ୧୩ ପଇସାରେ ମିଳୁଥିବା ବେଳେ ନେପାଳରେ ୬୮ ଟଙ୍କାରେ ମିଳୁଛି। କେତେକ ଦେଶରେ ୧୦ରୁ ୧୫ ଟଙ୍କାରେ ପେଟ୍ରୋଲ ମିଳୁଛି। ବିଜେଡି କାହିଁକି ତୁଣ୍ଡିମାରି ବସିଛି। କେନ୍ଦ୍ରରେ ଭାଜପା ସରକାର ଯାହା କହୁଛନ୍ତି, ବିଜେଡି ସେୟା କରୁଛି। ତୈଳ ଦର ବୃଦ୍ଧି ଚାଷୀମାନଙ୍କୁ ପ୍ରଭାବିତ କରିଛି। ରାଜ୍ୟ ସରକାର କେନ୍ଦ୍ରକୁ ନ ଅନାଇ ତୈଳ ଉପରୁ ଭାଟ୍ କମାନ୍ତୁ ବୋଲି ସେ ଦାବି କରିଥିଲେ। ଭାଜପା ସଭ୍ୟ ବିଷ୍ଣୁ ସେଠୀ କହିଥିଲେ, ପେଟ୍ରୋଲ ଦର ବଢାଇ କେନ୍ଦ୍ର ସରକାର ଗରିବ କଲ୍ୟାଣ କାମରେ ସେହି ଅର୍ଥକୁ ଲଗାଉଛନ୍ତି। ଓଡ଼ିଶାରେ ଉଜ୍ଜ୍ୱଳା ଯୋଜନାରେ ୪୫ ଲକ୍ଷ ୩୪ ହଜାର ପରିବାରକୁ ମାଗଣାରେ ଗ୍ୟାସ ଯୋଗାଇ ଦିଆଯାଇଛି। ଗରିବ କଲ୍ୟାଣ ଯୋଜନାରେ ୧.୯୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କଂଗ୍ରେସକୁ ଇଙ୍ଗିତ କରି ସେ କହିଲେ ଯେ, ହଜାରେ ମୂଷା ଖାଇବା ପରେ ବିଲେଇ ତୀର୍ଥ କରିବାକୁ ଯାଉଛି। କଂଗ୍ରେସ ସମୟରେ ଗରିବଙ୍କୁ ଲୁଟ୍ କରି ସୁଇସ୍ ବ୍ୟାଙ୍କରେ ଟଙ୍କା ଠୁଳ ହେଉଥିଲା। ଏବେ ଦୁର୍ନୀତିର ନାଁଗନ୍ଧ ନାହିଁ। କୌଣସ ମନ୍ତ୍ରୀ କଥା ଦୂରରେ ଥାଉ କୌଣସି ଏମ୍‌ପିଙ୍କ ନାମରେ ଦୁର୍ନୀତି ଅଭିଯୋଗ ନାହିଁ। ଭାଜପା ସଦସ୍ୟ ମୋହନ ଚରଣ ମାଝି ଓ ମୁକେଶ ମହାଲିଙ୍ଗ କହିଲେ, ମେଘାଳୟ ଓ ଛତିଶଗଡ ସରକାର ତୈଳ ଦର କମାଇଛନ୍ତି। ଓଡ଼ିଶା ସରକାର ତୈଳରୁ ୪୧ ପ୍ରତିଶତ ଟିକସ ପାଉଛନ୍ତି। ଏହାକୁ କମାଇ ପାରିବେ। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର କହିଲେ, କେନ୍ଦ୍ର ସରକାର ଡିଜେଲ ଓ ପେଟ୍ରୋଲ ଉପରେ ୨୦୨୦ ମେ'ରୁ ଇନ୍‌ଫ୍ରାଷ୍ଟ୍ରକ୍ଚର ସେସ୍ ଲଗାଇ ଲିଟର ପିଛା ୧୮ ଟଙ୍କା ଆଦାୟ କରୁଛନ୍ତି। ସେଥିରୁ ରାଜ୍ୟଗୁଡିକ କିଛି ପାଉନାହାନ୍ତି। ତାହାକୁ କେନ୍ଦ୍ର ସରକାର ଉଚ୍ଛେଦ କରନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଦସ୍ୟ ଲତିକା ପ୍ରଧାନ କହିଥିଲେ, କେନ୍ଦ୍ର ସରକାର ଡିଜେଲ ଉପରୁ ୩୨ଟଙ୍କା ୯୦ ପଇସା ନେଉଥିବା ☞ପୃଷ୍ଠା-୨

## ଓଡ଼ିଶାରେ ପେଟ୍ରୋଲ ୧୦୦ ଟପିଲା

**ନୂଆଦିଲ୍ଲୀ,୨୩।୨**

ଦୁଇ ଦିନ ସ୍ଥିର ରହିବା ପରେ ପୁଣି ଅସ୍ଥିର ହୋଇଛି ତୈଳ ଦର। ଏହି ଦର ବୃଦ୍ଧି ଫଳରେ ଓଡ଼ିଶାର ମୟୂରଭଞ୍ଜର କରଞ୍ଜିଆରୁ ଆରମ୍ଭକରି ମାଲକାନଗିରିର କାଲିମେଳା ଏବଂ ଗଞ୍ଜାମର ବ୍ରହ୍ମପୁରରୁ ବରଗଡ଼ ଭଟିଲି ଯାଏ ପେଟ୍ରୋଲ ଲିଟର ପିଛା ୯୨ ରୁ ୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦର ମଧ୍ୟ ବଢ଼ି ୮୯ ରୁ ୯୩ ଟଙ୍କାରେ ବିକ୍ରି ହେଉଛି। କଲିମେଳାରେ ପେଟ୍ରୋଲ ଲିଟର ପିଛା ୧୦୦ଟଙ୍କା ଅତିକ୍ରମ କରିବା ଲୋକଙ୍କୁ ଅତିଷ୍ଠ କଲାଣି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୬ ପଇସା ☞ପୃଷ୍ଠା-୨

**କାଲିମେଳାରେ ପ୍ରିମିୟମ ପେଟ୍ରୋଲ ୧୦୦.୨୬ ଟଙ୍କା**

**ପେଟ୍ରୋଲ ୩୬, ଡିଜେଲ ୩୯ ପଇସା ବଢ଼ିଲା**

## ଦିଶା ପାଇଲେ ଜାମିନ

**ନୂଆଦିଲ୍ଲୀ, ୨୩।୨**



ଦିଶା ରବି

ଟୁଲ୍‌କିଟ୍ ମାମଲାରେ ଗିରଫ ହୋଇଥିବା ଜଳବାୟୁ କର୍ମୀ ଦିଶା ରବିଙ୍କୁ ଦିଲ୍ଲୀର ଅତିରିକ୍ତ ସେସନ୍ସ କୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ୧ ଲକ୍ଷ ଟଙ୍କା ଲେଖାଏ ଦୁଇଟି ସିଓରିଟି ବଣ୍ଡ ଦାଖଲ କରି ଜାମିନରେ ଯିବାକୁ ତାଙ୍କୁ କୁହାଯାଇଛି। ହ୍ୱାଟ୍ସଆପ୍ ଗ୍ରୁପ୍ କରିବା କିମ୍ବା ଟୁଲ୍‌କିଟ୍ ଡକ୍ୟୁମେଣ୍ଟର ସମ୍ପାଦକ ହେବା ଅପରାଧ ନୁହେଁ ବୋଲି ଅଦାଲତ କହିଛନ୍ତି।

ସରକାରଙ୍କ ବିରୋଧରେ ଅସନ୍ତୋଷ ବଢ଼ାଇବା ପାଇଁ ଆନ୍ଦୋଳନକାରୀ ଚାଷୀଙ୍କ ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ହିଂସାକୁ ନେଇ ଦିଶା, ନିକିତା ଜାକୋବ, ଶାନ୍ତନୁ ମୁଲୁକ୍ ଖଲିସ୍ତାନୀ ସପକ୍ଷବାଦୀ ସଂଗଠନ ପୋଏଟିକ୍ ଜଷ୍ଟିସ୍ ଫାଉଣ୍ଡେଶନ ସହଯୋଗରେ ଟୁଲ୍‌କିଟ୍ ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଦିଲ୍ଲୀ ପୋଲିସ ଦିଶାଙ୍କୁ ଗତ ସପ୍ତାହରେ ତାଙ୍କ ବେଙ୍ଗାଲୁରୁ ଘରୁ ଗିରଫ କରିଥିଲା। ଚାଷୀ ଆନ୍ଦୋଳନର ଟୁଲ୍‌କିଟ ପ୍ରସ୍ତୁତ କରି ଏହାକୁ ଦିଶା ଶେୟାର କରୁଥିଲେ ବୋଲି ଦିଲ୍ଲୀ ପୋଲିସର ସାଇବର ସେଲ୍ ଅଭିଯୋଗ ଆଣିଥିଲା। ପରେ ଏହି ଟୁଲ୍‌କିଟ୍‌କୁ ସ୍ୱିଡେନ୍‌ର ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗ ଓ ଅନ୍ୟମାନେ ଟୁଇଟରରେ ଶେୟାର କରିଥିଲେ। ଫଳରେ ଏହା ବଡ଼ ☞ପୃଷ୍ଠା-୨

## ଧାନ ବିକ୍ରି ହେଲାନି ଆଖି ବୁଜିଲେ ଚାଷୀ

**ପଦ୍ମପୁର ଚାଷୀ ଆନ୍ଦୋଳନରୁ ରାତିରେ ଫେରିଥିଲେ**

**ବରଗଡ଼ ଅଫିସ୍/ପଦ୍ମପୁର,୨୩।୨**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସରେଇକେଲା ପଞ୍ଚାୟତ ସମ୍ବଲପୁରୀ ଗ୍ରାମରେ ମଙ୍ଗଳବାର ଜଣେ ଚାଷୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲାମଣି ଭୋଇ(୫୯)। ଧାନ ବିକ୍ରି ହୋଇ ନ ପାରିବାରୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ବଡଭାଇ ନୀଳମଣି ଭୋଇ କହିଛନ୍ତି।

ସୂଚନା ଅନୁସାରେ, ଧାନ ବିକ୍ରି ପାଇଁ ବାଲାମଣିଙ୍କୁ ଗତ ଡିସେମ୍ବର ୧୦ରେ ଏକ ଟୋକନ ମିଳିଥିଲା। ଟୋକନ ପାଇବା ପରେ ସେ ସେହି ମାସ ୨୨ରେ ୧୪୦ ପ୍ୟାକେଟ୍ ଧାନ ନିକଟସ୍ଥ ଲଖମରା ମଣ୍ଡିରେ ରଖିଥିଲେ। ମାତ୍ର ଧାନ ବିକ୍ରି ହୋଇ ନ ଥିଲା। ଅନ୍ୟପକ୍ଷେ ଗତ ଜାନୁୟାରୀ ୧୦ରେ ତାଙ୍କୁ ମିଳିଥିବା ଟୋକନ ଅବଧି ସରି ଯାଇଥିଲା। ଏହାକୁ ନେଇ ବାଲାମଣି ସବୁବେଳେ ଚିନ୍ତାରେ ରହୁଥିଲେ। ସୋମବାର ରାତିରେ ସେ ପଦ୍ମପୁରରେ ଚାଲିଥିବା ଚାଷୀ ଆନ୍ଦୋଳନରୁ ଘରକୁ ଫେରିଥିଲେ। ମଙ୍ଗଳବାର ଭୋର୍ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ଧାନ ବିକ୍ରିକୁ ନେଇ ସେ ସବୁବେଳେ ଚିନ୍ତିତ ରହୁଥିଲେ ବୋଲି ☞ପୃଷ୍ଠା-୨




## ଏବେ ଖୋଲିବନି ୧ମରୁ ୮ମ ଶ୍ରେଣୀ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

ରାଜ୍ୟରେ ଏବେ ୧ମରୁ ୮ମ ଶ୍ରେଣୀ ଖୋଲିବ ନାହିଁ। ମହାରାଷ୍ଟ୍ର, କେରଳ, ଗୁଜରାଟ ଆଦି କେତେକ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ସହ ପୁଣି ଲକ୍‌ଡାଉନ୍ ଆରମ୍ଭ ହୋଇଥିବାରୁ ଓଡ଼ିଶାରେ ମଧ୍ୟ ଛନକା ପଶିଛି। ବିଶେଷକରି ରାଜ୍ୟର ଶିକ୍ଷା ବ୍ୟବସ୍ଥା ସ୍ୱାଭାବିକ ସ୍ଥିତିକୁ ଆସୁଥିବାବେଳେ ୧ରୁ ୮ମ ଶ୍ରେଣୀ ଖୋଲିବା ନେଇ ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ରାଜ୍ୟର ୧ମରୁ ୮ମ ଶ୍ରେଣୀ ଖୋଲିବା ନେଇ କୌଣସି ନୀତିଗତ ନିଷ୍ପତ୍ତି ନିଆଯାଇ ନାହିଁ। ଏନେଇ ବିଚାର ବିମର୍ଷ ଚାଲିଛି। କିନ୍ତୁ କିଛି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପୁଡୁଚେରୀ କାହାଣୀ**






# ଜେଲ ଗଲେ ଫୁଲବାଣୀର ପୂର୍ବତନ ବିଧାୟକ

**ଫୁଲବାଣୀ ଅଫିସ,୨୩।୨**

ପଥଚାରୀଙ୍କୁ ମାଡ଼ ମାରିବା ସହ ଟଙ୍କା ଲୁଟ ଅଭିଯୋଗରେ ମଙ୍ଗଳବାର ଫୁଲବାଣୀର ପୂର୍ବତନ ବିଜେଡି ବିଧାୟକ ଦେବେନ୍ଦ୍ର କହଁର ଗିରଫ ହୋଇଛନ୍ତି। ସେ ୨୦୦୯ରେ ଫୁଲବାଣୀରୁ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ତାଙ୍କୁ ବିଜେଡି ପକ୍ଷରୁ ଟିକେଟ୍ ଦିଆଯାଇ ନ ଥିଲା। ଲୁଟ ଅଭିଯୋଗରେ ଟାଉନ୍ ଥାନା ପୋଲିସ ଦେବେନ୍ଦ୍ର ଓ ତାଙ୍କ ସହଯୋଗୀ କୁହାଯାଉଥିବା କନଷ୍ଟେବଳ ଶ୍ରୀନିବାସ କହଁରଙ୍କୁ ଗିରଫ ପରେ ଏସ୍‌ଡିଜେଏମ କୋର୍ଟକୁ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ଗୌରୀଶଙ୍କର ବେହେରା ସୂଚନା ଦେଇଛନ୍ତି। କନଷ୍ଟେବଳ ଶ୍ରୀନିବାସଙ୍କୁ କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।



ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର

**ପଥଚାରୀଙ୍କୁ ମାଡ଼ ମାରି ଲୁଟ୍ ଅଭିଯୋଗ**

**କନଷ୍ଟେବଳ ନିଲମ୍ବିତ**

ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଙ୍କିଳି ଗ୍ରାମର କାମାକ୍ଷା ବେହେରା କେତେଜଣ ସାଙ୍ଗଙ୍କ ସହ ମିଶି କାର୍‌ରେ ଗୋଚ୍ଛାପଡା ଥାନା ଅନ୍ତର୍ଗତ କାଶିନୀପଦର ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ସେମାନେ ରାସ୍ତା ଜାଣି ନ ଥିବାରୁ ସ୍ଥାନୀୟ ଲୋକଙ୍କୁ ବାଟ ପଚାରି ଯାଉଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ କଟ୍ରିଙ୍ଗିଆ-ଉର୍ମାଗଡ ରାସ୍ତାରେ ସହଯୋଗୀମାନଙ୍କ ସହ ଦେବେନ୍ଦ୍ର ନିଜକୁ ପୋଲିସ ପରିଚୟ ଦେଇ କାମାକ୍ଷାଙ୍କ କାର୍ ଅଟକାଇ ତୁମେମାନେ କିଏ ବୋଲି ପଚାରିଥିଲେ। କାମାକ୍ଷା ନିଜର ଓ ତାଙ୍କ ସାଙ୍ଗମାନଙ୍କ ପରିଚୟ ଦେଇଥିଲେ ମଧ୍ୟ ସେମାନେ ନ ଛାଡ଼ି ଥାନାକୁ ଚାଲ ବୋଲି କହିଥିଲେ। ପରେ ଅଭିଯୁକ୍ତମାନେ ସମସ୍ତଙ୍କୁ ଜୋର୍‌ଜବରଦସ୍ତ ଫୁଲବାଣୀ ଆଣି ଏକ ଘରେ ବନ୍ଦ କରି ରଖିବା ସହ ମାର୍‌ପିଟ କରିଥିଲେ। ଦେବେନ୍ଦ୍ର ଓ ତାଙ୍କ ସହଯୋଗୀମାନେ କାମାକ୍ଷାଙ୍କ ସାଙ୍ଗ ଜାମିଲଙ୍କଠାରୁ ୧୦ ହଜାର ଟଙ୍କା ଛଡାଇ ନେବା ସହ ଅନ୍ୟ ଜଣେ ସାଙ୍ଗ ଖାଲିଦଙ୍କୁ ନିକଟସ୍ଥ ଏଟିଏମ୍‌କୁ ନେଇ ୨୦ ହଜାର ଟଙ୍କା ଉଠାଇ ନେଇଥିଲେ। ☞ପୃଷ୍ଠା-୨

ଧରିତ୍ରୀ
DHARITRI
ବୁଧବାର, ୨୪ ଫେବୃୟାରୀ, ୨୦୨୧

**ଆଜିର ମନ୍ତବ୍ୟ**

"କରୋନା ସମୟରେ ଭାରତର ସ୍ୱାସ୍ଥ୍ୟକ୍ଷେତ୍ର ଯେଉଁ ଶକ୍ତି ପ୍ରଦର୍ଶନ କରିଛି, ତାହାକୁ ସମଗ୍ର ବିଶ୍ୱ ଅତି ନିକଟରୁ ଦେଖିଛି। ଦେଶବାସୀଙ୍କୁ ଆହୁରି ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର ପ୍ରତିବଦ୍ଧ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ହାପି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ବିଜେଡି-ଭାଜପା...

ବେଳେ ପେଟ୍ରୋଲ ଉପରୁ ୩୫ ଟଙ୍କା ୭୦ ପଇସା ଟିକସ ନେଉଛନ୍ତି। ୧୦୦ ଟଙ୍କାର ପେଟ୍ରୋଲ ପକାଇ ଘରକୁ ଆସିବା ବେଳକୁ ତାହା ସରି ଯାଉଛି। ଇନ୍‌ଫ୍ରାଷ୍ଟ୍ରକ୍ଚର ସେସ୍ କେନ୍ଦ୍ର ସରକାର ଉଠାଇ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ତୈଳ ଦର ବୃଦ୍ଧିକୁ ପ୍ରତିବାଦ କରି କଂଗ୍ରେସ ସଦସ୍ୟମାନେ ବିଧାନସଭାକୁ ସାଇକେଲରେ ଆସିଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହାର ଜବାବରେ କହିଥିଲେ ଯେ, ପେଟ୍ରୋଲ ଓ ଡିଜେଲ ଉପରୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ କମ୍ ଟିକସ ଆଦାୟ କରୁଛନ୍ତି। ତୈଳ ବିକ୍ରୟ କରୁଥିବା କମ୍ପାନୀଗୁଡିକର ବେସ୍ ପ୍ରାଇସ, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ଅତିରିକ୍ତ ଉତ୍ପାଦ ଶୁଳ୍କ ଓ ମୂଲ୍ୟଯୁକ୍ତ ଟିକସ(ଭାଟ୍)କୁ ଭିତ୍ତିକରି ପେଟ୍ରୋଲ ଓ ଡିଜେଲର ଖୁଚୁରା ମୂଲ୍ୟ ନିରୂପଣ କରାଯାଇଥାଏ। ଭୁବନେଶ୍ୱରରେ ୨୦୨୧ ଫେବୃୟାରୀ ୨୩ରେ ପେଟ୍ରୋଲ ଲିଟର ପିଛା ଖୁଚୁରା ମୂଲ୍ୟ ୯୧.୬୬ ଟଙ୍କା ଥିଲା। ସେଥିରୁ ତୈଳ ବିକ୍ରି କରୁଥିବା କମ୍ପାନୀଗୁଡିକ ପକ୍ଷରୁ ସ୍ଥିର କରାଯାଇଥିବା ବେସ୍ ପ୍ରାଇସ ୩୩.୬୮ ଟଙ୍କା ଥିବାବେଳେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୧.୪୦ ପଇସା ଓ ଅତିରିକ୍ତ ଉତ୍ପାଦନ ଶୁଳ୍କ ୧୧ ଟଙ୍କା, ଇନ୍‌ଫ୍ରାଷ୍ଟ୍ରକ୍ଚର ସେସ୍ ୧୮ ପଇସା ଓ କୃଷି ଭିତ୍ତିଭୂମି ଉନ୍ନୟନ ସେସ୍ ୨ ଟଙ୍କା ୫୦ ପଇସାକୁ ମିଶାଇ କେନ୍ଦ୍ର ସରକାର ମୋଟ ୩୨.୯୦ ଟଙ୍କା ଆଦାୟ କରୁଥିବାବେଳେ ରାଜ୍ୟ ସରକାର ୩୨ ପ୍ରତିଶତ ଭାଟ୍ ବାବଦକୁ ୨୧.୪୦ ଟଙ୍କା ଆଦାୟ କରୁଛନ୍ତି। ସେହିପରି ଭୁବନେଶ୍ୱରରେ ଫେବୃୟାରୀ ୨୩ରେ ଡିଜେଲର ଖୁଚୁରା ବିକ୍ରୟ ମୂଲ୍ୟ ୮୮.୬୩ ଟଙ୍କା ରହିଛି। ସେଥିରୁ କେନ୍ଦ୍ର ସରକାର ବିଭିନ୍ନ ଟିକସ ବାବଦରେ ୩୧ ଟଙ୍କା ୮୦ ପଇସା ଆଦାୟ କରୁଥିବା ବେଳେ ରାଜ୍ୟ ସରକାର ଭାଟ୍ ବାବଦକୁ ୧୮ ଟଙ୍କା ୯୦ ପଇସା ନେଉଛନ୍ତି। ୧୦୧ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଅନୁସାରେ ଜିଏସ୍‌ଟି ପ୍ରଚଳନ ହେବା ଫଳରେ ବର୍ତ୍ତମାନ କେବଳ ୬ଟି ଦ୍ରବ୍ୟ ଯଥା ଅଶୋଧିତ ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ, ପ୍ରାକୃତିକ ଗ୍ୟାସ ଓ ମାନବ ବ୍ୟବହୃତ ମଦ ବ୍ୟତୀତ ଅନ୍ୟ ସମସ୍ତ ଦ୍ରବ୍ୟ ଉପରେ ଜିଏସ୍‌ଟି ଲାଗୁ ହୋଇଛି। ମନ୍ତ୍ରୀ କହିଛନ୍ତି ଯେ, ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୯୧ ଟଙ୍କା ୬୬ ପଇସା ଥିବାବେଳେ ଭୋପାଳରେ ୯୮ ଟଙ୍କା ୯୬ ପଇସା, ମୁମ୍ବାଇରେ ୯୭.୩୪ ଟଙ୍କା, କୋଲକାତାରେ ୯୧ ଟଙ୍କା ୧୨ ପଇସା, ଚେନ୍ନାଇରେ ୯୨ ଟଙ୍କା ୯୦ ପଇସା, ହାଇଦ୍ରାବାଦରେ ୯୪ ଟଙ୍କା ୫୪ ପଇସା, ପାଟନାରେ ୯୩ ଟଙ୍କା ୨୫ ପଇସା, ଥିରୁଭାନନ୍ତପୁରମ୍‌ରେ ୯୨ ଟଙ୍କା ୪୬ ପଇସା, ଜୟପୁରରେ ୯୭ ଟଙ୍କା ୪୭ ପଇସା, ବିଶାଖାପାଟଣାରେ ୯୫ ଟଙ୍କା ୫୪ ପଇସା ରହିଛି। ସେହିପରି ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ୮୮ ଟଙ୍କା ୬୩ ପଇସା ଥିବା ବେଳେ ଭୋପାଳରେ ୮୯ ଟଙ୍କା ୬୦ ପଇସା, ମୁମ୍ବାଇରେ ୮୮ ଟଙ୍କା ୪୪ ପଇସା, ଚେନ୍ନାଇରେ ୮୬ ଟଙ୍କା ୩୧ ପଇସା, ହାଇଦ୍ରାବାଦରେ ୮୮ ଟଙ୍କା ୬୯ ପଇସା ରହିଛି। ସେହି ଟିକସ ଜନହିତକର କାର୍ଯ୍ୟରେ ଲାଗୁଛି ବୋଲି ଅର୍ଥମନ୍ତ୍ରୀ ପୂଜାରୀ କହିଛନ୍ତି।

## ଓଡ଼ିଶାରେ ପେଟ୍ରୋଲ...

ଏବଂ ଡିଜେଲ ୩୯ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୧.୬୬ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୮.୬୩ ଟଙ୍କାରେ ପହଞ୍ଚିଛି। ସେହିଭଳି ଅନ୍ୟ ପ୍ରମୁଖ ତୈଳ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ଓଡ଼ିଶାର ମାଲକାନଗିରି ସହରର କାଲିମେଲା ରାଜ୍ୟର ସର୍ବାଧିକ ରହିଛି। ସେଠାରେ ପେଟ୍ରୋଲ ଲିଟର ପିଛା ୧୦୦.୨୬ ଟଙ୍କା ରହିଥିବା ବେଳେ ଡିଜେଲ ଦର ୯୭.୧୪ ରହିଛି।

ନୂଆଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଉପରେ ୩୫ ପଇସା ଲେଖାଏ ବଢ଼ିଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୯୦.୯୩ ଟଙ୍କା ଓ ଡିଜେଲ ମୂଲ୍ୟ ଲିଟର ପିଛା ୮୧.୩୨ ଟଙ୍କାରେ ପହଞ୍ଚିଛି। ସେହିଭଳି ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା ୩୧ ବଢି ୯୨.୯୦ ଟଙ୍କା ହୋଇଥିବା ବେଳେ ଡିଜେଲ ଉପରେ ୩୩ ପଇସା ବୃଦ୍ଧି ପାଇ ୮୬.୩୧ଟଙ୍କା ଛୁଇଁଛି। ଅନ୍ୟପକ୍ଷରେ କୋଲକାତାରେ ପେଟ୍ରୋଲ ଲିଟର ପିଛା ୬୬ ପଇସା ହ୍ରାସ ପାଇ ୯୧.୧୨ ଟଙ୍କା ଏବଂ ଡିଜେଲ ଉପରେ ୩୬ ପଇସା କମି ୮୪.୨୦ ଟଙ୍କାରେ ବିକ୍ରି ହେଉଛି। ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ୩୪ ପଇସା ବୃଦ୍ଧି ପାଇ ୯୭.୩୪ ଟଙ୍କା ଥିବାବେଳେ ଡିଜେଲ ଉପରେ ୩୮ ପଇସା ବଢି ୮୪.୨୦ ଟଙ୍କା ରହିଛି।

ଚଳିତ ବର୍ଷ ଜାନୁୟାରୀ ୨ୟ ସପ୍ତାହରେ ତେଲ ଦର ବଢ଼ିବା ଆରମ୍ଭ କରିଥିଲା। ଜାନୁୟାରୀ ୬ ରୁ ଫେବୃୟାରୀ ୨୩ ମଧ୍ୟରେ ମୋଟ ୨୫ ଥର ଦର ବଢ଼ିସାରିଲାଣି। ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୭.୨୫ ଟଙ୍କା ଏବଂ ଡିଜେଲ ୭.୭୬ ଟଙ୍କା ମହଙ୍ଗା ହୋଇଥିବା ବିପିସିଏଲ୍ ପକ୍ଷରୁ ସୂଚନା ମିଳିଛି। ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟରେ ଖାଉଟିଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସୋମବାର ୪ଟି ରାଜ୍ୟ ସରକାର ତେଲ ଉପରେ ଭାଟ୍ ହ୍ରାସ କରିଛନ୍ତି। ଅନ୍ୟପକ୍ଷରେ ତେଲ ଦର ଅହେତୁକ ଭାବରେ ବୃଦ୍ଧି ପାଉଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ହ୍ରାସ ନେଇ କୌଣସି ପଦକ୍ଷେପ ବା ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଗତ ସୋମବାର ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୫ ଡଲାର ଅତିକ୍ରମ କରିଥିବା ଜଣାପଡିଛି। ସେହିଭଳି ବର୍ତ୍ତମାନ ସମୟରେ ଦେଶର କେତେକ ସହରରେ ପେଟ୍ରୋଲ ଦର ୧୦୦ ଟପି ସାରିଥିବା ବେଳେ ଆଉ କେତେକ ସହରରେ ଦର ୧୦୦ ନିକଟବର୍ତ୍ତୀ ହୋଇଥିବା ଜଣାପଡିଛି।

## ଦିଶା ପାଇଲେ...

ବିବାଦରେ ପରିଣତ ହୋଇଥିଲା। ଜାମିନ ପ୍ରଦାନ ବେଳେ ଅଦାଲତ କହିଥିଲେ, ୨୨ ବର୍ଷୀୟ ଜଳବାୟୁ କର୍ମୀ ଜାମିନ ନିୟମ ଉଲ୍ଲଂଘନ କରିବା ଭଳି ସ୍ପଷ୍ଟ କାରଣ ନାହିଁ। ତାଙ୍କ ନାଁରେ ପୂର୍ବରୁ କୌଣସି ଅପରାଧ ନାହିଁ। ବେଆଇନ 'ଶିଖ୍ ଫର୍ ଜଷ୍ଟିସ' ସଂଗଠନ ସହ ଦିଶାଙ୍କର ସମ୍ପର୍କ ଥିବାର କୌଣସି ରେକର୍ଡ ନାହିଁ। ସେ କୌଣସି ବିଚ୍ଛିନ୍ନତାବାଦୀ ଚିନ୍ତାଧାରା ସହ ଜଡ଼ିତ ଥିବାର ମଧ୍ୟ କୌଣସି ପ୍ରମାଣ ନାହିଁ। କୌଣସି ପୂର୍ବାନୁମାନ ଆଧାରରେ ତଦନ୍ତକାରୀ ସଂସ୍ଥା ନାଗରିକଙ୍କ ସ୍ୱାଧୀନତାକୁ ସଙ୍କୁଚିତ କରିବା ଲାଗି ଅନୁମତି ଦିଆଯାଇପାରିବ ନାହିଁ ବୋଲି ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦର ରାଣା କହିଥିଲେ।

## ଧାନ ବିକ୍ରି ହେଲାନି...

ନୀଳମଣି କହିଛନ୍ତି। ଚାଷୀନେତା ରମେଶ ମହାପାତ୍ର ମଧ୍ୟ ଅନୁରୂପ ମତ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ମଣ୍ଡିରେ ପଡ଼ିଥିବା ଧାନକୁ ଉଠାଯାଉ ନ ଥିବାରୁ ଗତ ୧୧ତାରିଖରୁ ପଦ୍ମପୁରରେ ଚାଷୀ ଆନ୍ଦୋଳନ ଜାରି ରହିଛି। ସ୍ଥାନୀୟ ଉପଜିଲାପାଳ, ତହସିଲ, ବ୍ଲକ, କୋଷାଗାର, କୃଷି, ଉଦ୍ୟାନ ବିଭାଗ ଅଫିସ୍‌ରେ ତାଲା ପକାଇ ଚାଷୀମାନେ ଅଚଳ କରି ଦେଇଛନ୍ତି। ସେହିପରି ସୋମବାରଠାରୁ କନସିଂହା ଛକରେ ସେମାନେ ରାସ୍ତା ଅବରୋଧ ଜାରି ରଖିଛନ୍ତି।

## ଏବେ ଖୋଲିବନି...

ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିବା ମନ୍ତ୍ରୀ ଦାଶ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ କରୋନା କୋପ କମିବା ପରେ ଦୀର୍ଘ ୯ ମାସ ପରେ ଜାନୁୟାରୀ ମାସରୁ ଧୀରେ ଧୀରେ ଶିକ୍ଷାନୁଷ୍ଠାନ ଖୋଲିଥିଲା। ପ୍ରଥମେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ସ୍କୁଲ ଯିବାକୁ ଅନୁମତି ମିଳିଥିଲା। ପରେ ନବମ ଓ ଏକାଦଶ ସହିତ ଅଙ୍ଗନୱାଡ଼ିଗୁଡ଼ିକ ଖୋଲିଥିଲା। ଖୁବ୍‌ଶୀଘ୍ର ଅର୍ଥାତ୍ ଚଳିତ ମାସ ଶେଷ ଆଡ଼କୁ କିମ୍ବା ମାର୍ଚ୍ଚ ପହିଲାବେଳକୁ ସ୍କୁଲ ଖୋଲିଯିବ ବୋଲି ଆଶା କରାଯାଉଥିଲା। ଏଥିପାଇଁ ବିଭାଗ ପକ୍ଷରୁ ଏସ୍‌ଓପି ପ୍ରସ୍ତୁତି ମଧ୍ୟ ହେଉଥିଲା। କିନ୍ତୁ ଅନ୍ୟ ରାଜ୍ୟରେ କରୋନାର ନୂଆ ଷ୍ଟ୍ରେନ୍ ଦେଖାଦେବା ପରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ସ୍କୁଲରେ କରୋନା ଯେପରି ନ ବ୍ୟାପେ ସେଥିନିମନ୍ତେ କଟକଣା କଡ଼ାକଡ଼ି ଭାବେ ପାଳନ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜେଲ ଗଲେ...

ପରେ ସମସ୍ତଙ୍କୁ ଛାଡ଼ି ଦେଇଥିଲେ। କାମାକ୍ଷା ଏ ନେଇ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଦେବେନ୍ଦ୍ର ଓ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଧାରା ୩୪୧/୩୨୩/୩୮୪/୩୯୫/୫୦୬ ଅନୁଯାୟୀ ନଂ.୨୪/୨୧ରେ ମାମଲା ରୁଜୁ ହୋଇଛି। ପୂର୍ବତନ ବିଧାୟକଙ୍କ ଏପରି କାରନାମା ଓ ଗିରଫଦାରି ଫୁଲବାଣୀରେ ଚର୍ଚ୍ଚାର ବିଷୟ ହୋଇଛି।

## ଶୂନ୍ୟକାଳରେ ଉଠିଲା ଯାତ୍ରା କଳାକାରଙ୍କ ପ୍ରସଙ୍ଗ

### ରୁଲିଂ ଦେଲେ ବାଚସ୍ପତି

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଯାତ୍ରା କଳାକାରମାନେ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କ ଅବସ୍ଥା ଦୟନୀୟ ହେଲାଣି। କେତେଜଣ କଳାକାର ରାଜ୍ୟ ଛାଡି ଅନ୍ୟ ଦେଶ ଓ ରାଜ୍ୟକୁ ଚାଲି ଗଲେଣି। ସୋମବାରଠାରୁ ସେମାନେ ରାଜଧାନୀରେ ଉପବାସରେ ରହିଛନ୍ତି। ୨ ହଜାର ଦର୍ଶକଙ୍କୁ ନେଇ ଯାତ୍ରା କରିବାକୁ ସେମାନଙ୍କୁ ଅନୁମତି ଦିଆଯାଉ। ମଙ୍ଗଳବାର ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଦସ୍ୟଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରୁଲିଂ ଦେଇ କହିଥିଲେ, ସବୁ ଅନୁଷ୍ଠାନ ଖୋଲି ଗଲାଣି, ତେବେ ଯାତ୍ରା କଳାକାରଙ୍କ ସ୍ଥିତିକୁ ଦେଖି ଅନୁମତି ଦେବା ନେଇ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ, କୋଭିଡ୍-୧୯ କଟକଣା ଯୋଗୁ ଯାତ୍ରା କଳାକାରମାନେ ସେମାନଙ୍କର ଜୀବିକା ହରାଇ ବସିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରି ସଫଳତା ହାସଲ କରିବେ। ଶତ୍ରୁତା କାରଣରୁ ନିର୍ମାଣାଧୀନ କାମଗୁଡ଼ିକ ବାଧାପ୍ରାପ୍ତ ହୋଇପାରେ। ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ କ୍ଷତିର ପ୍ରଶ୍ନ ରହିବ ନାହିଁ। ପରକଥାରେ କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**

ବନ୍ଧୁଙ୍କ ପାରିବାରିକ କଥାରେ କୌତୂହଳ ହୋଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ଯିବା ରାସ୍ତାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ କିମ୍ବା ଧନହାନି ଘଟିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ମିଥୁନ**

ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସହକର୍ମୀମାନଙ୍କର ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ବାକି ପଡିଥିବା ବହୁତ ଦିନର ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ**

କର୍ମକ୍ଷେତ୍ରର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ସିଂହ**

ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁମାନଙ୍କର ଛୋଟ ଛୋଟ କଥାକୁ ଧରି ବସିଲେ ନିଜେ ହିଁ କ୍ଷତିରେ ପଡ଼ିବେ। ଅର୍ଥାଭାବ ସାମୟିକ ବିଚଳିତ ଭାବ ସୃଷ୍ଟି କରିବ। ପୁରାତନ ରୋଗ ପୀଡ଼ାରେ ଯନ୍ତ୍ରଣା ଅନୁଭବ କରିବାକୁ ପଡ଼ିପାରେ।

**କନ୍ୟା**

କର୍ମକ୍ଷେତ୍ରରେ ମନ ମୁତାବକ କାମ ନ ହେବାଯୋଗୁ କ୍ଷୁବ୍ଧ ହେବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତର ହେବ। ଆଲୋଚନା ସମୟରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା**

ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ସୂଚନା ରହିଛି। ଅଫିସ୍‌ରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା**

ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ। ସାମାଜିକ ସ୍ତରରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ଏଣୁ ସତର୍କ ରହିବା ଭଲ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ବୁଦ୍ଧିଜୀବୀଙ୍କ ସୁନଜରରେ ଆସିପାରନ୍ତି। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ଧନୁ**

କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟ କଲେ ସଫଳତା ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଆତ୍ମୀୟମାନଙ୍କ ନିକଟରୁ ସ୍ନେହ ଶ୍ରଦ୍ଧା ପାଇବା ଦୁର୍ଲଭ ହୋଇପଡିବ। ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର**

ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ଖୁସି ହେବେ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**

ଆଜି ଯେଉଁ କାମରେ ହାତ ଦେଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ। କଠୋର ପରିଶ୍ରମ କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। କାମ ଠିକ୍ ଭାବରେ ଚାଲିବ।

**ମୀନ**

ପ୍ରଶାସନିକ ସ୍ତରରେ ତର୍କ ଓ ବିବାଦ ବୃଦ୍ଧି ପାଇବା କାରଣରୁ ଟେନସନ୍ ବଢିପାରେ। ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ମାଲିମକଦ୍ଦମା ତଥା ବିବାଦୀୟ ଘଟଣାରେ ବିଜୟୀ ହେବେ। ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି।

ଆଜି ମାଘ ଶୁକ୍ଳ ବରାହ ଦ୍ୱାଦଶୀ ବୁଧବାର। ବୈଷ୍ଣବ ସମ୍ମତ ଜୟା ଏକାଦଶୀ ଉପବାସ। ଫେବୃୟାରୀ ୨୪ ତାରିଖ। ଜାତୀୟ ଉତ୍ପାଦନ ଶୁଳ୍କଦିବସ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର- ଦିବା ଘ.୦୧.୧୫ମି. ଗତେ, ପୁଷ୍ୟା/କର୍କଟ, କର୍କଟ ରାଶିର ଘାତବାର। କନ୍ୟା ରାଶିର ଘାତଚନ୍ଦ୍ର। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୩ମି. ଗତେ ଘ.୦୭.୪୬ମି.ମଧ୍ୟେ, ଘ.୧୦.୦୪ମି. ଗତେ ଘ.୧୧.୩୬ମି. ମଧ୍ୟେ, ଘ.୦୩.୨୭ମି. ଗତେ ଘ.୦୫.୦୦ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୧.୫୫ମି. ଗତେ ଘ.୦୩.୨୭ମି. ମଧ୍ୟେ ମାହେନ୍ଦ୍ରବେଳ। ଦିବା ଘ.୧୧.୫୯ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Karan: Son age 29, B. Tech ITER, working Bangalore Softewr Company salary 9 lakhs, 7008986005. D-20012

Handsome brahmin boy 1972/ 5'6" astrologer settled Bhubaneswar. 8917236183, 9938097643. D-69376

Caste no bar: Son age 34, Ph.D. in Sociology, Central University, Hyderabad, work in IIT Rookey. 6372748613. D-20013

Khandayat boy 1993 B.Tech IIT, Kanpur, MBA-XLRI Manager Pune. 9439901263. D-20036

Match for my M.Tech (IIT,Bombay)Internship (Steinbeis University Germany) qualified commander son in IndiaNnavy. Contact: +919438183860. D-20025

Son age 29 cast Brahmin B. Tech ITER currently working as infosys annually 9.5 lakhs Parents number 9439726139. D-20041

**GROOM WANTED**

Girl age 29 B. Tech MBA MDI Gurgaon work in MNC company at Delhi, salary 20 lakhs, 8144589551. D-20011

Beautiful Kaibarta girl 1984/ Co-operative Inspector, Bhubaneswar (Caste No Bar). 7735688759, 9238578590. D-69375

Kshatriya, 1988, 5'3", ବୃଷ, M.Sc. Bank Manager, BBSR କନ୍ୟାଙ୍କ ପାଇଁ ସମକକ୍ଷ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 8260183201. D-20008

Suitable bride required for brahmin groom. Contact: 7978409094. D-63995




**SALE**

**Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383.** D-20026

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70535

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

CV Raman College ପାଖରେ 2000sqft. ଘରବାରି ପ୍ଲଟ୍ ବିକ୍ରିହେବ। Contact: 9778928492. D-70225

**Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883.** D-70193

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/-ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

**Bhubaneswar, Khordha NH side Pitapalli Chhaka ନିକଟରେ plot ମିଳୁଛି। 6372852525.** D-70192

**Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357.** D-70187

Patia Prasanti Viharରେ sqft. 2400/-, station ପାଖରେ 1800/-, IIT Arugul 300/-ରେ plot କିଣନ୍ତୁ। 7978124465, 7991006699. D-70428

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

**Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395.** D-70166

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

**Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227.** D-19978

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295. D-70191

**For sale- 3stored building area 6500sqft. land area 3500sqft. at Jagannathnagar, Bhubaneswar @ 2.5cr. Only buyer Contact: 8984290141.** D-19947




Two Bedroom house with Dinning at Lingraj Vihar Pokhariput. Contact: 8249595404. D-20037

Independent accommodation with Garage Indira Colony, Lingipur, Bhubaneswar, Family/ Bachelor/ Student. 7873764243. D-19992

**2320sqft Go-down for Rent, Talasahi, Shikarpur, Cuttack Contact Saroj- 8895331410, 9437552432.** D-20035

1500Sft. G+2 area for Shop, Office and Restaurant at Cuttack Puri By pass Near Mangraj point, Bhubaneswar. Contact - 9348194296 / 7978076354. D-69692

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997




Swarna SPA newly open positively health benefits with expert therapist. 9556978408. D-70533

Refreshing your mind & body with best therapy at Lotus SPA. 8018234866. D-59978

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70534

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

**AFFIDAVIT**

By virtue of an affidavit before Executive Magistrate, Bhubaneswar. I, intend to change my surname from "Haritha Mishra" to "Haritha Chakraborty" after my marriage to Mahadeb Chakraborty. Henceforth, I shall be identified as Haritha Chakraborty for all purposes. D-20033

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue this affidavit before the Executive Magistrate, Cuttack, Dt-21/10/2020 states I, Tilottama Biswal have changed my surname from Biswal to Mohanty as I married to Hrushikesh Mohanty. Tilottama Mohanty and Tilottama Biswal is one and same person. Henceforth I shall be known as Tilottama Mohanty for all purposes. D-20034

**LEGAL NOTICE**

ନୋଟାରୀ ମାଜିଷ୍ଟ୍ରେଟ, ଭୁବନେଶ୍ୱର
ସତ୍ୟପାଠ/ ଘୋଷଣାନାମା

ମୁଁ ଶ୍ରୀମତୀ ସୁଲୋଚନା ସ୍ୱାଇଁ ଓରଫ ଭୋଳ, ବୟସ-୬୫ବର୍ଷ, ପିତା ୰ବଂଶୀଧର ସ୍ୱାଇଁ, ମାତା- ୰ଚମ୍ପାବତୀ ସ୍ୱାଇଁ, ସ୍ୱାମୀ- ପଦ୍ମଚରଣ ଭୋଳ, ସା- ସରିପୁର, ପୋ/ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ଶପଥ ପାଠ ବା ଘୋଷଣା କରୁଅଛୁ କି
୧. ଏହିକି ନିମ୍ନ ତଫସିଲ୍ ବୃତ୍ତି ମୋର ଅଜା- ୰ନାଥ ସ୍ୱାଇଁଙ୍କ ନାମେ ରେକର୍ଡଭୁକ୍ତ ହୋଇଅଛି।
୨. ଏହିକି ଆମ୍ଭର ଏକମାତ୍ର ଭାଇ ଶ୍ରୀ ସୁଦର୍ଶନ ସ୍ୱାଇଁ, ପିତା- ୰ବଂଶୀଧର ସ୍ୱାଇଁ, ମାତା- ୰ଚମ୍ପାବତୀ ସ୍ୱାଇଁ ନିମ୍ନୋକ୍ତ ସମ୍ପତ୍ତିକୁ ଚଞ୍ଚକତା କରି ନିଜର ପୁଅ- ଲଳିତ ମୋହନ ସ୍ୱାଇଁ ଓ ଝିଅ- ଲଳିତ ଜେନା, ସୁଜାତା ସ୍ୱାଇଁ, ପୁଷ୍ପଲତା ସ୍ୱାଇଁ, ସଂଯୁକ୍ତା ଜେନାଙ୍କ ନାମରେ କରାଇଛନ୍ତି ଏବଂ ଜରିପାଟଣା ଗ୍ରାମର ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ନାରନପୁର ଗ୍ରାମର ରଶ୍ମିରେଖା ମିଶ୍ରଙ୍କୁ ବିକ୍ରିକରି ରେଜିଷ୍ଟ୍ରି ଦଲିଲ କରାଇଛନ୍ତି। ଉକ୍ତ ସମ୍ପତ୍ତି ଆମ୍ଭର ବିନା ମଞ୍ଜୁରୀରେ ରେଜିଷ୍ଟ୍ରି ଦଲିଲ କରାଇଛନ୍ତି। ତେଣୁ ଏହାକୁ ବିରୋଧକରି ମାନ୍ୟବର ସିଭିଲ ଜଜ୍, ଭୁବନେଶ୍ୱରଙ୍କ ନିକଟରେ ପାର୍ଟିସନ୍ କେସ୍ କରିଅଛି, ଯାହାର CS. No.- 1588/2020 ଓ I.A. No.- 01/2020 ଓ ଏହି କେସ୍‌ର କୋର୍ଟ ସ୍ଥିତବସ୍ଥା ଅର୍ଡର ଦେଇଛନ୍ତି।
୩. ଏଣୁ ନିମ୍ନୋକ୍ତ ତଫସିଲ ବୃତ୍ତିକୁ ଆମ୍ଭ ବିନା ଅନୁମତିରେ ଯଦି କେହି କ୍ରୟ କରନ୍ତି ତେବେ ଆମ୍ଭେ ଦାୟୀ ହେବୁନାହିଁ ଏବଂ ଉକ୍ତ କ୍ରୟବୃତ୍ତି କୋର୍ଟଙ୍କ ଅର୍ଡର ଅନୁସାରେ ରଦ୍ଦ କରିଦିଆଯିବ। ୪. ପୁନଶ୍ଚ ଘୋଷଣା କରୁଅଛୁ କି ୨୦୦୭ ମସିହାଠାରୁ ଯଦି ବରିମୁଣ୍ଡ ମୌଜାର ଖାତା ନଂ.- ୩୨୫, ୩୨୬,୩୨୭ରୁ ଯଦି କେହି ଜମି କ୍ରୟ କରିଥାନ୍ତି ବା କରନ୍ତି ମୋ ବିନା ସମ୍ମତିରେ ତେବେ ମୁଁ ଦାୟୀ ରହିବି ନାହିଁ।
ତଫସିଲ ବୃତ୍ତିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା- ନିଉ କ୍ୟାପିଟାଲ, ହାଲ୍ ଥାନା- ମଞ୍ଚେଶ୍ୱର, ଖାତା ନଂ.- ୩୨୫, ୩୨୬, ୩୨୭, ୭୨୪/୨୫୨୦, ୭୨୪/୨୫୨୨, ୭୨୪/୨୪୩୨, ୭୨୪/୨୪୩୫, ୭୨୪/୨୫୧୯, ୭୨୫/୨୫୪୩ ଏବଂ ୭୨୪/୨୫୫୪। ଉକ୍ତ ସମ୍ପତ୍ତିକୁ କୌଣସି ବ୍ୟକ୍ତି ଆମ୍ଭର ବିନାନୁମତିରେ କ୍ରୟ ବିକ୍ରୟ କଲେ ବା କରାଇଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଚିହ୍ନଟକାରୀ
ସତ୍ୟପାଠକାରୀ
ଅଧିବକ୍ତା, ଭୁବନେଶ୍ୱର
ଆମ୍ଭେ ସମ୍ମୁଖେ ପ୍ରତିପାଦିତ
ସତ୍ୟପାଠକାରୀ,
ସ୍ୱା./- ନୋଟାରୀ ମାଜିଷ୍ଟ୍ରେଟ,
ଭୁବନେଶ୍ୱର। ଧ-୭୦୪୩୨

ଗଣତନ୍ତ୍ରର ସୁଫଳ ହେଲା- ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା- ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। -ଶ୍ରୀଅରବିନ୍ଦ

# ପୁଡୁଚେରୀ କାହାଣୀ

ଜାନୁୟାରୀ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବା କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ରାଜନୈତିକ ନାଟକ ଏବେ ବି ଚାଲିଛି। ଇତିମଧ୍ୟରେ ଡିଏମ୍‌କେ ସମର୍ଥିତ କଂଗ୍ରେସ ସରକାରର ପତନ ଘଟିଛି। ମୁଖ୍ୟମନ୍ତ୍ରୀ ଭି.ନାରାୟଣସ୍ୱାମୀଙ୍କ ସରକାରକୁ ସଂଖ୍ୟାଲଘୁରେ ପରିଣତ କରିବାରେ ୭ ଜଣ ବିଧାୟକ(କଂଗ୍ରେସରୁ ଇସ୍ତଫା ଦେଇଥିବା ୫ ଜଣ ଓ ଅଯୋଗ୍ୟ ଘୋଷିତ ସଦସ୍ୟଙ୍କୁ ନେଇ ମୋଟ ୬ ଜଣ ଏବଂ ଡିଏମ୍‌କେର ଜଣେ)ଙ୍କ ଇସ୍ତଫା ରାସ୍ତା ସଫା କରିଦେଲା। ୩୦ ଆସନ ବିଶିଷ୍ଟ ବିଧାନସଭାରେ ଏହି କ୍ଷୁଦ୍ର ସଂଖ୍ୟାର ପରିବର୍ତ୍ତନ ନିର୍ଣ୍ଣାୟକ ରୂପ ଧାରଣ କଲା। ଏଥିସହିତ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭାରେ ରାଷ୍ଟ୍ରପତିଙ୍କ ଦ୍ୱାରା ୩ ଜଣ ମନୋନୀତ ସଦସ୍ୟ ରହନ୍ତି। ଅର୍ଥାତ୍ କେନ୍ଦ୍ରରେ ଯେଉଁ ଦଳ ଶାସନ କଲା ତା'ରି ଚେଲାଚାମୁଣ୍ଡା ମନୋନୀତ ଆସନ ଅକ୍ତିଆର କରନ୍ତି। ଏଠାରେ ଉଲେଖଯୋଗ୍ୟ ଯେ, ଭାରତୀୟ ସମ୍ବିଧାନରେ କୌଣସି ବିଧାନସଭା କିମ୍ବା ସଂସଦରେ ମନୋନୀତ ସଦସ୍ୟମାନଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବାର ବ୍ୟବସ୍ଥା କରାଯାଇନାହିଁ। ସେଥିରୁ କୁହାଯାଇପାରେ ଯେ, ସରକାରଙ୍କ ଦ୍ୱାରା ଲୋଡ଼ାଯାଉଥିବା ଆସ୍ଥାଭୋଟରେ ମଧ୍ୟ ମନୋନୀତ ସଦସ୍ୟ ଭୋଟ ଦେବାରୁ ବଞ୍ଚିତ ହେବା କଥା। କିନ୍ତୁ ପୁଡୁଚେରୀ ବିଧାନସଭାର ବାଚସ୍ପତି ଭି.ପି. ଶିବକୋଲୁନ୍ଦୁଙ୍କ ନିଷ୍ପତ୍ତି ଅନୁଯାୟୀ ୩ ଜଣ ମନୋନୀତ ସଦସ୍ୟ ଭୋଟ ଦେବାର ଅନୁମତି ପାଇଲେ। ଏଭଳି ଅସାମ୍ବିଧାନିକ ନିଷ୍ପତ୍ତି ନେଇଥିବା ବାଚସ୍ପତି ନିଜେ କଂଗ୍ରେସ ଟିକଟରେ ନିର୍ବାଚନ ଲଢ଼ି ବିଧାନସଭାର ସଦସ୍ୟ ହୋଇଛନ୍ତି। ସେଥିପାଇଁ ଅନୁମାନ କରାଯାଇପାରିବ ଯେ,ବାଚସ୍ପତି ମଧ୍ୟ ପଟ ପରିବର୍ତ୍ତନ କରିଦେଇପାରିଥାଆନ୍ତି। ଅର୍ଥାତ୍ କେବଳ ୭ ଜଣ ନୁହଁ, ନାରାୟଣସ୍ୱାମୀଙ୍କ ବିରୋଧରେ ତାଙ୍କ ଦଳର ବାଚସ୍ପତି ଯିବା ଫଳରେ ସଂଖ୍ୟା ୮କୁ ବୃଦ୍ଧିପାଇ ଥାଇପାରେ।

ପୁଡୁଚେରୀରେ ଘଟିଥିବା ଶାସନରେ ପରିବର୍ତ୍ତନ ଅନେକ ପୂର୍ବ ଘଟଣାକୁ ମନେପକାଉଛି। ଜରୁରିକାଳୀନ ପରିସ୍ଥିତି ଏବଂ ବିଶେଷକରି କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ୧୦ ବର୍ଷ ଶାସନ କାଳରେ ଘଟିଥିବା ଦୁର୍ନୀତି ଏବଂ ଅବିଚାରକୁ ପରାସ୍ତ କରିବା ପାଇଁ ଦେଶବାସୀ ମନସ୍ଥ କରି ପରିବର୍ତ୍ତନ ଘଟାଇଥିଲେ। କଂଗ୍ରେସକୁ ୨୦୧୪ ଓ ୨୦୧୯ରେ ପରାଜିତ କରିବାର ଶ୍ରେୟ କେବଳ ସାଧାରଣ ଭାରତୀୟ ଭୋଟରଙ୍କୁ ଦିଆଯାଇପାରିବ। ସେହି ସୁଯୋଗର ଲାଭ ନେବା ପାଇଁ କେବଳ ଭାରତୀୟ ଜନତା ପାର୍ଟି( ଭାଜପା) ସକ୍ଷମ ଥିଲା ବୋଲି ମୋଦିଙ୍କର ନେତୃତ୍ୱ ଜାହିର ହୋଇପାରିଲା। ସମସ୍ତେ ସ୍ୱୀକାର କରିବେ ଯେ, ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତରେ ଘଟୁଥିବା ଅଭିବୃଦ୍ଧି ଆଜି ଧ୍ୱଂସ ପାଇଯାଇଛି। ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ, କେବଳ କରୋନାଜନିତ ଲକ୍‌ଡାଉନ ନୁହେଁ, ଭାରତର ଅର୍ଥନୀତିକୁ ବିମୁଦ୍ରୀକରଣଠାରୁ ମାରାତ୍ମକ ଚୋଟ ବାଜିଥିଲା। ତେବେ ରାଜନୈତିକ ଦୃଷ୍ଟିକୋଣରୁ ବିଶେଷଜ୍ଞମାନେ ଚିନ୍ତା କରିଥିଲେ ଯେ, ଭାଜପା ଏକ ସୁସ୍ଥ ଗଣତାନ୍ତ୍ରିକ ପଦ୍ଧତି ଅପଣାଇବ। ତାହାର ଏକମାତ୍ର କାରଣ ଭାବେ ସେମାନେ କହୁଥିଲେ ଯେ, କଂଗ୍ରେସ ଚରିତ୍ରଠାରୁ ଭିନ୍ନ ହୋଇପାରିଲେ ଭାଜପା ଅଧିକ ଦିନ କ୍ଷମତାରେ ତିଷ୍ଠିବା ସମ୍ଭବପର ହେବ। ଏହା ବ୍ୟତୀତ ଦଳ ଭିତରୁ ବିଭିନ୍ନ ପ୍ରାନ୍ତର ବରିଷ୍ଠ ନେତାମାନଙ୍କୁ ସଭାପତି ପଦ ଦେଇ ଭାଜପା ତାହାର ଗଣତାନ୍ତ୍ରିକ ଚରିତ୍ରକୁ ସୁଦୃଢ଼ କରିବା ପାଇଁ ପଦାରେ ଦେଖାଇଆସୁଛି। କିନ୍ତୁ ଏବେକାର ପରିସ୍ଥିତିରେ ବିଶେଷ କରି ପୁଡୁଚେରୀ ଏବଂ ତା' ପୂର୍ବରୁ ମଧ୍ୟପ୍ରଦେଶ ଘଟଣାକୁ ଦେଖିବା ପରେ ସେହି ରାଜନୈତିକ ବିଶେଷଜ୍ଞମାନେ ନୀରବ ପଡିଯାଇଛନ୍ତି। ଏହାସତ୍ୟ ଯେ, ସାଧାରଣ ଲୋକଙ୍କ ପାଖରେ ମୋଦିଙ୍କ ଭାବମୂର୍ତ୍ତି ଆଜି ମଧ୍ୟ ସକାରାତ୍ମକ ରହିଛି। ଅନ୍ୟପଟେ ପୁଡୁଚେରୀରେ ଯେଉଁଭଳି ରାଷ୍ଟ୍ରପତିଙ୍କ ଦ୍ୱାରା ୩ ଜଣ ମନୋନୀତ ବିଧାନସଭା ସଦସ୍ୟ ଭୋଟଦେବା ପାଇଁ ବାଚସ୍ପତିଙ୍କ ଅନୁମତି ପାଇଲେ ସେଥିରୁ ବୁଝାପଡୁଛି ଯେ, କେନ୍ଦ୍ର ସରକାରଙ୍କ ପ୍ରବଳ ଚାପରେ ଏଭଳି ଘଟଣା ଘଟିପାରିଲା।

ଦୋହରାଇବାକୁ ଯାଇ କୁହାଯାଇପାରିବ ଯେ, ସାଧାରଣ ଭାରତୀୟ କଂଗ୍ରେସ ଚରିତ୍ର ଦ୍ୱାରା ଅତିଷ୍ଠ ହୋଇ ବ୍ୟବସ୍ଥାକୁ ବଦଳାଇବାକୁ ଇଚ୍ଛାକରି ଆସିଥିଲେ। ଭାଜପାକୁ ଭିନ୍ନ ଭାବି କ୍ଷମତାକୁ ଆଣିଥିଲେ। ଦୁଃଖର ବିଷୟ ଯେ ଗାତର ଦୋଷ ଭଳି ଭାଜପା ମଧ୍ୟ ନିରାଶ କରିଛି।

## ଚିରନ୍ତନୀ

ଦେହର ତୃଷା ଯେବେ ପୀଡ଼ଇ
ରୂପର ମୋହ ପୁଣି ଭିଡ଼ଇ
ପୁରୁଷ ନାରୀ ହୋଇ ଜନମ ଲଭି ସହି
ଜୀବନ ଗୋଟା ଖାଲି ପୋଡ଼ଇ।

-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | D | | 1 | | | 5 | | | | | | | A |
| | | | | | 5 | A | | | | 2 | | 7 | | |
| 3 | | 5 | | | D | | C | | | 8 | 0 | | | |
| 0 | | 1 | | 7 | | | | | | | | | B | 3 |
| 9 | A | 8 | | | 3 | | | | 6 | | | | 0 | |
| | B | | D | | | 9 | | | | 4 | 2 | | 6 | |
| | 0 | E | A | B | | | | | | C | 8 | | 5 | |
| | | | | 2 | 6 | 4 | A | | | | | | | |
| | | | 8 | | | | 7 | | | | 9 | | 2 | |
| 6 | | | 9 | C | | E | 3 | | 5 | B | | | | 8 |
| | | 0 | | | | B | | | | | | 4 | | 7 |
| 5 | | | | | 2 | | | | | | | 6 | | |
| | 1 | | | 9 | | | | | D | E | 6 | A | | B |
| C | 8 | | | | | | | E | | | 5 | | D | 1 |
| 7 | 2 | | 4 | | | | | | 0 | | | | C | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 3 | 9 | 0 | 1 | 5 | 4 | B | E | A | 6 | 8 | C | 2 | D |
| D | 6 | 0 | 2 | E | B | A | 8 | 1 | 9 | C | 4 | 5 | 7 | 3 |
| 8 | 1 | 2 | 3 | 6 | 9 | C | 7 | 0 | D | E | 5 | A | 4 | B |
| C | 4 | A | 7 | D | 8 | 9 | 2 | 5 | 3 | B | 0 | E | 1 | 6 |
| E | 5 | B | 4 | C | A | D | 6 | 3 | 7 | 2 | 1 | 0 | 9 | 8 |
| 2 | 8 | 1 | C | A | 0 | B | E | 7 | 5 | 9 | 3 | D | 6 | 4 |
| 9 | 7 | 6 | D | 3 | 4 | 2 | 1 | C | E | 8 | A | B | 5 | 0 |
| B | D | 4 | 1 | 5 | 2 | 8 | A | 6 | 0 | 7 | C | 3 | E | 9 |
| 0 | A | E | B | 9 | 7 | 3 | 5 | D | 2 | 4 | 6 | 1 | 8 | C |
| 3 | C | 5 | 6 | 8 | E | 0 | 4 | 9 | B | 1 | D | 7 | A | 2 |
| 5 | 0 | 8 | A | 4 | 3 | 7 | 9 | 2 | C | D | E | 6 | B | 1 |
| 4 | E | D | 8 | B | C | 6 | 0 | A | 1 | 5 | 9 | 2 | 3 | 7 |
| 1 | 9 | 7 | 5 | 2 | D | E | 3 | 8 | 6 | 0 | B | 4 | C | A |
| 6 | 2 | 3 | 9 | 0 | 1 | 5 | C | B | 4 | A | 7 | 8 | D | E |
| A | B | C | E | 7 | 6 | 1 | D | 4 | 8 | 3 | 2 | 9 | 0 | 5 |

ଗତକାଲିର ଉତ୍ତର

# ତିନି ତୁଣ୍ଡରେ ଛେଳି କୁକୁର



ଅକ୍ଷୟ କୁମାର ମିଶ୍ର

ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଆମ ଦେଶ ଭାରତ ବିଶ୍ୱ ଦରବାରରେ ସୁଖ୍ୟାତି ଅର୍ଜନ କରିଛି ବୋଲି ସବୁଠି ପ୍ରଚାର ହେଉଛି। ଏଠାରେ ସର୍ବାଧିକ କ୍ଷମତା ସାଧାରଣ ଲୋକଙ୍କ ହାତରେ ବୋଲି କୁହାଯାଉଛି। ଦେଶର ଶାସନ ଡୋରି କାହା ହାତରେ ରହିବ ଏହାର ଲଗାମ ଲୋକଙ୍କ ପାଖରେ, ଏହା ହିଁ ବ୍ୟବସ୍ଥା। ଆମ ଦେଶର ଗଣତନ୍ତ୍ର କୁଆଡ଼େ କ୍ରମଶଃ ପରିପୁଷ୍ଟ ହେଉଛି। ଏହା ଏବେ ମହାଦ୍ରୁମରେ ପରିଣତ ହେଲାଣି। ଏହାର ଚେର ସମାଜ ମୃତ୍ତିକାର ଏତେ ଗଭୀରକୁ ଗଲାଣି ଯେ, କୌଣସି ଅଶୁଭ ଶକ୍ତି ଏହାର ମୂଳୋତ୍ପାଟନ କରିପାରିବ ନାହିଁ। ସମଗ୍ର ବିଶ୍ୱ ପାଇଁ ଆମ ଦେଶ ଉଦାହରଣ ହୋଇ ଛିଡ଼ା ହୋଇଛି, ଇତ୍ୟାଦି...। କିନ୍ତୁ ଏ ସମସ୍ତ କଥା ଓ ସମ୍ପ୍ରତି ଘଟି ଚାଲିଥିବା କିଛି ଘଟଣାବଳୀକୁ ନେଇ ପର୍ଯ୍ୟାଲୋଚନା କଲେ କେଉଁଠି ନା କେଉଁଠି ହତାଶ ହେବାକୁ ପଡ଼େ। ରାଜନୈତିକ ଅଭିସନ୍ଧି ନିକଟରେ ଗଣତନ୍ତ୍ରର ରଙ୍ଗ କ୍ରମେ ଫିକା ପଡ଼ିଯାଉଛି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ଏମିତି କି ଲୋକତନ୍ତ୍ରର ମହତ୍ ଉଦ୍ଦେଶ୍ୟ ଦଳୀୟ ସଂକୀର୍ଣ୍ଣ ସ୍ୱାର୍ଥ ନିକଟରେ ହାର୍ ମାନୁଛି। ପ୍ରତାରଣା, ପ୍ରବଞ୍ଚନା, ପ୍ରତିହିଂସା ପରାୟଣ ରାଜନୀତି ସାଧାରଣ ଜନତାଙ୍କୁ ଅଣନିଃଶ୍ୱାସୀ କରି ପକାଇଲାଣି।

ଅବଶ୍ୟ ଯେତେ ଶାସନ ବ୍ୟବସ୍ଥା ଅଛି ତା' ମଧ୍ୟରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ହେଉଛି ସର୍ବୋତ୍କୃଷ୍ଟ, ଏହା ଦୃଢ଼ତାର ସହିତ କୁହାଯାଇ ପାରେ। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ହେଉଛି ଆମ ଦେଶର ଶାସନ ବ୍ୟବସ୍ଥାରେ ଏଣିକି ବହୁ ବିଲକ୍ଷଣ ପରିଲକ୍ଷିତ ହେଉଛି ; ଯାହା ଫଳରେ ସାଧାରଣ ଲୋକଙ୍କ ଭିତରେ ଯେଉଁ ଅତୁଟ ବିଶ୍ୱାସ, ଦୃଢ଼ ଆସ୍ଥା ଓ ବିରାଟ ଭରସା ଥିଲା ତାହା ଦୁର୍ବଳ ହେବାରେ ଲାଗିଛି ଏବଂ ବହୁଲୋକ ଏ ପ୍ରକାର ଶାସନ ବ୍ୟବସ୍ଥା ବିରୋଧରେ ତୁଣ୍ଡ ଖୋଲିବାକୁ ବାଧ୍ୟ ହେଉଛନ୍ତି। ସବୁଠାରୁ ବଡ଼ ବିଲକ୍ଷଣ ହେଲା ତିନି ତୁଣ୍ଡରେ ଛେଳି କୁକୁର। ସଂଖ୍ୟାଗରିଷ୍ଠ ଲୋକଙ୍କ ମତ ସଂଖ୍ୟା ଲଘୁ ଉପରେ ଭାରି ପଡୁଛି।

ଯଦିଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ମୁଖ୍ୟତଃ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ପରି ତ୍ରିସ୍ତମ୍ଭ ଉପରେ ଦଣ୍ଡାୟମାନ ହୋଇଥାଏ, କିନ୍ତୁ ବ୍ୟବସ୍ଥାପିକା ହେଉଛି ଏହି ଶାସନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶାସକ ଓ ବିରୋଧୀଙ୍କୁ ନେଇ ଆମ ବ୍ୟବସ୍ଥାପିକା ସଭା ଗଠିତ। ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ କିଏ ସରକାର ଗଢ଼ିବ ଆଉ କିଏ ବିରୋଧୀ ଆସନରେ ବସିବ ତାହା ନିର୍ବାଚନ ମାଧ୍ୟମରେ ସ୍ଥିର ହୋଇଥାଏ। ନିର୍ବାଚନ ପରେ ଶାସକ ଶ୍ରେଣୀ ଓ ବିରୋଧୀ ମଧ୍ୟରେ ଯେଉଁ ସମନ୍ୱୟର ଆବଶ୍ୟକତା ରହିଛି ତାହା ଆମ ଦେଶରେ ଦୃଶ୍ୟମାନ ହେଉନାହିଁ। ଅନେକ ସମୟରେ ନିର୍ବାଚନରେ ମିଳିଥିବା ଜନ ସମର୍ଥନକୁ ଟ୍ରମ୍ପ କାର୍ଡ ଭାବରେ ବ୍ୟବହାର କରିବା ଏବଂ ବିରୋଧୀଙ୍କ ସ୍ୱରକୁ ଗୁରୁତ୍ୱ ନ ଦେବା ଶାସକ ଶ୍ରେଣୀ ନିକଟରେ ଏକ ରାଜନୈତିକ ଅପସଂସ୍କୃତିର ଆବିର୍ଭାବ ଘଟୁଛି।

ଦିଲ୍ଲୀରୁ ପଲ୍ଲୀ ଅର୍ଥାତ୍ ସଂସଦରୁ ପଞ୍ଚାୟତ ସବୁଠି ସମାନ ଦୃଶ୍ୟ। ନିର୍ବାଚନ ସମୟରେ ସେବକ। ଏକା ସାଥିରେ ପଖାଳ ଖାଇବାଠାରୁ ଆରମ୍ଭ କରି ଶବ କାନ୍ଧେଇବା, ରାଜଦ୍ୱାରଠାରୁ ଶ୍ମଶାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସାଥୀ ହେବାର ଭରସା ଦେବାରେ ରାଜନେତାମାନେ ଯେଉଁ ସମ୍ବେଦନଶୀଳତା ପ୍ରଦର୍ଶନ କରନ୍ତି ନିର୍ବାଚନ ପରେ ତାହା ଦେଖିବାକୁ ମିଳୁନାହିଁ। ନିର୍ବାଚନ ସମୟରେ ପ୍ରତିଶ୍ରୁତିର ବନ୍ୟା ଥିବାବେଳେ ନିର୍ବାଚନ ପରେ ପ୍ରତାରଣାର ଜୁଆର ସ୍ପଷ୍ଟ ବାରିହୋଇ ପଡୁଛି। ସିଂହାସନରେ ବସିବା ପରେ ସାଧାରଣ ଲୋକଙ୍କ ସ୍ୱର ଭିତରେ ବିରୋଧୀଙ୍କ ଗନ୍ଧ ସଙ୍ଗେ ସଙ୍ଗେ ନାକରେ ବାଜିଯାଏ। ଯେକୌଣସି ଅଭିଯୋଗ, ଆପତ୍ତି, ବିରୋଧ, ପ୍ରତିବାଦକୁ ଶାସକ ଶ୍ରେଣୀ ସହଜରେ ହଜମ କରିପାରୁନାହିଁ। ଅଧିକନ୍ତୁ ଏହା ବିରୋଧୀ ବାଲାଙ୍କ ରାଜନୀତି କହି ଅଧିକ ପ୍ରତିଶୋଧ ପରାୟଣ ହେବା ଦେଖିବାକୁ ମିଳୁଛି।

ନିଜ ଇଚ୍ଛା, ଅଭୀପ୍ସା, ମତଲବି ମତବାଦକୁ ରାଷ୍ଟ୍ର ଉପରେ ଲଦିଦେବାର ଏକ ବିକୃତ ମାନସିକତା ଆମ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଯେପରି କି ସମ୍ବିଧାନର ୩୫୨ ଧାରାର ଅପପ୍ରୟୋଗ କରି ୧୯୭୫ରୁ ୧୯୭୭ମସିହା ପର୍ଯ୍ୟନ୍ତ ଆମ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁକରି ପ୍ରତିବାଦର ସ୍ୱରକୁ କ୍ଷୀଣ କରିଦେବା ଥିଲା ତତ୍କାଳୀନ ସରକାରର ଭିତିରି ଉଦ୍ଦେଶ୍ୟ। ଠିକ୍ ସେମିତି ସମାଲୋଚନାକୁ ସହି ନ ପାରି ବାକ୍ ସ୍ୱାଧୀନତା ଏବଂ ସ୍ୱାଧୀନ ମତ ପୋଷଣ ଉପରେ ରୋକ୍ ଲଗାଇବା ନିମନ୍ତେ ଭାରତର ଦଣ୍ଡବିଧି ସଂହିତା ୧୨୪-କ ଧାରାକୁ ସରକାର ଆତ୍ମରକ୍ଷା ପାଇଁ ଶକ୍ତିଶାଳୀ ଅସ୍ତ୍ର ରୂପେ ପ୍ରୟୋଗ କରିବା ଆରମ୍ଭ କରିଛନ୍ତି । ସମସ୍ତଙ୍କ ନିକଟରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସୁଫଳ ପହଞ୍ଚାଇବା ଏବଂ ସରକାରୀ କଳର ଦୋଷ, ଦୁର୍ବଳତା, ମନମାନି ବିରୋଧରେ ଜନ ଜାଗରଣ ସୃଷ୍ଟି କରିବା ପାଇଁ ଯେଉଁ ଗଣମାଧ୍ୟମ ଏବଂ ଗଣ ପ୍ରତିନିଧିମାନେ କାର୍ଯ୍ୟ କରନ୍ତି ସେମାନଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି କି ସଚେତନତା ଆଣିବା ପାଇଁ ଯେଉଁମାନେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି ସେମାନଙ୍କ ଉପରେ ବ୍ରିଟିଶ ଅମଳର ଦେଶଦ୍ରୋହ ଆଇନକୁ ମନଇଚ୍ଛା ଲାଗୁ କରିବା କ୍ଷମତା ଅପବ୍ୟବହାରର ନଗ୍ନ ନମୁନା। ଏ ଦିଗରେ ବିରୋଧୀଙ୍କୁ ବିଶ୍ୱାସକୁ ନିଆଯାଉ ନାହିଁ। ସେମାନଙ୍କ ସହିତ ପରାମର୍ଶ କରିବା ତ ଦୂରେ ଥାଉ ସେମାନଙ୍କର ଯୁକ୍ତିକୁ ଯୋଜନାବଦ୍ଧ ଭାବେ ଉପସ୍ଥାପିତ କରେଇ ନ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ସଂସଦୀୟ ଗଣତନ୍ତ୍ରରେ ସଂସଦର ଭୂମିକାକୁ ଗୌଣ କରି ବିନା ଆଲୋଚନା ପର୍ଯ୍ୟାଲୋଚନାରେ ବହୁ କଥା କରାଯାଉଛି। ଅନେକ କଥା ବାଚନିକ ଭୋଟରେ ପାରିତ ହୋଇ ଅଥବା ଅଧ୍ୟାଦେଶ ବଳରେ ଆଇନରେ ପରିଣତ ହେଉଛି। ଏହାକୁ ତିନି ତୁଣ୍ଡରେ ଛେଳି କୁକୁର କୁହାଯିବନି ତ ଆଉ କ'ଣ କୁହାଯିବ?

ଇତିହାସ ପୃଷ୍ଠା ଓଲଟାଇଲେ ରାଜାମାନଙ୍କର ଖିଆଲି ଶାସନରେ ଶାସିତ ପ୍ରଜାର କରୁଣ ଚିତ୍କାର କେମିତି ରାଜପ୍ରାସାଦ ଭିତରେ ମିଳାଇ ଯାଇଛି ତା'ର ଅସଂଖ୍ୟ ଦୃଶ୍ୟ ଆଜି ବି ଭାରତବାସୀଙ୍କୁ ସ୍ମରଣ କରାଇଦିଏ। ରାଜା ଯାହା ସ୍ୱପ୍ନରେ ଦେଖୁଥିଲେ ତାହା କାର୍ଯ୍ୟକାରୀ ହେଉଥିଲା। ରାଜାଙ୍କର ଆଦେଶ ସମୁଦ୍ର କୂଳରେ ମନ୍ଦିର ଗଢ଼ାହେବ, ତାହା ହିଁ ହେଉଥିଲା। ରାଜାଙ୍କର ଇଚ୍ଛା ରାଣୀଙ୍କ ସ୍ମୃତି ସୌଧ ନିର୍ମାଣ ହେବ, ଯାହା କାଳକାଳକୁ ରହିଥିବ। ଅବିଳମ୍ବେ ରାଜାଙ୍କ ଇଚ୍ଛାକୁ ପୂରଣ କରାଯାଉଥିଲା। ପ୍ରତିବାଦ କରିବାର ଜୁ ନ ଥିଲା।

ତା'ପରେ ଏ ଦେଶ ଦେଖିଲା ଲୋମହର୍ଷଣକାରୀ ଉପନିବେଶବାଦ ଶାସନ ବ୍ୟବସ୍ଥା। କର ପରେ କର ବସାଇ ଶୋଷଣ କରାଗଲା ସାଧାରଣ ଜନତାଙ୍କୁ। ଏ ଦେଶର ଶିଳ୍ପ ସଂସ୍ଥାଗୁଡ଼ିକୁ ପଙ୍ଗୁ କରିଦେବା ପାଇଁ ଏଠାକାର କଞ୍ଚାମାଲ ଚାଲାଣ ହେଲା ଇଂଲଣ୍ଡକୁ। ଜାତୀୟତାକୁ ଧ୍ୱଂସ କରିବା ପାଇଁ ଆରମ୍ଭ ହେଲା ଇଂଲିଶ ଶିକ୍ଷା। ଏକତା, ସଂହତି ଓ ସଂସ୍କୃତିକୁ ଦୁର୍ବଳ କରିଦେବା ଉଦ୍ଦେଶ୍ୟରେ ସାମ୍ପ୍ରଦାୟିକତାର ବିଷମଞ୍ଜି ବୁଣାଗଲା। ପ୍ରତିବାଦ କଲେ ମିଥ୍ୟା କେସ୍, ଜେଲ, ଜରିମାନା, ଫାଶୀ ଦଣ୍ଡାଦେଶ ଦେଇ ଲୋକଙ୍କୁ ଭୟଭୀତ କରି ରଖାଗଲା।

ସାମନ୍ତବାଦର ବିଲୋପ ହେଲା। ଉପନିବେଶବାଦ ହଟିଗଲା। ନୂଆ ଅଧ୍ୟାୟର ଅୟମାରମ୍ଭ ହେଲା। ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେଲା। ଏଥିପାଇଁ ନୂତନ ଖସଡ଼ା ଲେଖାଗଲା। କିନ୍ତୁ କ'ଣ ହୋଇଛି? ଶୋଷଣ କଷଣରୁ ମୁକ୍ତି ମିଳିଛି? ଅନ୍ୟାୟ ଅନୀତି ଦୁର୍ନୀତି ନାରୀ ନିର୍ଯାତନା ହ୍ରାସ ପାଇଛି? କୃଷକ ତା'ର ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଉଛି? ସାମ୍ପ୍ରଦାୟିକ ବିଦ୍ୱେଷ କମିଛି ନା ବଢ଼ିଛି? ପ୍ରତିବାଦ କଲେ ଲାଠି ପ୍ରହାର ହେଉନାହିଁ ନା ମିଥ୍ୟା କେସ୍ ଦିଆଯାଉ ନାହିଁ? ତେବେ ଫରକ କେଉଁଠି? ଗୋଟିଏ କମ୍ପାନୀକୁ ଅନୁକମ୍ପା ଦେଖାଇ ମୋଗଲ ସମ୍ରାଟ ଜାହାଙ୍ଗୀର ବାଣିଜ୍ୟ କରିବାକୁ ଅନୁମତି ଦେବାପରେ ଏ ଦେଶର ଜନଗଣ ଯାହା ଭୋଗିଲେ ତାହା କ'ଣ ଆମେ ଭୁଲିଯାଇଛନ୍ତି ? ଆଜି ଯେଉଁ ବିଦେଶୀ କମ୍ପାନୀଗୁଡ଼ିକ ଆମ ଦେଶରେ ବାଣିଜ୍ୟ ବ୍ୟବସାୟ କରୁଛନ୍ତି ସେମାନେ ହୁଏତ ଆମକୁ ଶାସନ କରିବେ ନାହିଁ, କିନ୍ତୁ ଅର୍ଥନୈତିକ ସ୍ୱାଧୀନତା ଆମଠାରୁ ହରଣ କରୁନାହାନ୍ତି କି?

ଏ ସମସ୍ତ ପ୍ରଶ୍ନ ମନରେ ଉଙ୍କିମାରିଲା ବେଳେ ଦେଶରେ ରାଜନୈତିକ ମତାଦର୍ଶଗତ ପାର୍ଥକ୍ୟ ଉଗ୍ରରୂପ ଧାରଣ କରୁଥିବା ଦେଖିବାକୁ ମିଳୁଛି। ଅସହିଷ୍ଣୁତା ବଢୁଛି। ଭିନ୍ନ ମତପୋଷଣ କରୁଥିବା ଲୋକଙ୍କୁ ରାଷ୍ଟ୍ରଦ୍ରୋହୀ ଅଥବା ଦେଶଦ୍ରୋହୀ ବୋଲି ଆଖ୍ୟା ଦିଆଯାଉଛି। ଏହା ଗଣତନ୍ତ୍ରକୁ ବଳିଷ୍ଠ କରିବ ନାହିଁ। ସଂଖ୍ୟାଗରିଷ୍ଠତା ଆଧାରରେ ସରକାର ଗଢ଼ିବା ବିଧେୟ, କିନ୍ତୁ ଏହାକୁ ଭିତ୍ତିକରି ଶାସନ ପରିଚାଳିତ ହେଲେ ସାମଗ୍ରିକ ବିକାଶ ସମ୍ଭବ ନୁହେଁ। ସମସ୍ତଙ୍କ ମତକୁ ସମ୍ମାନ ଦେବା, ସମସ୍ତଙ୍କୁ ଶୁଣିବାର ଧୈର୍ଯ୍ୟ ରଖିବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପରିଭାଷା ହେବା ଉଚିତ। ତିନି ତୁଣ୍ଡରେ ଛେଳିକୁ କୁକୁର କୁହାଇ କୁହୁଡ଼ିର କୁହେଳିକା ସୃଷ୍ଟି କରା ନ ଯାଉ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା,
ମୋ:୭୦୦୮୦୭୩୫୯୯

# ସହରାଞ୍ଚଳରେ ଶିଶୁ ଅଧିକାରର ସୁରକ୍ଷା



ଘାସିରାମ ପଣ୍ଡା

ଗାଁ ଛାଡ଼ି ସହରକୁ ଆସିଥିବା ପ୍ରତ୍ୟେକ ଲୋକ ସୁବିଧାରେ ନ ଥା'ନ୍ତି। ଭୂମିହୀନ, ଦିନ ମଜୁରିଆମାନେ ରୋଜଗାର ଆଶାରେ ସହରକୁ ଆସନ୍ତି। ଏମାନଙ୍କ ଭିତରୁ କେହି କେହି ଏକା ଆସନ୍ତି। ସହରରେ ଯେନତେନ ଚଳିଯାଇ ରୋଜଗାରରୁ ଅଧିକାଂଶ କିପରି ଘରକୁ ପଠାଯାଇପାରିବ ସେହି ଚେଷ୍ଟାରେ ରୁହନ୍ତି। ଏମାନଙ୍କ ଭିତରୁ ଅନେକେ ବାସହରା ଆକାରରେ ରେଳ ଷ୍ଟେସନ, ବସ ଷ୍ଟାଣ୍ଡ, ରାସ୍ତାକଡ଼ରେ ରାତି କାଟି ଦିଅନ୍ତି। ଆଉ ଅନେକେ ପରିବାର ନେଇ ସହରକୁ ଆସନ୍ତି। ରୋଜଗାରର ସ୍ଥିତି ଅନୁସାରେ ଏମାନେ ବସ୍ତି ଅଞ୍ଚଳରେ ଅବା ସେହିପରି ରାସ୍ତାକଡ଼ରେ ରହିବାର ଦେଖିବାକୁ ମିଳେ। ନିଜେ ଅସୁବିଧା ଭିତରେ ରହୁଥିବା ଏହି ପରିବାରର ପିଲାମାନେ ମଧ୍ୟ ଅନେକ ପ୍ରକାରର ବିପଦ ଦେଇ ଗତି କରନ୍ତି। ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ବଞ୍ଚିବା, ବିକାଶ, ସୁରକ୍ଷା ଓ ଅଂଶଗ୍ରହଣର ଅଧିକାରରୁ ଏମାନେ ପ୍ରାୟତଃ ବଞ୍ଚିତ ହୁଅନ୍ତି। ନିକଟରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଭୁବନେଶ୍ୱର, ପୁରୀ, କଟକ, ବ୍ରହ୍ମପୁର ଓ ରାଉରକେଲା ସହରର ରାସ୍ତା କଡ଼ରେ ରହୁଥିବା ଶିଶୁମାନଙ୍କ ସ୍ଥିତିକୁ ନେଇ ଏକ ସର୍ବେକ୍ଷଣ କରିଥିଲେ। ଏହି ସର୍ବେକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ୬ରୁ ୧୪ ବର୍ଷର ୫୭ ଭାଗ ପିଲା ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଛନ୍ତି। ୧୭ ଭାଗ ପିଲା ଏକାକି ରୁହନ୍ତି ଓ ଏଥିଯୋଗୁ ସବୁପ୍ରକାରର ଶୋଷଣର ସମ୍ମୁଖୀନ ହୁଅନ୍ତି। ଏମାନଙ୍କ ମଧ୍ୟରୁ ୪୭ ଭାଗ ପିଲା ନିର୍ଦ୍ଦିଷ୍ଟ ସହରରେ ଗତ ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ହେଲା ରହି ଆସୁଥିଲେ ହେଁ ସେମାନଙ୍କୁ ଚିହ୍ନଟ କରିବା ଓ ପୁନର୍ବାସ ପାଇଁ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ଏକ ସୁରକ୍ଷିତ ଆଶ୍ରୟ ସ୍ଥଳିର ସନ୍ଧାନ କରିବାକୁ ଯାଇ ୫୬ ଭାଗ ପିଲା ଏକାଧିକ ସମୟ ନିଜର ରହଣି ସ୍ଥଳ ପରିବର୍ତ୍ତନ କରିଛନ୍ତି। ଏମାନଙ୍କ ଭିତରୁ ୯୦ ଭାଗ ଭିକ୍ଷାବୃତ୍ତି, ଆବର୍ଜନା ଗୋଟେଇବା, ରାସ୍ତା କଡ଼ ଦୋକାନରେ କାମ କରିବାରେ ନିଯୁକ୍ତ ହୋଇଥାନ୍ତି। ବସ୍ତି ଅଞ୍ଚଳରେ ରହୁଥିବା ପିଲାଙ୍କ ଅବସ୍ଥା ମଧ୍ୟ ତଦ୍ରୂପ। ଆଧାର ପ୍ରମାଣପତ୍ର ଅଭାବରେ ଅନେକ ପିଲା ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ଅଛନ୍ତି। ବସ୍ତି ଅଞ୍ଚଳରେ ବିଦ୍ୟାଳୟ ନ ଥିବାରୁ ଅନେକଙ୍କୁ ପାଠପଢ଼ିବା ପାଇଁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଯିବାକୁ ପଡୁଛି। ବାରମ୍ବାର ବସ୍ତିଗୁଡ଼ିକର ଉଚ୍ଛେଦର ପ୍ରଭାବ ମଧ୍ୟ ଏମାନଙ୍କ ଉପରେ ପଡୁଛି। ପରିଣାମ ସ୍ୱରୂପ ଅନେକ ପିଲା ବିଦ୍ୟାଳୟ ବାହାରେ ରହୁଛନ୍ତି। ଏହା ସେମାନଙ୍କୁ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ହେବା ପାଇଁ ବାଧ କରିବା ଭଳି ପରିସ୍ଥିତି ସୃଷ୍ଟି କରୁଛି। ଯତ୍ନ ଓ ସୁରକ୍ଷାର ଅଭାବରୁ ଅନେକ ଶିଶୁ ନିଶାର ଶିକାର ଓ ଆପରାଧିକ କାର୍ଯ୍ୟକଳାପରେ ସାମିଲ ହେବାର ପରିଲକ୍ଷିତ ହେଉଛି। ଅନେକ ସମୟରେ ଏମାନେ ମଧ୍ୟ ଅପରାଧର ବାହକ ଭାବରେ ବ୍ୟବହୃତ ହେଉଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ପିଲା ଘର ଛାଡ଼ିବା, ନିଖୋଜ ହେବା ପ୍ରଭୃତି କାରଣରୁ ମଧ୍ୟ ସହରକୁ ଚାଲି ଆସନ୍ତି। ଏମାନଙ୍କୁ ଚାଇଲ୍ଡ ଲାଇନ ଭଳି ସଂସ୍ଥା ଠାବକରି ପୁନର୍ବାସର ପ୍ରୟାସ କରନ୍ତି।

ଦେଶରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଅବା ଅପରାଧ ସହ ସଂଶ୍ଳିଷ୍ଟ ହେବାର ଅଭିଯୋଗ ଥିବା ପିଲାଙ୍କ ପାଇଁ କିଶୋର ନ୍ୟାୟ ଆଇନ ଓ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଭଳି ପ୍ରଭାବଶାଳୀ ବ୍ୟବସ୍ଥା ପ୍ରଚଳିତ ହୋଇଛି। ଏଥିପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା ସ୍ତରରେ ଶିଶୁ ସୁରକ୍ଷା କମିଟି ସ୍ଥାପନ କରାଯାଇଛି। ସେହିପରି ନିଷ୍ପତ୍ତି ନେବା ପାଇଁ କିଶୋର ନ୍ୟାୟ ବୋର୍ଡ ଓ ଶିଶୁ ମଙ୍ଗଳ କମିଟି ସ୍ଥାପିତ ହୋଇଛି। ଏହି କମିଟି ମାଧ୍ୟମରେ ବିପଦସଙ୍କୁଳ ପିଲାଙ୍କୁ ଚିହ୍ନଟ କରାଯାଇ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପିତ କରାଯାଏ। ଏହାପରେ କମିଟି ପିଲାର ସର୍ବୋତ୍ତମ ସ୍ୱାର୍ଥର ସୁରକ୍ଷା ହୋଇ ପାରିଲା ଭଳି ନିଷ୍ପତ୍ତି ଗ୍ରହଣ କରିଥାଏ ଓ ସେହି ଅନୁସାରେ ପିଲା ପାଖରେ ସହାୟତା ପହଞ୍ଚାଇଥାଏ। ପିଲାଙ୍କ ଅଧିକାରର ସୁରକ୍ଷା ପାଇଁ ଏହି କମିଟିଗୁଡ଼ିକର ଗୁରୁଦାୟିତ୍ୱ ଥିଲେ ବି ରାଜ୍ୟର ସହରାଞ୍ଚଳରେ ଏଯାଏ ଏହା ଗଠିତ ହୋଇପାରିନାହିଁ। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ପିଲାଙ୍କ ସମସ୍ୟା ବ୍ୟାପକ ଓ ବିବିଧ। ୨୦୦୯-୧୦ ମସିହାରୁ ରାଜ୍ୟରେ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଆରମ୍ଭ ହୋଇଥିଲେ ହେଁ କୌଣସି କାରଣରୁ ସହରାଞ୍ଚଳରେ ଏହାର କାର୍ଯ୍ୟାନ୍ୱୟନ କରାଯାଇ ପାରିନାହିଁ। ପିଲାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ଶିଶୁ ସୁରକ୍ଷା କମିଟି ଗଠନ ସହିତ ସହର ସ୍ତରୀୟ ଏକ କମିଟି ଗଠନ କରିବାର ଆବଶ୍ୟକତା ରହିଛି। ଏବେ ଆମ ରାଜ୍ୟରେ କେବଳ ଭୁବନେଶ୍ୱରରେ ଏକ ଅତିରିକ୍ତ ଶିଶୁ ମଙ୍ଗଳ କମିଟି କାର୍ଯ୍ୟ କରୁଛି। ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟର ଅନ୍ୟ ମ୍ୟୁନିସିପାଲ କର୍ପୋରେଶନ ଯେପରି କି କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାଠାରେ ମଧ୍ୟ ଅତିରିକ୍ତ ଶିଶୁ ମଙ୍ଗଳ କମିଟି ଗଠନ କରାଯାଇ ପାରିଲେ ପିଲାଙ୍କୁ ନ୍ୟାୟ ଦେବା ତ୍ୱରିତ୍ ହେବ।

ସୁବର୍ଣ୍ଣପୁର
ମୋ-୯୪୩୮୩୪୧୭୯୪

## ଏଇ ଭାରତରେ

ପିଲାଟିର ନାମ ତନୟ ଜୈନ। ବୟସ ମାତ୍ର ୧୫ ବର୍ଷ। ସେ କୋଲକାତାର ସେଣ୍ଟ୍ ଜେମ୍ସ ସ୍କୁଲରେ ୧୦ମ ଶ୍ରେଣୀରେ ପଢୁଛନ୍ତି। ତନୟ କପଡ଼ା ଫ୍ୟାକ୍ଟ୍ରିରୁ ଅଦରକାରୀ କପଡ଼ା ସଂଗ୍ରହ କରି ସେଥିରେ ପିଲାମାନଙ୍କ ପାଇଁ ପୋଷାକ ତିଆରି କରି ଏବେ ସୁଦ୍ଧା ୨୫୦୦ ପିଲାଙ୍କୁ ପୋଷାକ ଯୋଗାଇ ସାରିଲେଣି। ପୋଷାକ ତିଆରି କରିବାରେ ସେ କୋଲକାତାର ବିଭିନ୍ନ ସ୍ଥାନରେ ୬୮ ଜଣ କାରିଗରଙ୍କୁ ନିଯୁକ୍ତି ଦେଇଛନ୍ତି। ତନୟ ତାଙ୍କ ବାପାଙ୍କ କପଡ଼ା ଫ୍ୟାକ୍ଟ୍ରିକୁ ବୁଲିଯିବା ସମୟରେ ଅଦରକାରୀ କପଡ଼ା ସବୁ ଫିଙ୍ଗି ଦିଆଯାଉଥିବା ଦେଖିବାକୁ ପାଇଥିଲେ। ପରେ ସେ ଏହାକୁ ସିଲାଇ କରି ଅସହାୟ ପିଲାମାନଙ୍କ ପାଇଁ ପୋଷାକ ତିଆରି କରିବାକୁ ଯୋଜନା କରିଥିଲେ। କର୍ତ୍ତାନ ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଢ଼ି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଏଥିରେ ତାଙ୍କ ପରିବାର ଓ ସମ୍ପର୍କୀୟମାନେ ଆର୍ଥିକ ସହଯୋଗ ଯୋଗାଇ ଦେଉଛନ୍ତି। ତନୟ ୩୫୦୦ ମିଟର କପଡ଼ାର ପୁନଃ ଉପଯୋଗ କରି ସାରିଲେଣି। ସେଥିରୁ ପ୍ରସ୍ତୁତ ପୋଷାକଗୁଡ଼ିକୁ କୋଲକାତା, ଗୁଆହାଟୀ ସହରରେ ଅସହାୟ ପିଲାମାନଙ୍କୁ ବାଣ୍ଟୁଛନ୍ତି। ଗୋଟିଏ ପୋଷାକ ସିଲାଇ କରି ତାହାକୁ ପିଲାଙ୍କ ପାଖରେ ପହଞ୍ଚାଇବା ଲାଗି ୨୦୦ଟଙ୍କା ଖର୍ଚ୍ଚ ହେଉଛି। ଏସବୁ ଖର୍ଚ୍ଚ ସେ ଅନୁଦାନରୁ ପ୍ରାପ୍ତ ଟଙ୍କାରେ ଭରଣା କରୁଛନ୍ତି। ଅସହାୟ ପିଲାଙ୍କୁ ଚିହ୍ନଟ କରି ସେମାନଙ୍କୁ ପୋଷାକ ବଣ୍ଟନ କରିବାରେ ତାଙ୍କ ପରିବାର ସଦସ୍ୟ ଓ କେତୋଟି ଏନ୍‌ଜିଓ ସାହାଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଫେବୃୟାରୀ ୧୯୯୬

- କାନାଡ଼ାର ଜଜ୍ ଲୁସି ଅର୍ବୋର ରାଓ୍ୱାଣ୍ଡା ଓ ଯୁଗୋସ୍ଲୋଭିଆ ପାଇଁ ଉଦ୍ଦିଷ୍ଟ ଜାତିସଂଘ ଯୁଦ୍ଧ ଅପରାଧ ନ୍ୟାୟାଧିକରଣର ନୂତନ ପ୍ରସିକ୍ୟୁଟର ଭାବେ ନିଯୁକ୍ତି ପାଇଛନ୍ତି।
- ପାଲେଷ୍ଟାନୀୟ ରାଷ୍ଟ୍ର ଗଠନ ପ୍ରସ୍ତାବକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ସିମୋନ୍ ପେରେଜ୍‌ଙ୍କ ପ୍ରତ୍ୟାଖ୍ୟାନ।
- ହଙ୍ଗେରୀର ସୁଜ୍‌ସା ପୋଲଗାର ପ୍ରତିପକ୍ଷ ଚୀନର ଜି. ଜୁନ୍‌ଙ୍କୁ ପରାସ୍ତ କରି ନୂତନ ମହିଳା ବିଶ୍ୱ ଚେସ୍ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଧ୍ୱଂସାଭିମୁଖୀ ବିରଳ ବୌଦ୍ଧ କୀର୍ତ୍ତିରାଜି

ମହାଶୟ,

ଯାଜପୁର ଜିଲାର ବଡଚଣା ଏବଂ ଧର୍ମଶାଳା ଅଞ୍ଚଳର ବିରଳ ବୌଦ୍ଧ କୀର୍ତ୍ତିରାଜି ସମଗ୍ର ବିଶ୍ୱ ପାଇଁ ପ୍ରତ୍ନତାତ୍ତ୍ୱିକ ଗବେଷଣା କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେଇଛି। ପ୍ରସିଦ୍ଧ ବୌଦ୍ଧ କୀର୍ତ୍ତିରାଜି ସମ୍ପନ୍ନ ଉଦୟଗିରି ପାହାଡ଼ ନିକଟରୁ ଅସିଆ ମୌଜାରୁ ବର୍ଷ ବର୍ଷ ଧରି ମିଳୁଛି ବିରଳ ବୌଦ୍ଧକୀର୍ତ୍ତି। ଏହାର ସୁରକ୍ଷା ପାଇଁ ସରକାର ଯତ୍ନବାନ ହେଉ ନ ଥିବାରୁ ଏହା ଲୁଟ ହେଉଥିବା ବେଳେ ଅନେକ କ୍ଷେତ୍ରରେ ବେଆଇନ ମୋରମ ଚାଲାଣରେ ମାଟିରେ ମିଶି ଯାଉଛି। ଏବେ ଯାଜପୁର ଜିଲା ବଡଚଣା ବ୍ଲକ ଅଚ୍ୟୁତବସନ୍ତ ପଞ୍ଚାୟତର ଅସିଆ ମୌଜାରୁ ମିଳୁଥିବା ବହୁ କୀର୍ତ୍ତିରାଜି ଏଣେତେଣେ ପଡି ନଷ୍ଟ ଭ୍ରଷ୍ଟ ହେଉଥିବାର ଦୃଶ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଉଦୟଗିରି ପାହାଡ଼ର ଠିକ ପଶ୍ଚିମ ପାର୍ଶ୍ୱରେ ଥିବା ଅସିଆଗିରି ହିଲରେ ଅନ୍ତର୍ଗତ ଅସିଆ ମୌଜାରୁ ଦୀର୍ଘ ୫୦ ବର୍ଷ ଧରି ମାଟିତଳୁ ଅନେକ କୀର୍ତ୍ତିରାଜି ମିଳିଛି ; ଯାହାକୁ କି ଅନେକ ଲୋକ ଲୁଚାଇ ରଖିଛନ୍ତି। ଏଠାରେ ଥିବା କୋଚିଳାଶୁଣୀ ଠାକୁରାଣୀ ଏବଂ ଶାରଳା ଠାକୁରାଣୀଙ୍କ ବିଜେସ୍ଥଳୀର ମଧ୍ୟଭାଗରେ ଥିବା ପାହାଡ଼କୁ ବେଆଇନ ଭାବେ ଖନନ କରାଯାଇ ମୋରମ ବିକ୍ରି କରାଯାଉଛି। ଅସିଆ ମୌଜାର ଠାକୁରାଣୀ ସ୍ନାନ ପୋଖରୀରୁ ପଙ୍କୋଦ୍ଧାର ସମୟରେ ଅନେକ ବୌଦ୍ଧ ଯୁଗୀୟ କୀର୍ତ୍ତି ମିଳିଥିଲା। ହେଲେ ଏହାର ଠିକଣା ରକ୍ଷଣା ବେକ୍ଷଣ ହେଉନାହିଁ। ପ୍ରତ୍ନତତ୍ତ୍ୱ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ବି ଅଭିଯୋଗ କରାଯାଇଛି। ଏଭଳି କୀର୍ତ୍ତିରାଜି ସୁରକ୍ଷା ଏବଂ ଗବେଷଣା ବିଶ୍ୱ ଇତିହାସକୁ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ। ତୁରନ୍ତ ପ୍ରତ୍ନତତ୍ତ୍ୱ ବିଭାଗ ଘଟଣାସ୍ଥଳ ପରିଦର୍ଶନ କରି ଏହିସବୁ କୀର୍ତ୍ତିରାଜିକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଧର୍ମଶାଳା ଅଞ୍ଚଳର ଲାଙ୍ଗୁଡି ସହ ଅନ୍ୟ କେତେକ ପାହାଡ ଏବଂ ବଡଚଣାର ଉଦୟଗିରି ସମେତ ଅନ୍ୟ କେତେକ ପାହାଡ଼ରୁ ବିରଳ ବୌଦ୍ଧକୀର୍ତ୍ତି ଆବିଷ୍କୃତ ହୋଇଛି। ଅସିଆ ଏହି ଅଞ୍ଚଳ ପରିସରରେ ଥିବା ବେଳେ ଏଠାରୁ ମାଟିତଳୁ ମିଳୁଥିବା ବିରଳ ବୌଦ୍ଧକୀର୍ତ୍ତି ଉପରେ ଅନୁଧ୍ୟାନ କରିବାକୁ ସାଧାରଣରେ ଦାବି ହେଉଛି।

-ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ରୋହିଙ୍ଗ୍ୟାଙ୍କୁ ଖାଦ୍ୟ ଦେଲା ନୌସେନା**

ଆଣ୍ଡାମାନ ଦ୍ୱୀପଠାରେ ଭାରତ ଜଳସୀମାରେ ଏକ ବୋଟ୍‌ରେ ଫସି ରହିଥିବା ରୋହିଙ୍ଗ୍ୟା ଶରଣାର୍ଥୀମାନଙ୍କୁ ଭାରତୀୟ ନୌସେନା ଓ ତଟ ସୁରକ୍ଷା ବାହିନୀ ପକ୍ଷରୁ ଖାଦ୍ୟ ଓ ପାଣି ଯୋଗାଯାଇଛି। ଏଥିସହ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି। ବାଂଲାଦେଶରୁ ଏକ ବୋଟ୍‌ରେ ପ୍ରାୟ ୯୦ ରୋହିଙ୍ଗ୍ୟା ଶରଣାର୍ଥୀ ଦକ୍ଷିଣ-ଏସିଆ ଅଭିମୁଖେ ଯାଉଥିଲାବେଳେ ୭ ଦିନ ତଳେ ବୋଟ୍‌ର ଇଞ୍ଜିନ ଖରାପ ହୋଇଯିବାରୁ ସେମାନେ ସମୁଦ୍ରରେ ଫସି ରହିଛନ୍ତି। ଖାଦ୍ୟପାନୀୟ ଅଭାବରୁ ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ମୃତ୍ୟୁ ଘଟିଲାଣି।



## ସଂକ୍ଷେପରେ

### ଜେଲ ଗଲେ ଦୀପ୍ ସିଦ୍ଧୁ



**ନୂଆଦିଲ୍ଲୀ, ୨୩।୨(ପି.ଟି.):** ସାଧାରଣତନ୍ତ୍ର ଦିବସ ହିଂସାକାଣ୍ଡରେ ସମ୍ପୃକ୍ତ ଅଭିନେତା ତଥା ସାମାଜିକ କର୍ମୀ ଦୀପ୍ ସିଦ୍ଧୁଙ୍କୁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଦୀପ୍‌ଙ୍କର ୭ ଦିନିଆ ପୋଲିସ ହାଜତ ମିଆଦ ଶେଷ ହେବା ପରେ ତାଙ୍କୁ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସମରଜିତ୍ କୌରଙ୍କ ଅଦାଲତରେ ହାଜର କରାଯାଇଥିଲା। ଲାଲ୍‌କିଲ୍ଲା ହିଂସା ପାଇଁ ଲୋକଙ୍କୁ ଉତ୍ତେଜିତ କରିବାରେ ମୁଖ୍ୟ ଅଭିଯୁକ୍ତ ଥିବା ଦୀପ୍‌ଙ୍କ ବିରୋଧରେ ଦଙ୍ଗା, ହତ୍ୟା ଉଦ୍ୟମ, ଅପରାଧ ଷଡ଼ଯନ୍ତ୍ର, ଡକାୟତି ସମେତ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଗତବର୍ଷ ନଭେମ୍ବରରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବା ଚାଷୀ ସେମାନଙ୍କ ଦାବିକୁ ଆହୁରି ଦୃଢ଼ କରିବା ପାଇଁ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ଟ୍ରାକ୍ଟର ରାଲିର ଆୟୋଜନ କରିଥିଲେ। ହଜାର ହଜାର ଚାଷୀ ଟ୍ରାକ୍ଟର ଚଳାଇ ଦିଲ୍ଲୀ ଯାଇଥିବାବେଳେ ପୋଲିସ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। କେତେଜଣ ଲାଲ୍‌କିଲ୍ଲାରେ ଧର୍ମୀୟ ପତାକା ଉଡ଼ାଇଥିଲେ।

### ନାଗରିକତ୍ୱ ପରୀକ୍ଷା ବ୍ୟବସ୍ଥା ରଦ୍ଦ କଲେ ବାଇଡେନ୍

**ୱାଶିଂଟନ, ୨୩।୨:** ସମସ୍ତ ଯୋଗ୍ୟ ବ୍ୟକ୍ତି ଯେପରି ଆମେରିକା ନାଗରିକତ୍ୱ ପାଇପାରିବେ ସେଥିପାଇଁ ପ୍ରତିବନ୍ଧକ ହଟାଇବା ସହ ପ୍ରକ୍ରିୟାକୁ ସହଜ କରିବା ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ କଠୋର ନାଗରିକତ୍ୱ ପରୀକ୍ଷା ବ୍ୟବସ୍ଥାକୁ ରଦ୍ଦ କରିଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ତାହା ବଦଳରେ ୨୦୦୮ର ସିଭିକ୍ସ ଟେଷ୍ଟ ବ୍ୟବସ୍ଥାକୁ ପୁନର୍ବାର ଫେରାଇ ଅଣାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଆମେରିକାର ନାଗରିକତ୍ୱ ଚାହୁଁଥିବା ବ୍ୟକ୍ତି ଇଂଲିଶ ବୁଝିପାରିବା ସହ ସିଭିକ୍ସ ପରୀକ୍ଷାରେ ପାସ୍ କରିବା ଆବଶ୍ୟକ। ଟ୍ରମ୍ପ ପ୍ରଚଳନ କରିଥିବା ପରୀକ୍ଷା ବ୍ୟବସ୍ଥାରେ ୧୦୦ରୁ ୧୨୮ ପର୍ଯ୍ୟନ୍ତ ଜଟିଳ ପ୍ରଶ୍ନର ଠିକ୍ ଉତ୍ତର ଦେବାକୁ ପଡୁଥିଲା।

### ଅଷ୍ଟ୍ରେଲିଆ ଗଣମାଧ୍ୟମକୁ ଅନୁମତି ଦେଲା ଫେସ୍‌ବୁକ୍

**ସିଡ୍‌ନୀ, ୨୩।୨:** ଅଷ୍ଟ୍ରେଲିଆ ଖବର ଉପରେ ଫେସ୍‌ବୁକ୍ ଲଗାଇଥିବା ନିଷିଦ୍ଧାଦେଶକୁ ଉଠାଇନେବା ଲାଗି ମଙ୍ଗଳବାର ରାଜି ହୋଇଛି। ଏଥିସହିତ ସ୍ଥାନୀୟ ଗଣମାଧ୍ୟମ କମ୍ପାନୀଗୁଡ଼ିକୁ ସେମାନଙ୍କ ଖବର ପାଇଁ ସୋସିଆଲ ମିଡିଆ ଅର୍ଥ ପୈଠ କରିବ। ଏନେଇ ଫେସ୍‌ବୁକ୍ ସହ ବୁଝାମଣା ହୋଇଥିବା ଅଷ୍ଟ୍ରେଲିଆର ଅର୍ଥମନ୍ତ୍ରୀ ଜୋଶ୍ ଫ୍ରାଇଡେନବର୍ଗ ଘୋଷଣା କରିଛନ୍ତି। ସରକାରଙ୍କ ସହ ବୁଝାମଣାର କିଛି ଘଣ୍ଟା ପରେ ଫେସ୍‌ବୁକ୍ ଅଷ୍ଟ୍ରେଲୀୟ ମିଡିଆ କମ୍ପାନୀ ସେଭେନ୍ ୱେଷ୍ଟ ସହ ପ୍ରଥମ ଚୁକ୍ତିନାମା ସ୍ୱାକ୍ଷର କରିଛି।

### ଜେଲରେ ପୋଲିସ ନିଷ୍ଠୁର ଭାବେ ପିଟିଛି: ନୋଦୀପ



**ଚଣ୍ଡିଗଡ଼, ୨୩।୨:** ମଜଦୁର ଅଧିକାର ସଙ୍ଗଠନ ସହ ଜଡ଼ିତ ଶ୍ରମିକ ଅଧିକାର କର୍ମୀ ନୋଦୀପ କୌରଙ୍କୁ ସୋନିପତ୍ ପୋଲିସ ଗିରଫ କରିବା ପରେ ଅତି ନିଷ୍ଠୁର ଭାବେ ମାଡ଼ ମାରିବା ସହ ଅତ୍ୟାଚାର କରିଛି ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଜାମିନ ଆବେଦନରେ କୌର ଦର୍ଶାଇଛନ୍ତି। ଏପରିକି ତାଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରାଯାଇ ନ ଥିବା ପଞ୍ଜାବ ମୁକ୍ତସର ଜିଲାର ୨୩ ବର୍ଷୀୟ ନୋଦୀପ ଅଭିଯୋଗ କରିଛନ୍ତି। ତାଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର କରାଯିବ। କେନ୍ଦ୍ର ସରକାର ଆଣିଥିବା କୃଷି ଆଇନ ହଟାଯିବାକୁ ଦାବି କରି ସିଂଘୁ ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନରେ ନୋଦୀପ ସାମିଲ ଥିଲେ। ଜାନୁୟାରୀ ୧୨ ତାରିଖ ବିଳମ୍ବିତ ରାତିରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏବେ ସେ ହରିୟାଣାର କର୍ନାଲ ଜେଲରେ ରହିଛନ୍ତି।

# ବ୍ରିଟିଶ ରାଣୀଙ୍କ ସମ୍ପର୍କୀୟଙ୍କୁ ଜେଲ

**ଲଣ୍ଡନ, ୨୩।୨**



ବ୍ରିଟିଶ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜଣେ ସମ୍ପର୍କୀୟଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ୧୦ ମାସ ଜେଲ୍ ଦଣ୍ଡାଦେଶ ଦିଆଯାଇଛି। ଗତବର୍ଷ ଫେବୃୟାରୀରେ ଷ୍ଟ୍ରାଥ୍‌ମୋରର ୟର୍ଲ ସାଇମନ ବୋୱେସ୍-ଲିଓନ୍ ସ୍କଟଲାଣ୍ଡସ୍ଥିତ ତାଙ୍କ ପୈତୃକ ଦୁର୍ଗରେ ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ସ୍ୱୀକାର କରିଥିଲେ। ସେ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସମ୍ପର୍କୀୟ ଭାଇ ତଥା ଷ୍ଟ୍ରାଥ୍‌ମୋର ଓ କିଙ୍ଗହୋମ୍‌ର ଅଷ୍ଟାଦଶ ରାଜା ମିଚାଏଲ୍ ବୋୱେସ୍ ଲିଓନ୍‌ଙ୍କ ପୁଅ। ମଙ୍ଗଳବାର ଡୁଣ୍ଡି ଶେରିଫ୍ କୋର୍ଟ ତାଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି।

# ବଲିଉଡ୍‌ରେ କୁମାର ବିଶ୍ୱାସ



**ନୂଆଦିଲ୍ଲୀ, ୨୩।୨:** କବି ଓ ରାଜନେତା ଭାବେ ଜଣାଶୁଣା କୁମାର ବିଶ୍ୱାସ ଏବେ ଫିଲ୍ମ ଦୁନିଆରେ ପାଦ ଥାପିଛନ୍ତି। ସାହିତ୍ୟିକ ମଞ୍ଚରେ କବିତା ପାଠ, ଆନ୍ନା ହାଜାରେ ଆନ୍ଦୋଳନର ପ୍ରମୁଖ ଚେହେରା ପାଲଟିବା ପରେ ରାଜନୀତିରେ ପଶି ଭାଷଣ ଓ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହୁଥିବା କୁମାର ଏବେ ବଲିଉଡ୍‌ରେ ପ୍ରବେଶ କରିଛନ୍ତି। ମହାଭାରତର କର୍ଣ୍ଣଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର 'ସୂର୍ଯ୍ୟପୁତ୍ର ମହାବୀର କର୍ଣ୍ଣ' ଜରିଆରେ ସେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ସେ ଟୁଇଟ୍ କରି ଜଣାଇଛନ୍ତି। ଫିଲ୍ମର ଡାଏଲଗ୍, ଗୀତ ଲିରିକ୍ସ ଓ ସ୍କ୍ରିନ ପ୍ଲେ ସେ ଲେଖିଥିବା ସୂଚନା ଦେଇଛନ୍ତି। ବାସୁ ଭଗନାନୀଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଏହି ଫିଲ୍ମ ହିନ୍ଦୀ ସମେତ କାନ୍ନାଡା, ତେଲୁଗୁ, ତାମିଲ ଓ ମାଲାୟାଲମ ଭାଷାରେ ରିଲିଜ ହେବ।

# ସଂକ୍ରମଣର କେନ୍ଦ୍ର ପାଲଟିଛି ବିଦର୍ଭ

**ମୁମ୍ବାଇ/ଭୋପାଳ, ୨୩।୨**

ମହାରାଷ୍ଟ୍ରର ମୁମ୍ବାଇ ଏବଂ ପୁଣେ ପରେ ଏବେ ବିଦର୍ଭ ଅଞ୍ଚଳ କରୋନା ସଂକ୍ରମଣର କେନ୍ଦ୍ରସ୍ଥଳ ପାଲଟିଛି। ଏହି ଅଞ୍ଚଳର ୟାଭତମାଲ, ଆକୋଲା, ଅମରାବତୀ ଏବଂ ୱାର୍ଦ୍ଧା ଜିଲାରେ ଦୈନିକ ସଂକ୍ରମଣ ହାର ବଢ଼ିଚାଲିଛି। ସେଠାରେ ସଂକ୍ରମଣ ହାର ସେପ୍ଟେମ୍ବରର ସର୍ବୋଚ୍ଚ ସ୍ଥିତିଠାରୁ ଅଧିକ ବୋଲି କୁହାଯାଉଛି। ୟାଭତମାଲରେ ରବିବାର ସଂକ୍ରମଣ ହାର ୪୧.୪ ପ୍ରତିଶତ ଥିଲା, ଯାହାକି ସେପ୍ଟେମ୍ବର ୧୫ର ସଂକ୍ରମଣ ହାରର ଦୁଇଗୁଣ। ସେହିପରି ଅମରାବତୀରେ ସଂକ୍ରମଣ ହାର ୩୮ ପ୍ରତିଶତ ରହିଛି। ସେପ୍ଟେମ୍ବରରେ ସେଠାରେ ସଂକ୍ରମଣ ହାର ଥିଲା ୩୨.୫ ପ୍ରତିଶତ। ସେହିପରି ୱାର୍ଦ୍ଧାରେ ସଂକ୍ରମଣ ହାର ସେପ୍ଟେମ୍ବରରେ ୮.୫ ପ୍ରତିଶତ ଥିବାବେଳେ ଏବେ ତାହା ୨୪ ପ୍ରତିଶତକୁ ବୃଦ୍ଧି ପାଇଛି। ଉପରୋକ୍ତ ଅଞ୍ଚଳରେ କୋଭିଡ୍ ପରୀକ୍ଷା ଦୁଇଗୁଣ ବଢ଼ାଇ ଦିଆଯାଇଛି।

ସୂଚନାଯୋଗ୍ୟ ସେପ୍ଟେମ୍ବର ୧୦ରୁ ୩୦ ମଧ୍ୟରେ ମହାରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ସେପ୍ଟେମ୍ବର ୧୫ରେ ସର୍ବାଧିକ ସଂକ୍ରମିତ ଚିହ୍ନଟ ହୋଇଥିଲେ। ବିଦର୍ଭ ଅଞ୍ଚଳର ୧୧ ଜିଲା ମଧ୍ୟରୁ ୬ଟିରେ ପଜିଟିଭ୍ ହାର ରାଜ୍ୟର ବର୍ତ୍ତମାନର ହାରାହାରି ହାରର ୩ରୁ ୪ ଗୁଣ ଥିଲା। ଜାନୁୟାରୀରେ ସଂକ୍ରମଣ ଅଧା କମିଥିବାବେଳେ ପୁଣି ଥରେ ବଢ଼ିବା ଆରମ୍ଭ କରିଛି। ମହାରାଷ୍ଟ୍ର ବାଦ୍ ଅନ୍ୟ ୭ ରାଜ୍ୟରେ ରବିବାର ସଂକ୍ରମଣ ୧୧ ପ୍ରତିଶତ ଛୁଇଁଥିଲା। ଏହିସବୁ ଜିଲାରେ ଗତ ଦୁଇସପ୍ତାହ ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି ହେଉଥିବା କୋଭିଡ୍ ରୋଗୀ ସଂଖ୍ୟା ୨୦ରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି। ୟାଭତମାଲ୍ ସରକାରୀ ମେଡିକାଲ କଲେଜରେ ଫେବୃୟାରୀ ୧୦ରେ ୭୧ କରୋନା ରୋଗୀ ଭର୍ତ୍ତି ହୋଇଥିବାବେଳେ ଏବେ ଦିନକୁ ୨୦୦ରୁ ଅଧିକ ରୋଗୀ ଆସୁଛନ୍ତି। ସଂକ୍ରମଣ ବୃଦ୍ଧି ସରକାରଙ୍କ ଚିନ୍ତା ବଢ଼ାଇଥିବାବେଳେ ଏହାକୁ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପୁଣେରେ ନାଇଟ୍ କର୍ଫ୍ୟୁ ଲାଗୁ ହେବା ସହ ସ୍କୁଲ କଲେଜ ବନ୍ଦ କରିଦିଆଯାଇଛି। ସେହିପରି ଅମରାବତୀରେ ଆଂଶିକ ଲକ୍‌ଡାଉନ୍ ଲାଗୁ ହୋଇଛି।



ମୁମ୍ବାଇ ଧରାବି ବସ୍ତିରେ ବିଏମ୍‌ସି କର୍ମଚାରୀ କୋଭିଡ୍ ପରୀକ୍ଷା ପାଇଁ ସ୍ୱାବ୍ ନମୁନା ସଂଗ୍ରହ କରୁଛନ୍ତି।

## ମଧ୍ୟପ୍ରଦେଶର ବାଲାଘାଟରେ ନାଇଟ୍ କର୍ଫ୍ୟୁ

ମହାରାଷ୍ଟ୍ର ସୀମାବର୍ତ୍ତୀ ମଧ୍ୟପ୍ରଦେଶର ବାଲାଘାଟ ଜିଲାରେ ସଂକ୍ରମଣ ବଢୁଥିବାରୁ ସେଠାରେ ରାତ୍ରିକାଳୀନ କର୍ଫ୍ୟୁ ଜାରି ହେବା ସହ ୫ କିମ୍ବା ତା'ଠାରୁ ଅଧିକ ଲୋକ ଏକାଠି ହେବା ଉପରେ କଟକଣା ଲଗାଯାଇଛି। ଜରୁରୀ ଆବଶ୍ୟକତା ବ୍ୟତୀତ ଅନ୍ୟ ସମସ୍ତ ଗାଡ଼ି ଚଳାଚଳ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ସେହିପରି କେରଳରୁ କର୍ନାଟକ ଆସୁଥିବା ଯାତ୍ରୀଙ୍କ ପାଇଁ ଆର୍‌ଟି-ପିସିଆର୍ ପରୀକ୍ଷା ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସମାବେଶ ଉପରେ କଟକଣା ଲଗାଇଛନ୍ତି। ମାର୍ଚ୍ଚ ୧ରୁ ଇନ୍‌ଡୋର ସମାବେଶକୁ ୧୦୦ ଏବଂ ବାହାର ସମାବେଶକୁ ୨୦୦ ଲୋକରେ ସୀମିତ ରଖିବାକୁ କୁହାଯାଇଛି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ କେବଳ କେରଳ ଓ ମହାରାଷ୍ଟ୍ରରେ ସକ୍ରିୟ ମାମଲା ସଂଖ୍ୟା ୭୫ ପ୍ରତିଶତ। ଦେଶର ମୋଟ ସକ୍ରିୟ ମାମଲା ମଧ୍ୟରୁ କେରଳରେ ୩୮ ପ୍ରତିଶତ ରହିଥିବାବେଳେ ମହାରାଷ୍ଟ୍ରରେ ୩୭, କର୍ନାଟକରେ ୪ ଏବଂ ତାମିଲନାଡୁରେ ୨.୭୮ ପ୍ରତିଶତ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି। ଏପର୍ଯ୍ୟନ୍ତ ମୋଟ ୧,୧୭,୬୪,୭୮୮ ଜଣଙ୍କୁ କୋଭିଡ୍ ଟିକା ଦିଆଗଲାଣି। ୬୮ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ଟିକାର ପ୍ରଥମ ଡୋଜ୍ ନେଇଥିବାବେଳେ ୬୨ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇସାରିଲେଣି। ସେହିପରି ୪୧ ପ୍ରତିଶତରୁ ଊର୍ଦ୍ଧ୍ୱ ଆଗଧାଡ଼ିର କର୍ମଚାରୀ ପ୍ରଥମ ଡୋଜ୍ ନେଇଛନ୍ତି।

## ଜିଲେଟିନ୍ ଷ୍ଟିକ୍ ବିସ୍ଫୋରଣରେ ୬ ମୃତ



**ଚିକ୍କାବଲପୁର, ୨୩।୨**

କର୍ନାଟକର ଚିକ୍କାବଲପୁର ଏବଂ ବେଙ୍ଗାଲୁରୁ ସୀମାନ୍ତ ଏକ ଗ୍ରାମରେ ମଙ୍ଗଳବାର ବିସ୍ଫୋରଣ ଘଟି ୬ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଖବର ଅନୁଯାୟୀ ଜିଲେଟିନ୍ ଷ୍ଟିକ୍‌ଗୁଡ଼ିକୁ ଗାଡ଼ିରେ ନେବାବେଳେ ତାହା ବିସ୍ଫୋରଣ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ବେଳେ ମୃତଦେହଗୁଡ଼ିକୁ ଚିହ୍ନଟ କରିହେଉନାହିଁ। ଖାଦାନରେ ବିସ୍ଫୋରଣ ପାଇଁ ଜିଲେଟିନ୍ ଷ୍ଟିକ୍ ବ୍ୟବହାର କରାଯାଉଥିଲା। ଗତ ୬ ତାରିଖରେ ପୋଲିସ ଚଢ଼ାଉରୁ ବର୍ତ୍ତିବା ଲାଗି ଖଣି ମାଲିକ ଉକ୍ତ ଜିଲେଟିନ୍ ଷ୍ଟିକ୍‌ଗୁଡ଼ିକୁ ଆଣି ଲୁଚାଇ ରଖିଥିଲେ। ପୁଣି ଥରେ ଚଢ଼ାଉ ହେବା ଆଶଙ୍କାରେ ମଙ୍ଗଳବାର ଭୋର ସମୟରେ ସେ ଜିଲେଟିନ୍ ଷ୍ଟିକ୍‌ଗୁଡ଼ିକୁ ଖଣି ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟକୁ ନେଉଥିବାବେଳେ ତାହା ବିସ୍ଫୋରଣ ହୋଇଥିଲା। ଚିକ୍କବଲପୁର ଜିଲାର ହିରେନାଗଭାଲ୍ଲି ଗ୍ରାମରେ ଏହି ବିସ୍ଫୋରଣ ଘଟିଛି। ଏସ୍‌ପିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିସ୍ଫୋରଣ ସ୍ଥଳ ଯାଞ୍ଚ କରିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMSBP2021008 ତା.11.02.2021ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ବୁଢ଼ାପଙ୍କ-ତାଳଚେର ଏବଂ ବୁଢ଼ାପଙ୍କ-ତାଳଚେର ରୋଡ଼ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ପାଇଁ ମୌଳିକ ଅବସ୍ଥାରେ(In situ) 52 କି.ଗ୍ରା./60 କି.ଗ୍ରା. ସ୍ବିଚ୍ ଜଙ୍କସନର ଫାବ୍ରିକେଶନ/ଆସେମ୍ବ୍ଲିଙ୍ଗ୍ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 69.76 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.03.2021 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗଚ୍ଛର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-96/CD/20-21



ଦିଲ୍ଲୀର ଗାଜିପୁର ସୀମାରେ ଆନ୍ଦୋଳନରତ କୃଷକଙ୍କ 'ପଗଡ଼ି ସମ୍ଭାଳ ଦିବସ' ପାଳନ ଅବସରରେ ଭାରତୀୟ କିଷାନ ୟୁନିୟନ ସଭାପତି ନରେଶ ଟିକାଏତ୍ ଅନ୍ୟମାନଙ୍କ ସହ ପଗଡ଼ି ବାନ୍ଧି ଢୋଲ ବଜାଉଛନ୍ତି।

# ଟ୍ରକ୍ ପୋଡ଼ି ମାମଲାରେ ୱାରାୱାରାଙ୍କୁ ଜାମିନ

**ନୂଆଦିଲ୍ଲୀ, ୨୩।୨**



ତେଲୁଗୁ କବି ତଥା ସାମାଜିକ କର୍ମୀ ୱାରାୱାରା ରାଓଙ୍କୁ ମଙ୍ଗଳବାର ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ୍ ଅନ୍ୟ ଏକ ମାମଲାରେ ୬ ମାସ ପାଇଁ ଜାମିନ ପ୍ରଦାନ କରିଛନ୍ତି। ୨୦୧୬ରେ ମହାରାଷ୍ଟ୍ରର ସୁରଜଗଡ଼ ଲୁହାପଥର ଖଣି ପୋଡ଼ାଜଳା ମାମଲାରେ ୮୨ ବର୍ଷୀୟ ୱାରାୱାରା ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଭୀମା କୋରେଗାଁଓ ମାମଲାରେ ବମ୍ବେ ହାଇକୋର୍ଟ ସୋମବାର ୱାରାୱାରାଙ୍କୁ ଜାମିନ ପ୍ରଦାନ କରିବାରେ ତାଙ୍କ ଓକିଲ ଫିର୍ଦୋସ ମିର୍ଜା ଏବଂ ନିହାଲସିଂ ରାଠୋଡ୍ ସଙ୍ଗେ ସଙ୍ଗେ ନାଗପୁର ବେଞ୍ଚଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାରର ନିର୍ଦ୍ଦେଶନାମାକୁ ପଢ଼ିବା ପରେ ଜଷ୍ଟିସ୍ ସ୍ୱପ୍ନା ଜୋଷୀ ତେଲୁଗୁ କବିଙ୍କୁ ୫୦,୦୦୦ ଟଙ୍କା ବେଲ୍ ବଣ୍ଡ୍ ଦାଖଲ କରି ଜାମିନରେ ଯିବା ପାଇଁ ଅନୁମତି ଦେଇଛନ୍ତି। ତାଙ୍କୁ ମୁମ୍ବାଇରେ ରହିବା ଓ ଆବଶ୍ୟକ ସମୟରେ ହାଜର ହେବା ସର୍ତ୍ତରେ ଜାମିନ ଦିଆଯାଇଛି। ୨୦୧୬ ଡିସେମ୍ବରରେ ସୁରଜଗଡ଼ ଖଣିରୁ ଲୁହାପଥର ନେଇ ଯାଉଥିବା ୮୦ଟି ଟ୍ରକ୍‌କୁ ମାଓବାଦୀମାନେ ଜାଳିଦେଇଥିଲେ। ଏହି ମାମଲାରେ ୱାରାୱାରାଙ୍କୁ ୨୦୧୯ରେ ଗିରଫ କରାଯାଇ ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଥିଲା।

# ଗୁଜରାଟ ପୌର ନିର୍ବାଚନ: ଭାଜପାର ବାଜିମାତ

**ଅହମଦାବାଦ, ୨୩।୨**

ଗୁଜରାଟ ପୌର ନିର୍ବାଚନ ଭୋଟଗଣତି ମଙ୍ଗଳବାର ଜାରି ରହିଥିବାବେଳେ ଭାଜପା ୬ଟି ଯାକ ମହାନଗର ନିଗମ ଦଖଲ କରିବାକୁ ଯାଉଛି। ସନ୍ଧ୍ୟା ସୁଦ୍ଧା ଘୋଷିତ ୪୭୪ ଆସନ ମଧ୍ୟରୁ ଗୈରିକ ଦଳକୁ ୪୦୯ଟି ଆସନ ମିଳିଛି। କଂଗ୍ରେସକୁ ୪୩ ଆସନ ମିଳିଥିବାବେଳେ ପ୍ରଥମ ଥର ନିର୍ବାଚନ ଲଢ଼ିଥିବା ଆମ୍ ଆଦ୍‌ମୀ ପାର୍ଟିକୁ ୧୮ ଆସନ ମିଳିଛି। ଗତ ୨୧ ତାରିଖରେ ଅହମଦାବାଦ ସମେତ ୬ ମହାନଗର ନିଗମର ୫୭୬ ଆସନ ପାଇଁ ମତଦାନ ହୋଇଥିଲା। ଅହମଦାବାଦର ୧୯୨ ଆସନ ସମେତ ରାଜକୋଟର ୭୨, ଜାମନଗରର ୬୪, ଭାବନଗରର ୫୨, ବଡୋଦରାର ୭୬ ଏବଂ ସୁରଟର ୧୨୦ ଆସନ ଲାଗି ନିର୍ବାଚନ ହୋଇଥିଲା। ଭାଜପାର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଏବଂ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ ଭୋଟର ଏବଂ ଦଳୀୟ କର୍ମୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିର୍ବାଚନରେ ଭାଜପାର ବଡ଼ ବିଜୟ ଗୁଜରାଟ ଜନସାଧାରଣଙ୍କ ବିଜୟ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ରାଜନୀତିର ବିଜୟ ବୋଲି ରୂପାନୀ କହିଛନ୍ତି।



# ନିଖୋଜଙ୍କୁ ମୃତ ଘୋଷଣା କରାଯିବ

**ଡେରାଡୁନ୍, ୨୩।୨**

ଗତ ୭ ତାରିଖରେ ଉତ୍ତରାଖଣ୍ଡର ଚାମୋଲି ଜିଲାରେ ହିମସ୍ଖଳନରେ ୬୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୩୬ ଜଣ ନିଖୋଜ ଅଛନ୍ତି। ସେମାନଙ୍କୁ ମୃତ ଘୋଷଣା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ନୋଟିସ୍ ପଠାଯାଇଛି। ରାଜ୍ୟ ସରକାର ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଆକ୍ଟ, ୧୯୬୯ ଲାଗୁ କରି ନିଖୋଜଙ୍କୁ ମୃତ ଘୋଷଣା କରିବା ଏବଂ ସେମାନଙ୍କ ପରିବାରକୁ ସହାୟତାରୁ ବଞ୍ଚିତ ନ କରିବାକୁ ଏପରି କରିଥିବା ସୂଚନା ଦିଆଯାଇଛି।

**M/S ASIAN NATURAL RESOURCES (INDIA) LIMITED (IN LIQUIDATION)**
Liquidator Address: 330/348, Atlantis K-10, Sarabhai Main Road, Baroda - 390023, Gujarat, India., liquidation.anrl@ddip.in, jlnusb@gmail.com

**E-AUCTION SALE NOTICE**

Notice is hereby given to the public in general under the Insolvency and Bankruptcy Code, 2016 and Regulations there under, that the properties stated in table given below will be sold by E-auction through the service provider **M/s E-procurement Technologies Limited** (Auction Tiger) via website **https://ncltauction.auctiontiger.net.**

| | |
|---|---|
| Date and Time of Auction | **Wednesday, 17.03.2021, between 11:00 AM to 2:00 PM** |
| Last Date for Submission of EMD | **15.03.2021 before 07:00 PM** |
| Inspection Date & Time | **03.03.2021 and 04.03.2021 from 11:00 AM to 5:00 PM Contact person (Mr. Hardik Surani: +91- 81600 94709, Mr. Rushee Deopura: +91- 95740 85948)** |

| Details of assets | Block | Reserve Price (Rs.) | Earnest Money Deposit (EMD) |
|---|---|---|---|
| Plot at Mouza- Belpahar, Jharsuguda (Orissa) | Block 1 | 17,60,000 | 1,76,000 |

The EMD (Refundable) shall be payable by interested bidder through NEFT/RTGS/Demand Draft on or **before 15.03.2021** in account of **"Asian Natural Resources India Limited** - in liquidation" having account number **2712201050639** and IFS Code **CNRB0002712** (5th character is zero). For detail terms and condition of E-auction sale refer Sale Notice available on **https://ncltauction.auctiontiger.net.** For any query regarding E-auction contact **Mr. Praveen Thevar at +91-9722778828, 079-61200531/559/594/554, E-mail ID praveen.thevar@auctiontiger.net.**

Sd/-
**Abhishek Nagori**
Date: 24.02.2021
Place: Vadodara
Liquidator of **M/s Asian Natural Resources (India) Limited**
IBBI Reg. No: IBBI/IPA-001/IP-P00020/2016-2017/10044

## କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,(ଡି.ଏନ.ଏ.): ଆସନ୍ତା ୨୬ ତାରିଖରେ ସର୍ବଭାରତୀୟ ବ୍ୟବସାୟୀ ସଂଘ (ସିଆଇଏଟି) ଦେଇଥିବା ବନ୍ଦ ଡାକରାକୁ ସମର୍ଥନ ଜଣାଇ କୁଚିଣ୍ଡା ବ୍ୟବସାୟୀ ସଂଘ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏଥିରେ ଜିଏସ୍‌ଟି ସରଳୀକରଣ ସମ୍ପର୍କରେ ଉଲ୍ଲେଖ ହୋଇଛି। ସୋମବାର ଏ ନେଇ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟବସାୟୀ ମନୋଜ ସାହୁ, ଦୀନବନ୍ଧୁ ଅଗ୍ରୱାଲ, ମନଜିତ ପଟେଲ, ରାଜେନ୍ଦ୍ର ସୋନୀ, ନବୀନ ଅଗ୍ରୱାଲ, ଆନନ୍ଦ ଅଗ୍ରୱାଲ, କୈଳାସ ଅଗ୍ରୱାଲ, ସଜ୍ଜନ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

## ବସ୍ ଧକ୍କାରେ ସାଇକେଲ ଚାଳକ ମୃତ

ଲଖନପୁର,୨୩।୨(ଡି.ଏନ୍.ଏ.): ଝାରସୁଗୁଡ଼ା ସରବାହାଲ ଉତ୍କଳ କଣ୍ଟିନେଣ୍ଟାଲ ନିକଟରେ ମଙ୍ଗଳବାର ଏକ କମ୍ପାନୀ ବସ୍ ଧକ୍କାରେ ଜଣେ ସାଇକେଲ୍ ଚାଳକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ବଡମାଲ ଥାନା ଭାଗିପାଲି ଗ୍ରାମର ଚନ୍ଦ୍ର ଶେଖର ସେଠ୍ (୭୨)। ଝାରସୁଗୁଡା ଟାଉନ ଥାନା ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ କେସ୍ ନଂ.୯୮/୨୧ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଓଡି ୨୩ଡି ୯୬୯୬ବସ୍‌କୁ ପୋଲିସ ଜବତ କରିଛି। ବସ୍ ଚାଳକ ଫେରାର୍ ହୋଇଯାଇଛନ୍ତି। ବୃଦ୍ଧ ଜଣକ ସାଇକେଲରେ ଝାରସୁଗୁଡା ଆସୁଥିବାବେଳେ ପଛରୁ ବସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ଜିଏମ୍‌ୟୁରେ ପ୍ରଫେସର ଶ୍ରୀମତ ସାହୁ ସ୍ମାରକୀ ବକ୍ତୃତା

ସମ୍ବଲପୁର,୨୩।୨(ବ୍ୟୁରୋ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପ୍ରଫେସର ଶ୍ରୀମତ ସାହୁ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅଞ୍ଜଳି ତ୍ରିପାଠୀଙ୍କ ଅଧକ୍ଷତାରେ ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ କାର୍ଯ୍ୟକ୍ରମ ହୋଇଥିଲା। କୁଳପତି ଏନ୍. ନାଗରାଜୁ, କାନାଡ଼ା ଏଫ୍‌ଭି ବିଶ୍ୱବିଦ୍ୟାଳୟର ଡ. ପ୍ରଭୋଜତ ପରମାର ଯୋଗଦେଇଥିଲେ। ବିଜୟା ଖମାରୀ, ଡ. ମୁରଲୀଧର ଶର୍ମା, ପ୍ରଫେସର ଅଶୋକ ମହାପାତ୍ର, ଡ. କାମଦେବ ସାହୁ, ପ୍ରଫେସର ରାଜା ରାଓ, ପ୍ରଫେସର ଯତିନ ନାଏକ, ଅବସରପ୍ରାପ୍ତ ଆଇଏଏସ୍ ପ୍ରସନ୍ନ ଦାସ, କୁଳସଚିବ ଗିରିଶ ଚନ୍ଦ୍ର ସିଂ, ପିଜି କାଉନ୍‌ସିଲ ଅଧକ୍ଷ ସଚି ମହାପାତ୍ର ଉପସ୍ଥିତ ଥିଲେ।

## ପଶ୍ଚିମ ଓଡ଼ିଶାସ୍ତରୀୟ ଆଶାକର୍ମୀ ବୈଠକ

ସମ୍ବଲପୁର,୨୩।୨(ବ୍ୟୁରୋ): ପଶ୍ଚିମ ଓଡ଼ିଶାସ୍ତରୀୟ ଆଶାକର୍ମୀ ବୈଠକ ସୋମବାର ସାକ୍ଷୀପଡ଼ା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ଆଶାକର୍ମୀ ସଂଘର ଲକ୍ଷ୍ମୀ ମହାରଣାଙ୍କ ପରିଚାଳନାରେ ସଭା ହୋଇଥିଲା। ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା, ଅଧିକ ଭତ୍ତା, ଯୋଗ୍ୟତା ଓ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ପଦୋନ୍ନତି ପ୍ରଭୃତି ଦାବି ବିଷୟରେ ଆଲୋଚନା କରାଯାଇଥିଲା। ଏ ନେଇ ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏଥିସହ ମାର୍ଚ୍ଚ ୨୦ରେ ଭୁବନେଶ୍ୱରଠାରେ ଧାରଣା ଦେବାକୁ ସ୍ଥିର କରାଯାଇଛି। ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢ଼ୀ, ମମତା ଖଣ୍ଡାୟତ, ସୌଦାମିନୀ ଦେହୁରି, ଗୀତାଞ୍ଜଳି ବାଗ, ଦଶମୀ ମୁଣ୍ଡା, ବିଦେଶିନୀ ବେହେରା, ମଧୁସ୍ମିତା ସିଂ, ଲକ୍ଷ୍ମୀ ତାଣ୍ଡିଆ, କୁନି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ବନ୍ଦରେ ସାମିଲ ହେବ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍

ସମ୍ବଲପୁର,୨୩।୨(ବ୍ୟୁରୋ): ଜିଏସ୍‌ଟି ସରଳୀକରଣ ଦାବିରେ ଆସନ୍ତା ୨୬ ତାରିଖରେ ସର୍ବଭାରତୀୟ ବ୍ୟବସାୟୀ ସଂଘ (ସିଆଇଏଟି) ଦେଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇ ସମ୍ବଲପୁର ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଏଥିରେ ସାମିଲ ହେବାକୁ ଘୋଷଣା କରିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିବ। ସୋମବାର ସମ୍ବଲପୁର ଭିଏସ୍ଏସ୍ ମାର୍ଗସ୍ଥିତ ଶିଳା ଟାୱାର ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି।

# ଏନ୍‌ଏଚ୍‌ରେ ଧାନବସ୍ତା ରଖି ଆନ୍ଦୋଳନ

ଲଖନପୁର,୨୩।୨(ଡି.ଏନ୍.ଏ.)



କନକତୋରା ଛକ ଏନ୍‌ଏଚ୍ ୪୯ରେ ଧାନବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ।

**ଲଖନପୁର ୧୯ଖଣ୍ଡ ମୌଜାରେ ଧାନବିକ୍ରି ସମସ୍ୟା**
- ପ୍ରଶାସନିକ ଆଲୋଚନା ବିଫଳ
- ଛତିଶଗଡ଼ରେ ମିଶିବା ପାଇଁ ଚେତାବନୀ

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ରେମତା, ଚାରପାଲି ଓ କନକତୋରା ସେବା ସମବାୟ ସମିତିର ପଞ୍ଜୀକୃତ ଚାଷୀମାନେ ଉତ୍ପାଦିତ ଧାନ ବିକ୍ରି କରିପାରୁ ନାହାନ୍ତି। ଏ ନେଇ ସେମାନେ ସେବା ସମବାୟ ସମିତି, ଯୋଗାଣ ବିଭାଗ, ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ଅସନ୍ତୁଷ୍ଟ ଚାଷୀମାନେ ପୂର୍ବସୂଚନା ମୁତାବକ ମଙ୍ଗଳବାର ଛତିଶଗଡ ସୀମାନ୍ତ ୧୯ଖଣ୍ଡ ମୌଜା କନକତୋରା ଛକ ୪୯ନଂ. ଜାତୀୟ ରାଜପଥ ଉପରେ ଧାନବସ୍ତା ରଖି ଆନ୍ଦୋଳନ କରିଥିଲେ। ଆନ୍ଦୋଳନରତ ଚାଷୀ ହାତରେ ପୋଷ୍ଟର, ବ୍ୟାନର ଧରି ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଜିଲା କୃଷକ ସଙ୍ଗଠନ ନେତୃତ୍ୱରେ ଲଖନପୁର ବ୍ଲକ୍ କୃଷକ ସଙ୍ଗଠନ, ରେମତା ମା' ଜୟଦୁର୍ଗା କୃଷକ ସଂଘ, ଚାରପାଲି ମା' ସମଲେଶ୍ୱରୀ କୃଷକ ସଂଘ ଓ କନକତୋରା କୃଷକ ସଂଘର କର୍ମକର୍ତ୍ତା ଏଥିରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି।

ଜିଲା ପ୍ରଶାସନ ତରଫରୁ ଜିଲା ଯୋଗାଣ ବିଭାଗ ଅଧିକାରୀ ଉମେଶ ସ୍ୱାଇଁ, ତହସିଲଦାର ବିଶ୍ୱକେଶନ ପାଣ୍ଡେ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ନିକଟରୁ ଅଧିକ ଟାର୍ଗେଟ୍ ଓ ଟୋକନ୍ ଆସିଲେ ଚାଷୀଙ୍କୁ ଦିଆଯାଇ ଧାନ କିଣାଯିବ ବୋଲି କହିଥିଲେ। ଏହାକୁ ଚାଷୀମାନେ ପ୍ରତ୍ୟାଖ୍ୟାନ କରି ପ୍ରଶାସନ ଉପରେ ଆଉ ଭରସା ନାହିଁବୋଲି କହିଥିଲେ। ରାସ୍ତା ଉପରେ ଗଦାହୋଇଥିବା ଧାନକୁ ଚାଷୀଙ୍କ ନିକଟରୁ ତୁରନ୍ତ ପ୍ରଶାସନ କିଣୁ ବୋଲି ଦାବି କରିଥିଲେ । ସେମାନେ କହିଥିଲେ, ପଡୋଶୀ ଛତିଶଗଡ ରାଜ୍ୟର ଚାଷୀମାନେ ବିଭିନ୍ନ ସରକାରୀ ସୁବିଧାସୁଯୋଗ ପାଉଛନ୍ତି। ହେଲେ ଉପାନ୍ତ ଅଞ୍ଚଳର ଚାଷୀମାନେ ସର୍ବଦା ଉପେକ୍ଷିତ ହେଉଥିବାରୁ ସେମାନେ ଛତିଶଗଡ ରାଜ୍ୟରେ ମିଶିବା ପାଇଁ ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନିକ ଆଲୋଚନା ବିଫଳ ହୋଇଥିଲା। ଏ ନେଇ ଜିଲା କୃଷକ ସଙ୍ଗଠନ ପ୍ରବକ୍ତା ବିରଞ୍ଚି ସାହୁ କହନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆନ୍ଦୋଳନରେ ଜିଲା କୃଷକ ସଙ୍ଗଠନ ପ୍ରବକ୍ତା ସାହୁ, ସଭାପତି ଦିଲୀପ ବଢ଼େଇ, ସମ୍ପାଦକ ସୁରେନ୍ଦ୍ର ସାହୁ, ଗୋପୀନାଥ ମାଝି, ସୁରେଶ ତ୍ରିପାଠୀ, ଅନିଲ ବାରିକ, ସୁଶାନ୍ତ ଚଇନି, ପୂର୍ଣ୍ଣଚନ୍ଦ୍ର ବେହେରା, ଜଗବନ୍ଧୁ ସା, ହରିହର ବାରିକ ପ୍ରମୁଖ ଚାଷୀମାନେ ସାମିଲ ହୋଇଥିଲେ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର

ସମ୍ବଲପୁର,୨୩।୨(ବ୍ୟୁରୋ)

**ଜଣେ ଦିବ୍ୟାଙ୍ଗ ସମେତ ୨ ଗିରଫ**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦିବ୍ୟାଙ୍ଗ ଯୁବକ ହୀରାକୁଦର ସୋନୁ ତାଣ୍ଡି (୨୨) ଓ ଜନ୍ମେଜୟ ଓରାମ (୨୫)। ଏ ନେଇ ଥାନାରେ କେସ ନଂ.୩୧/୨୧ରେ ମାମଲା ରୁଜୁ ହୋଇଛି। ଡାକ୍ତରୀ ମାଇନା ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଚୋରି, ମାରପିଟ ଭଳି ମାମଲାରେ ସୋନୁ ଜେଲ ଯାଇଥିବା ପୋଲିସ କହିଛି। ଟ୍ରାନ୍ସଫର୍ମର ଚୋରି ସମୟରେ ବିଦ୍ୟୁତ୍ ଆଘାତରେ ସେ ଦିବ୍ୟାଙ୍ଗ ହୋଇଯାଇଥିଲେ। ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି, ଅଭିଯୁକ୍ତମାନେ ପୂର୍ବରୁ ରେଙ୍ଗାଲି ଅଞ୍ଚଳକୁ ଯିବାଆସିବା କରୁଥିଲେ। ଦିବ୍ୟାଙ୍ଗ ଯୁବତୀଙ୍କୁ ଦେଖି ବଳାତ୍କାର ଯୋଜନା କରିଥିଲେ। ସୋନୁ ଯୁବତୀଙ୍କୁ ବିବାହ କରିବାକୁ କହି ଫେବୃୟାରୀ ୧୫ ତାରିଖରେ ନିଜ ଗ୍ରାମକୁ ନେଇଯାଇଥିଲେ। ସେଠାରେ ୫ଦିନ ଧରି ବଳାତ୍କାର କରିଥିଲେ। ପରେ ଯୁବତୀଙ୍କୁ ବିବାହ କରିବାକୁ ମନା କରି ତାଙ୍କୁ ଘରେ ଛାଡିଦେବା ପାଇଁ ସାଙ୍ଗ ଜନ୍ମେଜୟଙ୍କୁ କହିଥିଲେ। ଜନ୍ମେଜୟ ୨୦ ତାରିଖରେ ଯୁବତୀଙ୍କୁ ତାଙ୍କ ଘରେ ଛାଡିଦେଇଥିଲେ। ଯୁବତୀ ଜଣଙ୍କ ଘଟଣା ବିଷୟରେ କହିବା ପରେ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ହୀରାକୁଦ ଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ବିବାହିତ ଅଟନ୍ତି। ସୋନୁଙ୍କ ଗୋଟିଏ ୨ ବର୍ଷର ଶିଶୁପୁତ୍ର ରହିଥିବା ବେଳେ ଜନ୍ମେଜୟଙ୍କ ସ୍ତ୍ରୀ ଗର୍ଭବତୀ ଅଛନ୍ତି।

## ରକ୍ତଦେଇ ଶିଶୁର ଜୀବନ ବଞ୍ଚାଇଲେ ଆମ୍ବୁଲାନ୍ସ କର୍ମଚାରୀ

ରେଢାଖୋଲ,୨୩।୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କସଣ୍ଟା ଗ୍ରାମର ନିରଞ୍ଜନ ମିର୍ଦ୍ଧାଙ୍କ ୬ବର୍ଷର ପୁଅ ଅଭିନବଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ କୁଶ ପ୍ରଧାନ। କୁଶଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ ସିକ୍‌ଲିନ ରୋଗରେ ପୀଡିତ ଅଭିନବ ମଙ୍ଗଳବାର ଗୁରୁତର ହୋଇପଡିବାରୁ ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା କରୁଥିବା ଡାକ୍ତର ଅଭିନବଙ୍କୁ ରକ୍ତଦେବା ଜରୁରୀ ବୋଲି ପିତା ନିରଞ୍ଜନଙ୍କୁ କହିଥିଲେ। ରେଢାଖୋଲ ରକ୍ତଭଣ୍ଡାରରେ ଆବଶ୍ୟକ ହେଉଥିବା ଓ' ପଜିଟିଭ ରକ୍ତ ନ ଥିବାରୁ ନିରଞ୍ଜନ ଚିନ୍ତାରେ ପଡିଯାଇଥିଲେ। ୧୦୮ ଆମ୍ବୁଲାନ୍ସ କର୍ମଚାରୀ କୁଶ ଏହା ଶୁଣିବା ପରେ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ରକ୍ତଦାନ କରିଥିଲେ। ଅଭିନବଙ୍କୁ ରକ୍ତ ଦେବା ପରେ ସୁସ୍ଥ ଥିବା ଜଣାପଡିଛି।

## ଜାଲ ଜାତି ପ୍ରମାଣପତ୍ରରେ ଚାକିରି

ସମ୍ବଲପୁର,୨୩।୨(ବ୍ୟୁରୋ)

**ଥାନା ଅଧିକାରୀଙ୍କ ନାମରେ ଅଭିଯୋଗ**

ସମ୍ବଲପୁର ଜିଲା ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ଚାକିରି ସମୟରେ ଜାତି ପ୍ରମାଣପତ୍ର ଜାଲିଆତି କରିଥିବା ଅଭିଯୋଗ ହୋଇଛି। ବୁର୍ଲା ସାହାଜବାହାଲର ସୁରେନ୍ଦ୍ର ମହାପାତ୍ର ଏ ନେଇ ହାଇକୋର୍ଟରେ ୩୪୭/୨୧ରେ ପିଟିଶନ ଓ ୬୮୨୦/୨୧ରେ ରିଟ୍ ପିଟିଶନ ଦାଖଲ କରିଥିଲେ। କୋର୍ଟ ଏହାର ଶୁଣାଣି କରି ରିପୋର୍ଟ ଦେବାକୁ ସମ୍ବଲପୁର ଆର୍‌ଡିସିଙ୍କ ଅତିରିକ୍ତ ସଚିବ, ବରଗଡ଼ ଜିଲାପାଳ, ଏସ୍‌ପିଙ୍କୁ ନିର୍ଦ୍ଦେଶ ରହିଛି। ସମ୍ବଲପୁର ଏସ୍‌ପି ବି. ଗଙ୍ଗାଧର କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏସ୍‌ଡିପିଓ ପାହ୍ୟାର ଜଣେ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିବା ପରେ ପଠାଇ ଦିଆଯିବ।

ଅଭିଯୋଗ ଅନୁସାରେ ବରଗଡ଼ ଜିଲାର ମୂଳବାସିନ୍ଦା ଦୋରା ଜାତି ପ୍ରମାଣପତ୍ରରେ ଚଞ୍ଚକତା କରିଛନ୍ତି। ଅତାବିରା ଓ ବରଗଡ଼ ତହସିଲ କାର୍ଯ୍ୟାଳୟରେ ଜମି ସଂକ୍ରାନ୍ତରେ ପୃଥକ୍ ଜାତି ଥିବା ଉଲ୍ଲେଖ ରହିଛି। ୧୯୯୭ ମସିହାରେ କାଣ୍ଡଦୋରା ଜାତିକୁ ଏସ୍‌ସି ଦର୍ଶାଇ ସେ ଚାକିରି ହାତେଇଛନ୍ତି। ଏହା ପରେ ପର୍ଯ୍ୟାୟକ୍ରମେ ତାଙ୍କର ଦୁଇଟି ପଦୋନ୍ନତି ମଧ୍ୟ ହୋଇଛି। ତଦନ୍ତ ସରିବା ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଉ ବୋଲି ଅଭିଯୋଗକାରୀ ଅନୁରୋଧ କରିଛନ୍ତି।

# ଯୁବ ରେଡକ୍ରସ ଶିବିର ଉଦ୍‌ଯାପିତ




ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର, ୨୩।୨ (ବ୍ୟୁରୋ)

୩ ଦିନିଆ ଯୁବ ରେଡକ୍ରସ ଶିବିର ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ କଲେଜ ସଭା କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ୫ଟି କଲେଜର ୨୦ ଜଣ ସ୍ୱେଚ୍ଛା ସେବକ ଓ ୫ ଜଣ କାଉନସିଲର୍ ଯୋଗଦେଇଥିଲେ। ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ଡା. ରାଜକୁମାର ବଡପଣ୍ଡା, ଡ. ବିଶ୍ୱମୋହନ ଜେନା, ଡା. କଲ୍ଲେଶ କଲ୍କଡ, ଡା. ରଶ୍ମିନାରାୟଣ ରଥ ତାଲିମ ପ୍ରଦାନ କରିଥିଲେ। ସଙ୍କୁଳସ୍ତରୀୟ ରେଡକ୍ରସ ସଂଯୋଜକ ଡ. ସତ୍ୟନାରାୟଣ ଠାକୁର ଓ ଏନଏସସିବି କଲେଜର ସୁରେଶ ଏକ୍କା ଶିବିର ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବରେ ଉଚ୍ଚ ଶିକ୍ଷାବିଭାଗ ସହ ସମ୍ପାଦିକା ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ମୁଖ୍ୟଅତିଥି, ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ସମ୍ବଲପୁର ଜିଲା ଯୁବ ରେଡକ୍ରସ ସମ୍ପାଦକ ଖଗେଶ୍ୱର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜର ବରିଷ୍ଠ ଅଧ୍ୟାପକ ଡ. ଶ୍ୟାମ ଭୋଇ ଉତ୍ସବରେ ଅଧକ୍ଷତା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯିବା ସହ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଫ୍ଲାଇଓଭର ପିଲରରେ ସମ୍ବଲପୁରୀ ଝଲକ ଦାବି

ସମ୍ବଲପୁର,୨୩।୨(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଜିଲା ସାମ୍ବାଦିକ ସଂଘ ସଦସ୍ୟମାନେ ସୋମବାର ଭେଟି ଫ୍ଲାଇଓଭର ଓ ପିଲରରେ ସମ୍ବଲପୁର କଳା, ସଂସ୍କୃତିର ଝଲକ ରଖିବାକୁ ଦାବି କରିଛନ୍ତି। ଫ୍ଲାଇଓଭର ନିର୍ମାଣ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପିଲର ଓ ବ୍ରିଜ୍‌ରେ ରଙ୍ଗକାମ ଚାଲିଛି। ରଙ୍ଗ ହେବା ପରେ ସମ୍ବଲପୁରର ପର୍ବପର୍ବାଣି, ନୃତ୍ୟ, କଳା, ସଂସ୍କୃତି, ବାଦ୍ୟଯନ୍ତ୍ର ଆଭୂଷଣ ଚିତ୍ର ସ୍ଥାନିତ କରାଯାଇପାରିବ। ଏହା ସହ ପଶ୍ଚିମ ଓଡ଼ିଶାର ଗୌରବ ସୁପୁତ୍ରମାନଙ୍କ ଫଟୋଚିତ୍ର ଓ ସେମାନଙ୍କ ଜୀବନୀ ସମ୍ପର୍କିତ ସୂଚନା ଦେବାକୁ ଦାବି କରିଥିଲେ। ସାମ୍ବାଦିକ ସଂଘର ଶିବ ପ୍ରସାଦ ମେହେର, ଦୀପକ କୁମାର ପଣ୍ଡା, ରାଜେଶ ବିଭାର ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ। ଆଲୋଚନା ପରେ ଜିଲାପାଳ ସକ୍‌ସେନା ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୨୫ରୁ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୨(ବ୍ୟୁରୋ)

ଜିଲାରେ ବାତଜ୍ୱରରୁ ରକ୍ଷା ପାଇବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଫେବୃୟାରୀ ୨୫ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଜିଲାରେ ସାମୂହିକ ଔଷଧ ବଣ୍ଟନ କାର୍ଯ୍ୟକ୍ରମ କରାଯିବ। ଏ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ନିର୍ଦ୍ଦେଶକ ମଦନମୋହନ ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ସୁଶୀଲ ଦାସ, ଡାକ୍ତର କୁବେରଚନ୍ଦ୍ର ମହନ୍ତ, ଡାକ୍ତର ଶ୍ୟାମବନ୍ଧୁ ରଥ ଉପସ୍ଥିତ ଥିଲେ। ବାତଜ୍ୱର (ଫାଇଲାରିଆସିସ୍) ଏକ ସକାରାତ୍ମକ ରୋଗ। ଜିଲାର କେତେକ ସ୍ଥାନରେ ଏହା ସଂକ୍ରମଣ ହେବା ଆଶଙ୍କା ରହିଛି। ଏଥିରେ ଗୋଡ଼ ଫୁଲିବା ଭଳି ଲକ୍ଷଣ ଦେଖାଯାଇଥାଏ। ଏହି କାର୍ଯ୍ୟକ୍ରମରୁ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ଶିଶୁ, ଅତିଶୟ ରୁଗ୍‌ଣ ବ୍ୟକ୍ତି ବିଷେଶଙ୍କୁ ବାଦ୍ ଦିଆଯିବ। ଏ ନେଇ ୱାର୍ଡ ସ୍ତରରେ ସଚେତନ କରାଯିବ। ଏଥିରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ ନିର୍ଦ୍ଦେଶକ କହିଥିଲେ।

## ଶ୍ରୀଅରବିନ୍ଦ ସ୍କୁଲରେ ଶିକ୍ଷକ ଛାତ୍ର ସମ୍ମିଳନୀ

ସମ୍ବଲପୁର, ୨୩।୨ (ବ୍ୟୁରୋ)

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ସଭା କକ୍ଷରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ଅଜିତ କୁମାର ଦାଶଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଆସନ୍ତା ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ର କିପରି ଭଲ ନମ୍ବର ରଖିବେ ସେ ନେଇ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରୀକ୍ଷାର ନିୟମାବଳୀ ଓ ପରୀକ୍ଷା ପ୍ରସ୍ତୁତି ଉପରେ ବୁଝାଇଥିଲେ। ଉପାଧକ୍ଷ ବ୍ରଜକିଶୋର ହୋତା ଓ ବିଶେଶ୍ୱର ବସ୍ତିଆ, ବରିଷ୍ଠ ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର ଓ ଜୟନ୍ତୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଧାକୃଷ୍ଣ କ୍ରିକେଟ: ପଣ୍ଡକିମାଳ ଚାମ୍ପିୟନ

ରେଢାଖୋଲ,୨୩।୨(ଡି.ଏନ.ଏ.)

ରେଢାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତର ସରପାଳ ଗ୍ରାମରେ ଚାଲିଥିବା ରାଧାକୃଷ୍ଣ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ପଣ୍ଡକିମାଲ ଓ ଖୁବେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ପ୍ରଥମେ ଖୁବେଲ ଦଳ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡକିମାଳ ଦଳ ୭ ଓଭର ଖେଳି ୨ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ଲକ୍ଷ୍ମଣ ପ୍ରଧାନ ଓ ରତନ ସେଠୀ ମ୍ୟାଚ ପରିଚାଳନା କରିଥିଲେ। ପଣ୍ଡକିମାଳ ଦଳର ସୁମନ୍ତ ସାହୁ ମ୍ୟାନ ଅଫ ଦି ମ୍ୟାଚ, ଖୁବେଲ ଦଳର ଶୁକ୍ରୁ ପ୍ରଧାନ ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ପ୍ରମୋଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସାନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ଦିଲୀପ କୁମାର ପ୍ରଧାନ, ନାଏବ ସରପଞ୍ଚ ରତନ ରଣା ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ବ୍ଲକସ୍ତରୀୟ ପରାମର୍ଶ ଶିବିର

କୁଚିଣ୍ଡା, ୨୩।୨(ଡି.ଏନ.ଏ.)

କୁଚିଣ୍ଡା ଟାଉନ ହଲଠାରେ ଓର୍‌ମାସ ଓ ଓଡ଼ିଶା ଜୀବିକା ମିଶନ ଦ୍ୱାରା ମଙ୍ଗଳବାର ଚୁକ୍ତିଭିତ୍ତିକ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ୧୭ ପଞ୍ଚାୟତରୁ ୧୫୮ ଯୁବତୀଯୁବକ ଯୋଗଦେଇଥିଲେ। ତାଲିମ ଦେଇ କର୍ମସଂସ୍ଥାନ ଯୋଗାଉଥିବା ୬ ଗୋଟି ସଂସ୍ଥା ଯୋଗଦେଇ ୭୦ ଜଣଙ୍କୁ ମନୋନୀତ କରିଥିଲେ। ଏହି ଅବସରରେ କୁଚିଣ୍ଡା ପଞ୍ଚାୟତ ସିମିତ ପକ୍ଷରୁ ବିଡିଓ ନିଶିପୁନମ ମିଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକଙ୍କ ନୋମିନୀ ଅମୂଲ୍ୟ ମିଶ୍ର, ବ୍ଲକ ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର କିଷାନ, ଜିପିଓ ଶିବନାଥ ପଟେଲ, ୟଙ୍ଗ ପ୍ରୋଗ୍ରାମର (ୱାଇପି) ମନୋରଞ୍ଜନ ବାରିକ, ସମିତି ସଭ୍ୟା ଜ୍ୟୋତି ପଟେଲ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ବିପିଏମ୍ ଷ୍ଟିଫେନ୍‌ସନ୍ ବେହେରା ସଭା ପରିଚାଳନା କରିଥିଲେ। ବିଏଲ୍‌ସି ସୁବାସ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ଏମ୍‌ବିକେ, ସିଆର୍‌ପି ଯୋଗଦେଇଥିଲେ।

# ଚାଷୀଙ୍କୁ ସଚେତନ ପାଇଁ ଗଡ଼ିଲା କୃଷିରଥ

ରେଢାଖୋଲ,୨୩।୨(ଡି.ଏନ.ଏ.)

ରାଜ୍ୟ ସରକାର ଚାଷୀମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଏହି ଯୋଜନାର ସଫଳ ରୂପାୟନ ପାଇଁ ଚାଷୀମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ମଙ୍ଗଳବାର ରେଢାଖୋଲ କୃଷି ଜିଲା ପକ୍ଷରୁ ଏକ କୃଷି ରଥର ଶୁଭାରମ୍ଭ କରାଯାଇଛି। ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ରାୟ ରେଢାଖୋଲ କାର୍ଯ୍ୟାଳୟରେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା,ବଳରାମ ଯୋଜନା, ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ, ମୃତ୍ତିକା ପରୀକ୍ଷା ଆଦି ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରିବାକୁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ଦିଲୀପ କୁମାର ନାଏକ, ଆତ୍ମାର ଜିଲା ପ୍ରକଳ୍ପ ଅଧିକାରୀ ଜଗନ୍ନାଥ ଦାଶ, ସହକାରୀ କୃଷି ଅଧିକାରୀ ଡିଲେଶ୍ୱର ସାହୁ, ଗଗନବିହାରୀ ନାଏକ, ମଧୁମିତା ମୁର୍ମୁ, କୃଷି ଇଞ୍ଜିନିୟର ମୋନାଲିସା ରାଉତଙ୍କ ସମେତ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ।



କୃଷିରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

# ଘର ଭାଙ୍ଗିଲା ହାତୀ: ବର୍ତ୍ତିଗଲେ ମା'ଝିଅ

ନାକଟିଦେଉଳ,୨୩।୨(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ରାତିରେ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ କଞ୍ଚନପୁର ଗ୍ରାମର ପଳସାଖଳି ସାହିରେ ହାତୀପଲ ଜଣେ ମହିଳାଙ୍କ ଘର ଭାଙ୍ଗି ଦେଇଛନ୍ତି। ସୌଭାଗ୍ୟବଶତଃ ଘରେ ଶୋଇଥିବା ମାଆ ଓ ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସାହିର କୁମର କିସାନ ବାହାରେ ରହୁଥିବାବେଳେ ତାଙ୍କ ସ୍ତ୍ରୀ ମମତା କିସାନ ଓ ୨ବର୍ଷର ଝିଅ ଘରେ ରହନ୍ତି। ସୋମବାର ରାତିରେ ମା'ଝିଅ ଶୋଇଥିବାବେଳେ ରାତ୍ରି ପ୍ରାୟ ୩ଟା ସମୟରେ ଦନ୍ତା ସମେତ ଗୋଟିଏ ଛୋଟ ହାତୀ ତାଙ୍କ ଚାଳଛପର ମାଟିଘର ଭାଙ୍ଗି ଦେଇଥିଲେ। ସେମାନେ ଧାନଚାଉଳ ଖାଇବା ସହ ଜିନିଷପତ୍ର ଫିଙ୍ଗାଫୋପଡା କରିଥିଲେ। ଶବ୍ଦ ଶୁଣି ମମତା ନିଦରୁ ଉଠି ହାତୀ ଦେଖିବା ପରେ ଝିଅକୁ ଧରି ପଛ ପାଖ ରାସ୍ତାରେ ଦୌଡ଼ି ପଳାଇଥିଲେ। ମମତା ଭୟଭୀତ ହୋଇ ଜମି ହୁଡ଼ା ନିକଟରେ ଲୁଚିରହିଥିଲେ। ମଙ୍ଗଳବାର ସକାଳୁ ଗ୍ରାମର ଜଣେ ବ୍ୟକ୍ତି ହଳ ନେଇ ଯାଉଥିବା ବେଳେ ମାଆ ଝିଅଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ପୂର୍ବରୁ ଏହି ହାତୀ ସାହିର ଶ୍ରୀବସ୍ତ କିସାନଙ୍କ ଘରର ଇଟାକାନ୍ଥ ମଧ୍ୟ ଭାଙ୍ଗି ଦେଇଥିଲା। ମମତା ସର୍ବସ୍ୱାନ୍ତ ହୋଇଯାଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନିକଟସ୍ଥ ଖଳାଶୁଣୀ ଅଭୟାରଣ୍ୟରୁ ଏହି ହାତୀ ୨ଟି ଚାଲିଆସି ଉପଦ୍ରବ କରିଥିବା ଅନୁମାନ କରାଯାଉଛି।



ଭଙ୍ଗାଘର ଆଗରେ ଝିଅ ସହ ମମତା।

## ହୋଟେଲ ତାଲା ଭାଙ୍ଗି ଚୋରି

ବେଦବ୍ୟାସ (ଡି.ଏନ୍.ଏ)- ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା କରତକଳ ଛକ ସ୍ଥିତ ଏକ ହୋଟେଲର ତାଲା ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ଗ୍ୟାସ ସିଲିଣ୍ଡର ସମେତ ଚୁଲା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ହୋଟେଲ ମାଲିକ ସକାଳେ ଆସି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ବାରମ୍ବାର ଚୋରି ବୃଦ୍ଧି ପାଉଥିବାରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ଜନସାଧାରଣ ଦାବି କରିଛନ୍ତି।

**ଆଜି କ'ଣ କେଉଁଠି**

## ୨ ସମିତି ସଭ୍ୟ ପାଇଁ ୫ଜଣ ମଇଦାନରେ

ରାଜଗାଙ୍ଗପୁର, ୨୩।୨ (ଡି.ଏନ.ଏ): ରାଜଗାଙ୍ଗପୁର ବ୍ଲକରେ ଖାଲି ପଡିଥିବା କୁକୁଡାମୁଣ୍ଡା ଓ ବୁଡୁକୁପଡା ସମିତି ସଭ୍ୟ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। କୁକୁଡାମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ପାଇଁ ପୁଷ୍ପିତା ଏକ୍କା ଓ ଯାସିନ୍ତା ଲାକ୍ରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି। ଏହି ପଞ୍ଚାୟତରେ ପୁରୁଷ ଭୋଟର ସଂଖ୍ୟା ୧୩୫୦ ଓ ମହିଳା ଭୋଟର ସଂଖ୍ୟା ୧୨୧୪। ମୋଟ ୨୫୬୪ ଭୋଟର ଥିବା ବେଳେ ଏଠାରେ ୧୧ଟି ବୁଥ ରହିଅଛି। ସେହିପରି ବୁଡୁକୁପଡା ପଞ୍ଚାୟତ ସମିତି ସଭ୍ୟ ପାଇଁ ଫ୍ରାନସିସ୍ ମିଞ୍ଜ, ବସନ୍ତ ଲାକ୍ରା ଓ ରାଜନ ମିଞ୍ଜଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି। ଏହି ପଞ୍ଚାୟତରେ ମହିଳା ଭୋଟର ସଂଖ୍ୟା ୧୯୧୨ ଓ ପୁରୁଷ ଭୋଟର ସଂଖ୍ୟା ୧୮୫୧। ମୋଟ ୩୭୬୩ ଭୋଟର ଅଛନ୍ତି। ଏଥିପାଇଁ ୧୩ଟି ବୁଥ ରହିଅଛି। ଏହି ନିର୍ବାଚନ ପ୍ରକ୍ରିୟା ସକାଳ ୭ରୁ ଆରମ୍ଭ ହୋଇ ଦିନ ୧୨ଟାରେ ଶେଷ ହେବ। ମତଦାତାମାନେ କାଳିମୋଦର ମାରି ନିଜର ମତ ସାବ୍ୟସ୍ତ କରିବେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଗୁରୁବାର ରାଜଗାଙ୍ଗପୁର ପଞ୍ଚାୟତ ଅଫିସରେ ଭୋଟ ଗଣିତ ହେବ ବୋଲି ବିଡିଓ ପିୟୁଷ ଲୋହାର ସୂଚନା ଦିଅନ୍ତି।

# ନିରାଶ୍ରୟଙ୍କୁ ମିଳିବ ଆଶ୍ରୟ

**ରାଉରକେଲା ଅଫିସ, ୨୩।୨**

ରାଉରକେଲା ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ନିଗମ କାର୍ଯ୍ୟାଳୟ ପରିସରରେ ଏକ ଆଶ୍ରୟ ରଥ ଶୁଭାରମ୍ଭ କରାଯାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଏହି ଆଶ୍ରୟ ରଥକୁ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ, ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନିଲ ନରୱଣେ, ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ। ପତାକା ଦେଖାଇ ଆଶ୍ରୟ ରଥ ସେବାର ଶୁଭାରମ୍ଭ କରିଥିଲେ। ଏହି ଆଶ୍ରୟ ରଥ ମାଧ୍ୟମରେ ସହରର ବିଭିନ୍ନ ସ୍ଥାନ ଯଥା ରେଳଷ୍ଟେସନ, ବିଭିନ୍ନ ମନ୍ଦିର, ବସଷ୍ଟାଣ୍ଡ ଇତ୍ୟାଦି ନିକଟରେ ରହୁଥିବା ଆଶ୍ରୟହୀନ ଲୋକଙ୍କୁ ଉଦ୍ଧାର କରି



ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଆଶ୍ରୟ ରଥ ଶୁଭାରମ୍ଭ କରାଯାଉଛି।

ନିଗମ ପକ୍ଷରୁ ଖୋଲାଯାଇଥିବା ଆଶ୍ରୟ କେନ୍ଦ୍ରକୁ ନେଇ ସେଠାରେ ସେମାନଙ୍କ ରହିବା ବ୍ୟବସ୍ଥା କରାଯିବ। ବିଭିନ୍ନ ସମୟରେ ଆଶ୍ରୟହୀନ ଲୋକ ଆବଶ୍ୟକ ଯାନବାହନ ଅଭାବରୁ ଆଶ୍ରୟ କେନ୍ଦ୍ରକୁ ଆସିପାରନ୍ତି ନାହିଁ। ସେହିଭଳି କ୍ଷେତ୍ରରେ ଏହି ଯାନ ସହାୟକ ହେବ।

**ଆଶ୍ରୟ ରଥର ଶୁଭାରମ୍ଭ କଲେ ଡବ୍ଲ୍ୟୁଓଡ଼ିସି ଅଧ୍ୟକ୍ଷ**

କେବଳ ସେତିକି ନୁହଁ, ଆଶ୍ରୟ କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ କୌଣସି ଅସୁବିଧା ହେଲେ, ତୁରନ୍ତ ସେମାନଙ୍କୁ ଏହି ଆଶ୍ରୟ ରଥ ମାଧ୍ୟମରେ ଡାକ୍ତରଖାନାକୁ ନିଆଯାଇପାରିବ। ସେହିପରି ଆଶ୍ରୟ କେନ୍ଦ୍ରକୁ ଖାଦ୍ୟ ପରିବହନ ଏବଂ ଜନ ସଚେତନତା କାର୍ଯ୍ୟରେ ମଧ୍ୟ ଏହି ବାହନକୁ ବ୍ୟବହାର କରାଯାଇପାରିବ।

## ଟ୍ରେଲର ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବେଦବ୍ୟାସ, ୨୩।୨ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା କରତକଳ ଛକ ନିକଟରେ ମଙ୍ଗଳବାର ସକାଳ ୭ଟାବେଳେ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ବାଇକ୍‌କୁ ଧକ୍କା ଦେବାରୁ ସୁବୋଧ ଚନ୍ଦ୍ର ସାହୁ (୫୫)ଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ କାମିନୀଲତା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସକାଳ ୭ଟା ସୁବୋଧ ଓ କାମିନୀଲତା ବାଇକ ନଂ. ଓଆର୍ ୧୪ ଡି- ୬୧୧୨ ଯୋଗେ କଲୁଙ୍ଗା କରତକଳଛକ ବାସଗୃହରୁ ବାହାରି ବେଦବ୍ୟାସ ମନ୍ଦିର ଯାଉଥିଲେ। ରାଉରକେଲା ଆଡକୁ ଆସୁଥିବା ଏକ ଟ୍ରେଲର ନଂ. ଓଡି ୧୪ ଜି- ୩୬୫୨ କରତକଳଛକରେ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଦମ୍ପତି ଛିଟିକି ପଡି ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ସୁବୋଧଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରେଲର ଗାଡ ଚାଳକ ଫେରାର୍ ହୋଇଯାଇଛନ୍ତି।

## ୪ କରୋନା ଆକ୍ରାନ୍ତ ଚିହ୍ନଟ

**କୁଆଁରମୁଣ୍ଡା, ୨୩।୨ (ଡି.ଏନ.ଏ)**

ଦୀର୍ଘ ଦିନର ବ୍ୟବଧାନ ପରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଅଞ୍ଚଳକୁ ପୁଣି କରୋନା ଫେରିଛି। ଏହି ତହସିଲରେ କାର୍ଯ୍ୟରତ ଜଣେ ଅମିନଙ୍କର ସୋମବାର କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ମଙ୍ଗଳବାର ଏହି ତହସିଲରେ ପୁଣି ୩ ଜଣଙ୍କର ଏସିମ୍ପଟମେଟିକ୍ ପଜିଟିଭ୍ ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା କର୍ମଚାରୀ ଓ ଜଣେ ପୁରୁଷ କର୍ମଚାରୀ। ଏହାକୁ ମିଶାଇ ମୋଟ ୪ ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ତହସିଲକୁ ମଙ୍ଗଳବାର ଅପରାହ୍ନରେ ଅଗ୍ନିଶମ କର୍ମଚାରୀମାନେ ସାନିଟାଇଜ୍ କରିଛନ୍ତି। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକଙ୍କ କହିବାନୁଯାୟୀ, ଉକ୍ତ ୪ କର୍ମଚାରୀଙ୍କର କରୋନା ପଜିଟିଭ୍ ଥିଲେ ମଧ୍ୟ ଏସିମ୍ପଟମେଟିକ୍ ହୋଇଥିବାରୁ ସାଧାରଣରେ ଭୟଭୀତ ହେବାର କୌଣସି ଆଶଙ୍କା ନାହିଁ ବୋଲି କହିଛନ୍ତି।

## ପିଇଓଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ

**ଦେବଗଡ଼, ୨୩।୨ (ଡ଼ି.ଏନ୍.ଏ.)**

ଦେବଗଡ଼ ଜିଲାର ଅନୁନ୍ନତ ତଥା ଆଦିବାସୀ ଅଧ୍ୟୁଷିତ ଲଇମୁରା ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) ଯୁଗଳ କିଶୋର ସାହୁଙ୍କ ବିରୋଧରେ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତର କନ୍ଦର୍ପ ଏବଂ ପାଣିଭଣ୍ଡାର ଗ୍ରାମର ୨୧ ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡପ କରିଥିବା ଉକ୍ତ ହିତାଧିକାରୀମାନେ ଗତ ୧୨ ତାରିଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତିଲେଇବଣି ବ୍ଲକର ଅତିରିକ୍ତ ବିଡିଓ ସୁନୀଲ ଗୁରୁଙ୍କ ନେତୃତ୍ୱରେ ଏକ ଟିମ ଘଟଣାର ତଦନ୍ତ କରି ଇତିମଧ୍ୟରେ ତିଲେଇବଣି ବ୍ଲକର ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ପିଇଓ ସାହୁଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଲଇମୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ଭୀମସେନ କିଷାନ ଓ ନାଏବ ସରପଞ୍ଚ ତାରାବତୀ କିଷାନଙ୍କ ନେତୃତ୍ୱରେ ୱାର୍ଡ ସଦସ୍ୟା କ୍ଷୀରେଶ୍ୱରୀ ଅଦାବର, ଫଗନ ଲାକ୍ରା, ଦୁଃଖି ଅଡା, ରଘୁନାଥ କାଲୋ, ବିଙ୍କାନୀ କିଷାନ ଓ ସନାତନ ନାୟକ ପ୍ରମୁଖ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସାହୁଙ୍କ ବିରୁଦ୍ଧରେ ପୁଣି ଥରେ ବିଭିନ୍ନ ଅନିୟମିତତା ନେଇ ଲିଖିତ ଅଭିଯୋଗ କରିବା ସହ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଲ୍ୟାମ୍ପସରେ ତାଲା ପକାଇଲେ ଚାଷୀ

**ଲହୁଣୀପଡା, ୨୩।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଲ୍ୟାମ୍ପସରେ ସୋମବାର ଧାନର ଅଭାବୀ ବିକ୍ରି ଓ ତୁରନ୍ତ ସବୁ ଚାଷୀଙ୍କ ଠାରୁ ଧାନ କିଣିବା ଦାବିରେ ଚାଷୀମାନେ ଲ୍ୟାମ୍ପସରେ ତାଲା ପକାଇ ଧାରଣା ଦେଇଥିଲେ। ଲହୁଣୀପଡା ଲ୍ୟାମ୍ପସ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନଙ୍କର ଧାନ ବର୍ତ୍ତମାନ ସୁଦ୍ଧା ଲ୍ୟାମ୍ପସ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଧାନ କିଣି ନ ଥିବା ବେଳେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଲ୍ୟାମ୍ପସ ଧାନ କେବେଠାରୁ କିଣିବ ଜାଣିବା ପାଇଁ ଲ୍ୟାମ୍ପସ ଦୌଡି ଦୌଡି ନିରାଶ ହେଉଥିବା ବେଳେ ବର୍ତ୍ତମାନ ବିବାହର ଋତୁ ଆରମ୍ଭ ହୋଇଯାଇଛି। ଅନେକ ଚାଷୀ ଧାନ ବିକ୍ରି କରି ବିବାହ କାର୍ଯ୍ୟରେ ଲଗାଇବା ଆଶାରେ ଥିଲେ ମଧ୍ୟ ଲହୁଣୀପଡା ଲ୍ୟାମ୍ପସ ଚାଷୀଙ୍କ ଠାରୁ ଧାନ କିଣୁନାହିଁ। ଫଳରେ ଜରୁରୀ ପରିସ୍ଥିତିରେ ଚାଷୀମାନେ



ଚାଷୀମାନେ ଲ୍ୟାମ୍ପସରେ ତାଲା ପକାଇ ଧାରଣା ଦେଇଛନ୍ତି।

ହଜାରେ ବାରଶହ ଟଙ୍କାରେ ଧାନ ବିକି ଶୋଷଣ ହେବା ପାଇଁ ବାଧ ହେଉଛନ୍ତି। ଏଣୁ ଏହାର ପ୍ରତିବାଦରେ ଲହୁଣୀପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲୁଥାର ଓରାମଙ୍କ ନେତୃତ୍ୱରେ ଛୋଟରାୟ ମାହାନ୍ତ, ବିକ୍ରମ ମୁଣ୍ଡା, ରମେଶ ମାହାନ୍ତ, ଟିକେଶ୍ୱର ମାହାନ୍ତ, ଯଦୁମଣି ଜେନା, ଶରତ ମାହାନ୍ତ ପ୍ରମୁଖଙ୍କ ସହଯୋଗରେ ବହୁ ଚାଷୀ ଲ୍ୟାମ୍ପସରେ ତାଲା ପକାଇବା ସହିତ ଲ୍ୟାମ୍ପସ ଆଗରେ ଧାରଣା ଦେଇଥିଲେ। ଖବର ପାଇ ଲହୁଣୀପଡା ବ୍ଲକ ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ, ଏମଡି ଅରକ୍ଷିତ ମାହାନ୍ତ ଯଥାସମ୍ଭବ ଚାଷୀ ମାନଙ୍କଠାରୁ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

## ୨୦ ଦୀକ୍ଷା ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

**ରାଜଗାଙ୍ଗପୁର, ୨୩।୨ (ଡି.ଏନ.ଏ)**

ଡାଲମିଆ ଭାରତ ଗ୍ରୁପର ଅଂଶବିଶେଷ, ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) ପକ୍ଷରୁ ୨୦ ଜଣ ଶିକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ୍ ଅଫ୍ ନଲେଜ ଆଣ୍ଡ ସ୍କିଲ ହାରନେସିଂ) ପ୍ରଶିକ୍ଷାର୍ଥୀଙ୍କୁ ରାଜଗାଙ୍ଗପୁରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଛାତ୍ରୀଛାତ୍ର ୭୫ ଦିନିଆ ଶିଳ୍ପ ସିଲାଇ ମେଶିନ ଅପରେଟର ଟ୍ରେଡର ପ୍ରଶିକ୍ଷଣ ନେବା ପରେ ତାମିଲନାଡୁର କିଟେକସ୍ ଗାର୍ମେଣ୍ଟରେ ନିଯୁକ୍ତି ପାଇଛନ୍ତି। ଖୁବଶୀଘ୍ର ବିମାନଯୋଗେ ସେମାନଙ୍କୁ ନିଜର ନୂତନ କାର୍ଯ୍ୟସ୍ଥଳୀକୁ ପଠାଯିବ। ଏହି ଅବସରରେ ରାଜଗାଙ୍ଗପୁର ବିଡିଓ ପିୟୁଷ ଲୋହାର, ଜିଲା ନିଯୁକ୍ତି କାର୍ଯ୍ୟାଳୟ ରାଉରକେଲା ସନ୍ତୋଷ କୁମାର ନନ୍ଦ, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ, ରାଜଗାଙ୍ଗପୁର ୟୁନିଟ ମୁଖ୍ୟ ଲୋକେଶ ବାହେତି ତଥା କମ୍ପାନୀର ଖଣି ମୁଖ୍ୟ ସରୋଜ କୁମାର ରାଉତ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କର ଉତ୍ସାହ ବଢ଼ାଇଥିଲେ। ଏହି ଅବସରରେ ଲୋକେଶ ବାହେତି କହିଥିଲେ ନିଜର କଠିନ ପରିଶ୍ରମ, ନିଷ୍ଠା ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଗତି କରିବା ଲାଗି ଇଚ୍ଛାଶକ୍ତି ପାଇଁ ଦିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ସମସ୍ତ ଛାତ୍ରୀଛାତ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଡାଲମିଆ ଭାରତ ଫାଉଣ୍ଡେସନ ଲକ୍ଷ୍ୟ ହେଉଛି କେବଳ ପ୍ରଶିକ୍ଷଣ ଦେବା ନୁହେଁ ବରଂ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିକ୍ଷମ କରିବା। ସରୋଜ କୁମାର ରାଉତ ଉଦ୍‌ବୋଧନ ଦେଇଥିଲେ। ଦୀକ୍ଷା ରାଜଗାଙ୍ଗପୁର ଏବଂ ଝାରସୁଗୁଡାରେ ଅଦ୍ୟାବଧି ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କୌଶଳ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ସ୍ଥାନୀୟ ସାମାଜିକ ଦାୟୀତ୍ୱବୋଧ ବିଭାଗ ମୁଖ୍ୟ ତପନ କୁମାର ନାୟକ ଏବଂ ଦକ୍ଷତା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ସେନାପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଫଟୋରେ ଖବର**



ମଙ୍ଗଳବାର ରାଉରକେଲା ରିଂରୋଡ୍‌ରେ ନାବାଳକମାନେ ଜୀବିକା ନିର୍ବାହ ପାଇଁ ପାଠପଢା ଛାଡି ଟ୍ରଲି ବୋହୁଛନ୍ତି।

## ଭିନ୍ନକ୍ଷମ ଶିକ୍ଷୟିତ୍ରୀଙ୍କୁ ବାଧ୍ୟତାମୂଳକ ଅବସର

**ସୁନ୍ଦରଗଡ, ୨୩।୨ (ଡି.ଏନ୍.ଏ)**

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ ତପେଶ୍ୱରୀ ପଣ୍ଡା କାର୍ଯ୍ୟ କରୁଥିଲେ। ଚାକିରୀକାଳ ମଧ୍ୟରେ ହଠାତ୍ ଦିନେ ତାଙ୍କ ଆଖିକୁ କମ୍ ଦେଖାଯିବାରୁ ଚକ୍ଷୁବିଶେଷଜ୍ଞଙ୍କ ପରାମର୍ଶ ନେଇଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଖି ଅପରେସନ ପରେ ସୁସ୍ଥ ହେବା ପରିବର୍ତ୍ତେ ଦୃଷ୍ଟିଶକ୍ତି ହରାଇବାକୁ ପଡିଥିଲା। ଦୃଷ୍ଟିଶକ୍ତି ଫେରିପାଇବା ପାଇଁ ବହୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ହେଲେ ଛାତ୍ର ବତ୍ସଳ ଶିକ୍ଷୟିତ୍ରୀ ତପେଶ୍ୱରୀ ଜୀବନ ଯୁଦ୍ଧରେ ପଛଘୁଞ୍ଚା ଦେଇ ନ ଥିଲେ। ଦୃଢ ମନୋବଳ ରଖି ବିଦ୍ୟାଳୟକୁ ନିୟମିତ ଭାବେ ଯାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ନିଜର କର୍ତ୍ତବ୍ୟ ସମ୍ପାଦନ ଠିକ ଭାବେ କରିଆସୁଥିଲେ। ଭାରତୀୟ ସେନାର ଜଣେ ଅଧିକାରୀ ଭାବେ କାର୍ଗିଲ ଯୁଦ୍ଧରେ ସଫଳତାର ସହ ଲଢେଇ କରି ଚାକିରୀରୁ ଅବସର ନେଇଥିବା ସ୍ୱାମୀ ରମେଶ ପଣ୍ଡା ଓ ୨ପୁଅ ଝିଅଙ୍କୁ ନେଇ ତାଙ୍କ ସଂସାର। ଦୃଷ୍ଟିଶକ୍ତି ହରାଇବା ପରେ ତପେଶ୍ୱରୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ମିଳିଛି। ତାଙ୍କ ଚାକିରୀ କାଳ ଆଉ ମାତ୍ର ୫ବର୍ଷ ଥିବା ବେଳେ ସ୍ୱାମୀଙ୍କ ସହାୟତାରେ ନିର୍ଦ୍ଦିଷ୍ଟ ସମୟରେ ସ୍କୁଲରେ ପହଞ୍ଚି ପିଲାଙ୍କୁ ପାଠ ପଢାଇବା ଥିଲା ତାଙ୍କର ଶ୍ରେଷ୍ଠ କର୍ତ୍ତବ୍ୟ। ଗତ ୧୭ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ତାଙ୍କ ନିକଟକୁ ପହଞ୍ଚିଥିଲା ଚାକିରୀରୁ ବାଧ୍ୟତାମୂଳକ ଅବସର ଗ୍ରହଣର ନିର୍ଦ୍ଦେଶନାମା। ଏହି ନିର୍ଦ୍ଦେଶନାମା ଚିଠି ପାଇବା ପରେ ଚାକିରୀ କାର୍ଯ୍ୟକାଳ ନ ସରୁଣୁ କିଭଳି ସରକାରଙ୍କ ଏଭଳି ନିଷ୍ପତ୍ତି ସେ ନେଇ ଭାଙ୍ଗି ପଡିଥିଲେ। ସରକାର ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ପ୍ରୋତ୍ସାହନ ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ତଥା ଅନ୍ୟାନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ସ୍ୱତନ୍ତ୍ର ବିଭାଗ ଖୋଲିଥିବା ବେଳେ ତପେଶ୍ୱରୀଙ୍କ ଭଳି ଜଣେ ଭିନ୍ନକ୍ଷମ ଶିକ୍ଷୟିତ୍ରୀଙ୍କ ପାଇଁ ଏହା ପୁରସ୍କାର ନା ଆଉକିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

**ଖେଳ ଖବର**

## ନୂଆଡିହିକୁ ହରାଇ ଖିଲେଇ ଚାମ୍ପିୟନ

**ଦେବଗଡ଼, ୨୩।୨ (ଡି.ଏନ୍.ଏ.)**

କୁଟୁରାପୋସି ଶ୍ରୀରାମ ୟୁଥ୍ କ୍ଲବ ଆନୁକୁଲ୍ୟରେ ୧୮ ତାରିଖରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଖିଲେଇ ଦଳ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ୍ ଖିଲେଇ ଓ ନୂଆଡ଼ିହି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆଡ଼ିହି ଦଳ ଟସ୍‌ପାଇ ପ୍ରଥମେ ବ୍ୟାଟିଂକରି ୧୦ ଓଭରରେ ୫ ଉଇକେଟ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଖିଲେଇ ଦଳ ୮ ଓଭର ୨ ବଲରେ ୩ ଉଇକେଟ ହରାଇ ୯୭ ରନ୍ କରି ବିଜୟୀ ହୋଇଥିଲା। କ୍ଷିତିଶ କୁମାର ପ୍ରଧାନ ଓ ହାଡ଼ିବନ୍ଧୁ ସାହୁ ଖେଳ ପରିଚାଳନା କରିଥିଲେ। କାହ୍ନୁଚରଣ ସ୍ୱାଇଁ ଓ ଚନ୍ଦନ କୁମାର ସ୍ୱାଇଁ ସ୍କୋର ଦାୟିତ୍ୱ ତୁଲାଇଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଚାମ୍ପିୟନ କ୍ରିକେଟ ଟିମ୍‌ର ଖେଳାଳି।

ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥିଭାବେ ବଡ଼ଛାପଲ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଠକଲାଲ ଠାକୁର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରମୋଦ କୁମାର ସାହୁ ଓ ଉଦୟ ନାଥ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ ସ୍ୱାଧୀନ ଦେହୁରୀ, ଦ୍ୱିତୀକୃଷ୍ଣ ସାହୁ, ରାଜା, ମଣ୍ଟୁ, ଟୁଲୁ ପ୍ରମୁଖ ସହଯୋଗ କରିଥିଲେ।

## ବଲାଙ୍ଗୀରର ସୁରେନ, ସୁଧୁ ଚାମ୍ପିୟନ

**ସୁନ୍ଦରଗଡ଼, ୨୩।୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାରେ ବ୍ୟାଡମିଣ୍ଟନ ଖେଳର ସୁଦୂର ପ୍ରଚାର ଓ ପ୍ରସାର ପାଇଁ ଗତ ତିନି ବର୍ଷ ଧରି ଆୟୋଜିତ ହେଉଛି ସୁନ୍ଦରଗଡ଼ ବ୍ୟାଡମିଣ୍ଟନ ଲିଗ୍। ସୁନ୍ଦରଗଡ଼ ଇଣ୍ଡୋର୍ ହଲରେ ଆୟୋଜିତ ହୋଇଥିଲା ତୃତୀୟ ବ୍ୟାଡମିଣ୍ଟନ ଲିଗ। ଏହି ପ୍ରତିଯୋଗିତାରେ ଅନୁଗୋଳ, ଝାରସୁଗୁଡ଼ା, ଟିଟିଲାଗଡ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ରାଉରକେଲା ଏବଂ ସୁନ୍ଦରଗଡରୁ ୮୦ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଲିଗରେ ବଲାଙ୍ଗୀର ଜିଲାର ସୁରେନ ଓ ସୁଧୁ ଚାମ୍ପିୟନ ହୋଇ ୧୦୦୦୦ଟଙ୍କା ନଗଦ ପୁରସ୍କାର ରାଶି ପାଇଥିବା ବେଳେ ଅନୁଗୋଳ ଜିଲାର ଖେଳାଳି ଅମ୍ଲାନ ଓ ଦିବ୍ୟଜ୍ୟୋତି ୮୦୦୦ଟଙ୍କା ନଗଦ ପୁରସ୍କାର ରାଶି ସମ୍ମାନିତ ଅତିଥି ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କଠାରୁ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲା କ୍ରୀଡା ସଂସଦ ସମ୍ପାଦକ ପ୍ରଭାତ କୁମାର ଭୋଳ ସୁନ୍ଦରଗଡ଼ର ଖେଳାଳିମାନଙ୍କ ମଧ୍ୟରେ କିପରି ଏହି ଖେଳର ପ୍ରଦର୍ଶନରେ ଉନ୍ନତି ଆଣିହେବ ସେ ଦିଗରେ ସମସ୍ତ ପ୍ରୟାସ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସତ୍ୟଜିତ ଓ ଆଲୋକ ସ୍କୋରର ଏବଂ ମମତାଜ ଓ ସୁବ୍ରତ ମ୍ୟାଚ୍ ରେଫରି ଥିଲେ।

**ସୁନ୍ଦରଗଡ଼ ବ୍ୟାଡମିଣ୍ଟନ ଲିଗ୍**




ସୁନ୍ଦରଗଡ଼ ବ୍ୟାଡମିଣ୍ଟନ ଲିଗ୍‌ରେ ଅତିଥିଙ୍କ ସହ ଖେଳାଳି।

**ମାଘମେଳା: ସାଧାରଣ ଦର୍ଶନ ନିଷେଧ**

ସୋନପୁର,(ନି.ପ୍ର.): ସନ୍ଥ କବି ଭୀମ ଭୋଇଙ୍କ ସମାଧି ପୀଠ ଖଲିଆପାଲିଠାରେ ଆସନ୍ତା ୨୫ ତାରିଖରୁ ଆୟୋଜିତ ହେବାକୁ ଥିବା ପ୍ରସିଦ୍ଧ ମାଘ ମେଳା ସରକାରଙ୍କ କୋଭିଡ ଗାଇଡ୍ ଲାଇନ୍ ଅନୁସାରେ ପାଳନ ହେବ । କେବଳ ନୀତିକାନ୍ତିରେ ପୂଜା କରାଯାଇ ମାଘମେଳାକୁ ସମ୍ପନ୍ନ କରାଯିବ । ସୁବର୍ଣ୍ଣପୁର ଜିଲାବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନକୁ ବାରଣ କରାଯାଇଛି । ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଖଲିଆପାଲି ପୀଠରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକରେ ପ୍ରଶାସନ, ଟ୍ରଷ୍ଟି, ସେବାୟତ, ମହିମା ଧର୍ମର ପ୍ରତିନିଧି ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ଆଦିବାସୀ କଲ୍ୟାଣ ସଂଘ ଆଞ୍ଚଳିକ କମିଟି ବୈଠକ

ଦେଓଗାଁ ,୨୩।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବାହାଲ ପଞ୍ଚାୟତ ଖଗସୀକନାରେ ମଙ୍ଗଳବାର ଆଦିବାସୀ କଲ୍ୟାଣ ସଂଘ ଆଞ୍ଚଳିକ କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରୂପାଧର ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଆଦିବାସୀ ସଂଘ ଦେଓଗାଁ ବ୍ଲକର ଉପଦେଷ୍ଟା ସମୁଦ୍ର ମାଝୀ,ବରୁଣ ଭୋଇ, ହରିଶ୍ଚନ୍ଦ୍ର ଭୋଇ, ପୁରନ୍ଦର ଭୋଇ ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ ।

### ଅମ୍ବରୀଶ ଚାନ୍ଦଙ୍କୁ ଜ୍ୟୋତିଷ ରତ୍ନ ସମ୍ମାନ



ଅମରପାଲି, ୨୩।୨ (ଡି.ଏନ.ଏ): ଅନ୍ତର୍ଜାତିକ ଜ୍ୟୋତିଷ ମହାସମ୍ମିଳନୀରେ ବୀରମହାରାଜପୁର ବ୍ଲକ ମୁର୍ଶୁଣ୍ଡୀ ପଞ୍ଚାୟତ ଭୁତିଆପାଲି ଗ୍ରାମର ଅମ୍ବରୀଶ ଚାନ୍ଦ ନାମକ ଜଣେ ଯୁବକ ଯୋଗଦେଇ ସଫଳତା ପାଇଛନ୍ତି । ନିକଟରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ବୈଦିକ ଆଷ୍ଟ୍ରୋଲୋଜର ଓ ବାସ୍ତୁ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏହି ମହାସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଓଡିଶା ସମେତ ଛତିଶଗଡ, ପଶ୍ଚିମବଙ୍ଗ ରାଜ୍ୟର ୧୦ ଜଣ ଜ୍ୟୋତିର୍ବିଦ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ । ଉକ୍ତ ସମ୍ମିଳନୀରେ ଡ. ପୀୟୁଷ ପିପାସୁ ଦାଶ, ଡ. ପ୍ରଶନ୍ନ ପାଢୀଶାଣୀ, ଡ. ଅନନ୍ତ ନାରାୟଣ ଜେନା, ଡ. ସୁର ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ । ବୀରମହାରାଜପୁରର ପଣ୍ଡିତ ଅମ୍ବରୀଶ ଏଥିରେ ଅଂଶଗ୍ରହଣ କରି ଜ୍ୟୋତିଷ ରତ୍ନ ସମ୍ମାନ ପ୍ରାପ୍ତ କରିଛନ୍ତି ।

### ଜିଲା ପ୍ରଶାସନ ବୈଠକ

ବିନିକା,୨୩।୨(ଡି.ଏନ୍.ଏ.): ସୋନପୁର ସଦର ବ୍ଲକ ଖଲିଆପାଲି ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ, ତହସିଲଦାର ନବୀନ କିଶୋର ପାଢ଼ୀ, ବିଡିଓ ଆକାଶ ରଞ୍ଜନ ସାହୁ, ପଞ୍ଚାୟତ ସମିତି ଅଧକ୍ଷା ମନ୍ଦାକିନୀ ନାଗ, ସରପଞ୍ଚ ରଘୁନାଥ ଅଗ୍ରୱାଲ ଓ ସମିତି ସଭ୍ୟ ଅମୃତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ଜିଲାର ପ୍ରତ୍ୟେକ ଗ୍ରାପରେ ଗୋଟିଏ ଲେଖାଏ ଗ୍ରାମକୁ ଆଦର୍ଶ ଗ୍ରାମ କରାଯିବ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ । ଖଲିଆପାଲି ଗ୍ରାପର ଖଲିଆପାଲି ଗାଁକୁ ଆଦର୍ଶ ଗ୍ରାମ ଭାବେ ଅନ୍ତର୍ଭୁକ୍ତ କରିବା ସହ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏ ନେଇ ଏକ କମିଟି ଗଠନ କରାଯାଇଥିଲା ।

### ସୁନା ଗହଣା, ଟଙ୍କା ଚୋରି

ଅତାବିରା,୨୩।୨(ଡି.ଏନ.ଏ) ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ କାଦୋବାହାଲରେ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ସୁନା ଗହଣା ସହିତ ୧ଲକ୍ଷ ଟଙ୍କା ଚୋରି ହୋଇଛି । ଏ ନେଇ ଗୃହକର୍ତ୍ତା ଭକ୍ତ ମେହେର ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି । ଏତଲା ପାଇବା ପରେ ବରଗଡ଼ ଏସଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ, ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଭକ୍ତ କିଛି ସମୟ ପାଇଁ ବାହାରକୁ ଯାଇଥିଲେ । ସନ୍ଧ୍ୟା ପ୍ରାୟ ୬ଟାରେ ସେ ଘରକୁ ଫେରିବା ପରେ କବାଟ ଖୋଲି ଦୁର୍ବୃତ୍ତମାନେ ଘରେ ଥିବା ୧୦ଭରି ସୁନା ଏବଂ ୧ଲକ୍ଷ ଟଙ୍କା ଚୋରି କରି ନେଇଥିବା ଭକ୍ତ ଜାଣିବାକୁ ପାଇ ଥାନାରେ ଏତଲା ଦେଇଥିଲେ । ଏ ନେଇ ଅତାବିରା ଥାନା ପୋଲିସ ଏକ ମାମଲା (ନଂ.୫୧/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

# ଜମି କିସମ ବଦଳାଇ ଲୁଟ୍, ତଦନ୍ତ ଦାବି

**ବଲାଙ୍ଗୀର ଅଫିସ, ୨୩।୨**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ଯୁବା ଗ୍ରାମର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଧାନକିଣା ମହାଦୁର୍ନୀତି ଅଭିଯୋଗ ନେଇ ମଙ୍ଗଳବାର ଏକ ଚାଷୀ ପ୍ରତିନିଧି ଦଳ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଏହି ପ୍ୟାକ୍ସରେ ଜମିର କିସମ ବଦଳାଇ ଏବଂ ଅଣଚାଷୀଙ୍କ ନାଁରେ ଧାନ ବିକ୍ରି କରାଯାଇଥିବା ନେଇ ସେମାନେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ, ଡିଆରସିଏସ୍ ଓ ଭିଜିଲାନ୍ସ ବିଭାଗ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ । ଦୋଷୀ ବିରୋଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ନିବେଦନ କରିଛନ୍ତି ।

ଚାଷୀ ପ୍ରତିନିଧି ଦଳ ଜିଲାପାଳ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କୁ ଭେଟି ଅଭିଯୋଗ କରିଥିଲେ । ସେମାନେ ଯୁବା ପ୍ୟାକ୍ସର ସମ୍ପାଦକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ଜମିର କିସମ ବଦଳାଇ ଓ ଅଣଚାଷୀଙ୍କ ନାଁରେ ଟୋକନ୍ କରି ଶତାଧିକ କୁଇଣ୍ଟାଲ ଧାନ ବିକ୍ରୟ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଆଟ ଜମିକୁ ବାହାଲ ଦର୍ଶାଇ ଧାନ ବିକ୍ରି କରିଥିବା ଅଭିଯୋଗ କରିଛନ୍ତି । ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର୍ସ ଏଭଳି ଦୁର୍ନୀତିରେ ଲିପ୍ତ ଥିବା ସେମାନେ ଦର୍ଶାଇଛନ୍ତି । ଏହି ପ୍ୟାକ୍ସର ପ୍ରକୃତ ଚାଷୀଙ୍କ ଧାନ କିଣା ଯାଇ ନ ଥିବା ବେଳେ ବେପାରୀମାନେ ଧାନ ବିକ୍ରି କରି ସାରିଛନ୍ତି । ପ୍ୟାକ୍ସ ସମ୍ପାଦକଙ୍କ ସହାୟତାରେ ଦଲାଲମାନେ ଅନ୍ୟ ଚାଷୀଙ୍କ ଜମିପଟ୍ଟାରେ ଧାନ ବିକ୍ରି କରିଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଚାଷୀ ପ୍ରତିନିଧିମାନେ ୨୩ ଫର୍ଦ୍ଦର ଡକ୍ୟୁମେଣ୍ଟ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏଥିରେ କିଭଳି ଜମି କିସମ ପରିବର୍ତ୍ତନ କରାଯାଇ ଶତାଧିକ କୁଇଣ୍ଟାଲ ଧାନ ବିକ୍ରି କରି ଅର୍ଥ ଆତ୍ମସାତ୍ କରାଯାଇଛି ତାହା ଚାଷୀମାନେ ଜଣାଇଛନ୍ତି । ଏହାସହିତ କୁକୁଡା ଫାର୍ମ ଥିବା ଜମି ଓ ଗୋଚର ଜମିକୁ ମଧ୍ୟ ବାହାଲ ଜମି ଦର୍ଶାଯାଇଥିବା ଅଭିଯୋଗ କରାଯାଇଛି । ଏହି ପ୍ୟାକ୍ସରେ ଧାନ କିଣାର ପ୍ରକୃତ ଯାଞ୍ଚ କରାଗଲେ ଅନିୟମିତତା ଲୋକଲୋଚନକୁ ଆସିବ ବୋଲି ଚାଷୀମାନେ କହିଛନ୍ତି । ଅଭିଯୋଗପତ୍ରର ନକଲ ଡିଆରସିଏସ୍ ଓ ଭିଜିଲାନ୍ସ ବିଭାଗକୁ ମଧ୍ୟ ପ୍ରଦାନ କରାଯାଇଥିବା ଚାଷୀମାନେ ସୂଚନା ଦେଇଛନ୍ତି ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଯୁବା ପ୍ୟାକ୍ସର ଚାଷୀମାନେ ।

**ଯୁବା ପ୍ୟାକ୍ସରେ ଧାନକିଣା ମହାଦୁର୍ନୀତି**

- ଅତିରିକ୍ତ ଜିଲାପାଳ, ଡିଆରସିଏସ୍, ଭିଜିଲାନ୍ସର ଦ୍ୱାରସ୍ଥ ହେଲେ
- ପ୍ୟାକ୍ସ ସମ୍ପାଦକ, ଡିଇଓଙ୍କ ବିରୋଧରେ ଅଭିଯୋଗ ଆଣିଲେ

# ଗଢିଲା ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର



ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରର ଶୁଭାରମ୍ଭ କରୁଛନ୍ତି ।

**ସୋନପୁର,୨୩।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଚାଷୀମାନଙ୍କ ସୁବିଧା ପାଇଁ ମାଟିର ସ୍ୱାସ୍ଥ୍ୟ ପରୀକ୍ଷା ସକାଶେ ସରକାର ମୋବାଇଲ ସଏଲ ଟେଷ୍ଟିଂ ଭ୍ୟାନ(ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର) ଯୋଗାଇ ଦେଇଛନ୍ତି । ମଙ୍ଗଳବାର ଏହି ଭ୍ୟାନ୍‌ର ଶୁଭାରମ୍ଭ ହୋଇଛି । ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଭ୍ୟାନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଭ୍ୟାନ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ରହିଛି । ଜିଲାର ସମସ୍ତ ଗ୍ରାମାଞ୍ଚଳକୁ ପର୍ଯ୍ୟାୟ କ୍ରମେ ଭ୍ୟାନ୍ ଯିବ । ଚାଷୀଙ୍କ ମାଟି ପରୀକ୍ଷା କରି ତତ୍‌କ୍ଷଣାତ୍ ରିପୋର୍ଟ ପ୍ରଦାନ କରିବ । ଫଳରେ ଚାଷୀ ମାଟିର ସ୍ୱାସ୍ଥ୍ୟ ଜାଣି ତଦନୁଯାୟୀ କ୍ଷେତରେ ସାର ପକାଇବେ । ଏହାଦ୍ୱାରା କମ୍ ଖର୍ଚ୍ଚ କରି ଚାଷୀ ଅଧିକ ଅମଳ ପାଇବେ ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି । ଏହି ଅବସରରେ ଏଡିଏ ତଥା ଭାରପ୍ରାପ୍ତ ମୃତ୍ତିକା ରସାୟନବିତ୍ ଶ୍ରୀନିବାସ ମଲ୍ଲିକ, ସୋନପୁର ଏଡିଓ ଶିବ ପ୍ରସାଦ ମଲ୍ଲିକ, ବୀରମହାରାଜପୁର ଏଡିଓ ପ୍ରମିଳ କୁମାର ସ୍ୱାଇଁ, ଓଡିଶା ଆଗ୍ରୋ ଶିଳ୍ପ ନିଗମର ଜିଲା ପରିଚାଳକ ମନୋରଞ୍ଜନ ପରିଡା, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁନିଲ ମହାପାତ୍ର, ସହକାରୀ ଉଦ୍ୟାନ ଅଧିକାରୀ ନରେନ୍ଦ୍ର କୁମାର ସାହୁ ଓ ପାରାଦୀପ ଫସଫେଟ ଲିମିଟେଡ୍‌ର ମାର୍କେଟିଂ ମ୍ୟାନେଜର ସୁରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧର ଐତିହାସିକ ସ୍ଥଳ ପରିଦର୍ଶନ କଲେ ଛାତ୍ରୀଛାତ୍ର

**ଅମରପାଲି,୨୩।୨(ଡି.ଏନ.ଏ)**

ବୀରମହାରାଜପୁର ମହାବିଦ୍ୟାଳୟର ଯୁକ୍ତ ୩ ଇତିହାସ ବିଭାଗର ଛାତ୍ରୀଛାତ୍ରମାନେ ଷ୍ଟଡି ଟୁର କାର୍ଯ୍ୟକ୍ରମରେ ଯାଇ ବୌଦ୍ଧ ଜିଲାର ବିଭିନ୍ନ ଐତିହାସିକ ପୀଠ ପରିଦର୍ଶନ କରିଛନ୍ତି । ବିଭାଗ ମୁଖ୍ୟ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍‌ରେ ଅଧ୍ୟାପିକା ବନ୍ଦିତା ବିଶ୍ୱାଳ, ଅଧ୍ୟାପିକା ଯାମିନୀ ଦାସ ଏବଂ ଅଧ୍ୟାପକ ଶିଶିର ବାଣିଆଁଙ୍କ ସମେତ ୧୧ ଜଣ ଛାତ୍ରୀଛାତ୍ର ସାମିଲ ଥିଲେ । ଏହି ଅବସରରେ ସେମାନେ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ଅସୁରଗଡ, ବାଉଁଶୁଣୀର ଭୁବନେଶ୍ୱର ମନ୍ଦିର, ମାହେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ଗନ୍ଧରାଡ଼ିର ଯୁଗ୍ମ ମନ୍ଦିର, ବୌଦ୍ଧର ରାମନାଥ ମନ୍ଦିର, ପରଗଲପୁର ଓ ଶ୍ୟାମସୁନ୍ଦରପୁର ବୌଦ୍ଧ ପୀଠ ଏବଂ ପୁରୁଣାକଟକସ୍ଥିତ ମା' ଭୈରବୀ ମନ୍ଦିର ପରିଦର୍ଶନ କରିଥିଲେ । ବୌଦ୍ଧ ଅଞ୍ଚଳ ଓଡିଶାର ସାଂସ୍କୃତିକ ନାଭି କେନ୍ଦ୍ର ହୋଇଥିବାରୁ ଏହି ଅଞ୍ଚଳ ପରିଦର୍ଶନ କରିବା ପାଇଁ ଯୋଜନା କରାଯାଇଥିଲା ବୋଲି ଡ. ପାଢ଼ୀ ମତବ୍ୟକ୍ତ କରିଛନ୍ତି । ଏଥିସହିତ ପରଗଲପୁର ଓ ଶ୍ୟାମସୁନ୍ଦରପୁରର ବୌଦ୍ଧ ପୀଠର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି । ଡ. ପାଢ଼ୀଙ୍କ ଆହ୍ୱାନ ଆସନ୍ତୁ ପ୍ରଥମେ ଆମ ରାଜ୍ୟକୁ ଚିହ୍ନିବା ଛାତ୍ରୀଛାତ୍ର ମହଲରେ ବେଶ ପ୍ରଶଂସିତ ହୋଇଛି ।



ଐତିହାସିକ ପୀଠ ପରିଦର୍ଶନ ଅବସରରେ ଛାତ୍ରୀଛାତ୍ର ।

# ବିଭିନ୍ନ ପଦବୀ ପୂରଣ ଦାବି

**ଖପ୍ରାଖୋଲ,୨୩।୨(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି । ଫଳରେ ସେବା ପାଇବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି । ଏ ନେଇ ବ୍ଲକ ସରପଞ୍ଚ ସଂଘର ସଦସ୍ୟମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ଭେଟି ଆଲୋଚନା କରିବା ସହ ତୁରନ୍ତ ପଦବୀଗୁଡିକ ପୂରଣ ପାଇଁ ଦାବି କରିଥିଲେ । ବ୍ଲକର ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ଅଧିକାରୀ ପଦ ଖାଲି ପଡିଥିବାରୁ ଜଣେ କନିଷ୍ଠ କିରାଣି ଦୀର୍ଘଦିନ ଧରି କାର୍ଯ୍ୟ ସମ୍ପାଦନ କରୁଛନ୍ତି । ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପଦବୀ ଦୀର୍ଘଦିନ ଧରି ଖାଲି ପଡିଛି । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଅନ୍ୟ କେତେକ ପଦବୀ ଖାଲି ପଡିଛି । ତୁରନ୍ତ ଖାଲି ପଦବୀ ପୂରଣ କରା ନ ଗଲେ ଆନ୍ଦୋଳନ କରିବାକୁ ସଂଘ ସଭାପତି ଉପେନ୍ଦ୍ର ଭୋଇ, ପ୍ରବୀଣ ଅଗ୍ରୱାଲ, ନରସିଂହ ସାହୁ, ସୁରେଶ ପୁଝାରୀ, ସବିତା ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଜିଏସ୍‌ଟି ସରଳୀକରଣ ଦାବି, ୨୬ରେ ଚକାଜାମ୍

**ସୋନପୁର,୨୩।୨(ନି.ପ୍ର.)**

ସାମଗ୍ରୀ ଓ ସେବା ଟିକସ୍(ଜିଏସ୍‌ଟି) ସରଳୀକରଣ ଦାବିରେ ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ଆସନ୍ତା ୨୬ ତାରିଖରେ ଭାରତ ବନ୍ଦ ଡାକରା ଦେଇଛି । ଏହି ୨୪ ଘଣ୍ଟିଆ ବନ୍ଦକୁ ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ ସମର୍ଥନ କରୁଥିବା ସଂଘ ସଭାପତି ରାମକୃଷ୍ଣ ମେହେର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୧୭ରେ ଜିଏସ୍‌ଟି ଲାଗୁ ହୋଇଥିଲେ ହେଁ ଏଥିରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ବ୍ୟବସାୟୀ ଓ ଖାଉଟି ଅସୁବିଧା ଭୋଗୁଛନ୍ତି । ସରକାରୀ ଅଧିକାରୀ ଏହାର ଫାଇଦା ନେଉଛନ୍ତି । ସେହିପରି ଅନଲାଇନ ବ୍ୟବସାୟ ବିଭିନ୍ନ ନିୟମ ଉଲ୍ଲଂଘନ କରୁଥିବା ବେଳେ ଖାଦ୍ୟ ସୁରକ୍ଷା ଆଇନର ଅତ୍ୟଧିକ ଫାଇନ୍ ବ୍ୟବସ୍ଥା ସାଧାରଣ ବ୍ୟବସାୟୀଙ୍କୁ ବେଡି ଉପରେ କରୋଡା ମାଡ ସଦୃଶ ହୋଇଛି । ଏହି ବନ୍ଦରେ ଯାନ ବାହାନ ଚଳାଚଳ, ଦୋକାନ ବଜାର, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ ରହିବ । କେବଳ ଜରୁରୀ କାଳୀନ ସେବାରେ ନିୟୋଜିତ ଯାନବାହାନ ଓ ଔଷଧ ଦୋକାନକୁ ଏଥିରୁ ବାଦ୍ ଦିଆଯିବ ବୋଲି ସଂଘର ସାଧାରଣ ସମ୍ପାଦକ ବି ସତ୍ୟ ନାରାୟଣ ରାଓ କହିଛନ୍ତି । ସମ୍ମିଳନୀରେ ସଂଘର ଉପସଭାପତି ବି ସୁଦର୍ଶନ ପାତ୍ର, ଉପଦେଷ୍ଟା ଧୀରେନ୍ଦ୍ର ପଟ୍ଟନାୟକ, ଗୁଣନିଧି ମେହେର, କୋଷାଧକ୍ଷ ଗଣେଷ ମହାଲିକ, ନନ୍ଦକିଶୋର କମାଣି ଉପସ୍ଥିତ ଥିଲେ ।

# ମେଶିନ ଖୋଳୁଛି ପୋଖରି ,ଟ୍ରାକ୍ଟର ବୋହୁଛି ମାଟି

**ଲୋଇସିଂହା,୨୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲାରେ ଶ୍ରମିକଙ୍କ ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ତେବେ ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନର ଶ୍ରମିକମାରଣ ନୀତି ଯୋଗୁ ଯୋଜନାର ସୁଫଳ ମିଳି ପାରୁନାହିଁ । ଲୋଇସିଂହା ବ୍ଲକରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ଏହି ବ୍ଲକ ଅଧୀନ ରତାଖଣ୍ଡି ପଞ୍ଚାୟତ ଫଲସାମାଲ ଗାଁର ଚାରମୁଣ୍ଡା ପୋଖରୀ ମାଟି କାମରେ ଶ୍ରମିକ ବଦଳରେ ପୋକ୍‌ଲିନ ମେଶିନ ଓ ଟ୍ରାକ୍ଟର ନିୟୋଜିତ କରାଯାଇଛି । ଫଳରେ ଶ୍ରମିକମାନେ କାମ ନ ପାଇ ଦାଦନ ଖଟିବାକୁ ବାଧ ହେଉଥିବା ଅଭିଯୋଗ ହେଉଛି । ୨ ୱାର୍ଡ ବିଶିଷ୍ଟ ଫଲସାମାଲ ଗାଁରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ସେମାନେ ମୁଖ୍ୟତଃ ସଂଗ୍ରହ କରିଥିବା ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରି କରି ଓ ମୂଲ ଲାଗି ପରିବାର ପରିପୋଷଣ କରିଥାନ୍ତି । ଗାଁରେ ପ୍ରାୟ ୨୫୦ ଜବକାର୍ଡଧାରୀ ଶ୍ରମିକ ରହିଛନ୍ତି । ନାମକୁ ମାତ୍ର ସେମାନଙ୍କ ପାଖରେ ଜବକାର୍ଡ ରହିଛି । ଜବକାର୍ଡରେ କାମ ମିଳୁ ନ ଥିବାରୁ ସେମାନଙ୍କୁ କାମ ଅନ୍ୱେଷଣରେ ବାହାରକୁ ଯିବାକୁ ପଡୁଛି । ଗାଁର ଚାରମୁଣ୍ଡାରେ ପ୍ରତିବର୍ଷ କାମ ହେଉଛି । ତେବେ ଶ୍ରମିକର କାମ ମେଶିନ କରୁଥିବା ଅଭିଯୋଗ ହେଉଛି ।

ଗତ ୫ ଦିନ ହେଲା ଚାରମୁଣ୍ଡାରେ ମାଟି କାମ ଜୋରସୋରରେ ଚାଲିଛି । ମାଟି କାମରେ ଗୋଟିଏ ପୋକ୍‌ଲିନ ମେଶିନ ଓ ୬ରୁ ୭ଟି ଟ୍ରାକ୍ଟର ନିୟୋଜିତ ହୋଇଛି । ପୋଖରୀର ବାମପାର୍ଶ୍ୱ ଉପରମୁଣ୍ଡରେ ମାଟି ପକାଯାଉଛି । ପାରମ୍ପରିକ ନାଳା ଉପରେ ମାଟି ପକାଇ ଦିଆଯାଉଛି । ଫଳରେ ନାଳା ପୋତି ହୋଇଯାଉଛି । ଜଙ୍ଗଲରୁ ବର୍ଷା ପାଣି ଏହି ନାଳା ଦେଇ ଚାଷଜମିକୁ ଯାଇଥାଏ । ନାଳା ପୋତି ହେବା କାରଣକୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାବାଦ ଚାରମୁଣ୍ଡା ପୋଖରୀ ପୁନରୁଦ୍ଧାର କାମ ସମ୍ପର୍କରେ କୌଣସି ସୂଚନା ଫଳକ ନାହିଁ । ତେଣୁ ଏହା କେଉଁ ପାଣ୍ଠି ଓ କେତେ ଅନୁଦାନ ଆସିଛି ସାଧାରଣରେ ଜଣାପଡୁନାହିଁ । ଜଣେ ଜନ ପ୍ରତିନିଧିଙ୍କ ପାଖ ସମ୍ପର୍କୀୟ ଏହି କାମ କରୁଥିବା ଗ୍ରାମବାସୀ କହିଛନ୍ତି । ପୂର୍ବବର୍ଷ ହୋଇଥିବା ଖାଲ ସ୍ଥାନରୁ ମାଟିଉଠା ଯାଉଥିବାରୁ ଅଳ୍ପ କାମ କରି ଅନୁଦାନ ବାଟମାରଣା ହେବା ନେଇ ଆଶଙ୍କା ଉପୁଜିଛି । ଏ ସମ୍ପର୍କରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପଚାରିବାରୁ ସହକାରୀ ଯନ୍ତ୍ରୀ ସବିଶେଷ ତଥ୍ୟ ଦେଇ ପାରିବେ ବୋଲି କହିଥିଲେ । ବ୍ଲକ ସହକାରୀ ଯନ୍ତ୍ରୀ ପ୍ରକାଶ ସେଠୀ କହିଛନ୍ତି, ସ୍ଥାନୀୟ ଜିଲା ପରିଷଦ ସଭ୍ୟଙ୍କ ଅନୁମୋଦନକ୍ରମେ ବିଜୁ କେବିକେରୁ ୫ ଲକ୍ଷରେ ଏହି କାମ ହେଉଛି । ସୂଚନା ଫଳକ ଲଗାଇବା ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ କାମ ବୋଲି କହିଥିଲେ । ମେଶିନରେ କାମ ହେବା ସମ୍ପର୍କରେ ଜାଣି ନ ଥିବା ସଫେଇ ଦେଇଥିଲେ । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ

**ବଲାଙ୍ଗୀର ଅଫିସ, ୨୩।୨**

ବଲାଙ୍ଗୀର ସହରର ଭୂମିହୀନ ଓ ବାସହୀନ ଗରିବ ଲୋକଙ୍କୁ ମାଗଣାରେ ଜମି ଓ ଘର ଯୋଗାଇ ଦେବାକୁ ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ଭୂମିହୀନ ଲୋକେ ଏଥିରେ ସାମିଲ ହୋଇଥିଲେ । ଗାଁ ଗହଳରୁ ରୋଜଗାର ଅନ୍ୱେଷଣରେ ବହୁ ଗରିବ ଓ ଭୂମିହୀନ ସହରକୁ ଆସି ଜୀବିକା ନିର୍ବାହ କରୁଛନ୍ତି । ସେମାନେ ସହରର ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜମିରେ ଘର ତିଆରି କରି ବସତି ସ୍ଥାପନ କରୁଛନ୍ତି । ତେବେ ଜିଲା ପ୍ରଶାସନ ପକ୍ଷରୁ ଉନ୍ନୟନ ନାଁରେ ଅନେକ ସରକାରୀ ସ୍ଥାନରୁ ସମ୍ପ୍ରତି ବସ୍ତି ଉଚ୍ଛେଦ କରାଯାଉଛି । ଏଥିରେ ଗରିବ ଲୋକେ ବଳି ପଡୁଛନ୍ତି । ଏଭଳି ଆଭିମୁଖ୍ୟକୁ ନଗର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇ ତୁରନ୍ତ ଉଚ୍ଛେଦ ଶିକାର ହୋଇଥିବା ଗରିବ ଲୋକଙ୍କୁ ଥଇଥାନ କରିବାକୁ ଦାବି କରାଯାଇଛି । ହିମାଂଶୁ ନାୟକ, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର, କିଶାନ ସେଲ ଜିଲା ସଭାପତି ସାନନ୍ଦ ମିଶ୍ର ଉପସ୍ଥିତ ଥିଲେ । ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ବିନିକା,୨୩।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ସେଲେଡି ଗ୍ରାପର ଡୁଲୁଣ୍ଡୁପାଳି ଓ ନାଗପାଳି ଆର୍‌ଡି ରାସ୍ତା ଠାରୁ ପ୍ରାୟ ଦେଢଶହ ମିଟର ଦୂର ଏକ ଚାଷ ଜମିରୁ ମଙ୍ଗଳବାର ସକାଳେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଛି । କେହି ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି ।

ପ୍ରକାଶ ଯେ, ସକାଳ ପ୍ରାୟ ୮ଟାରେ ଡୁଲୁଣ୍ଡୁପାଳି ଏବଂ ନାଗପାଳି ଗାଁର କେତେଜଣ ବ୍ୟକ୍ତି ବିଲକୁ କାମ କରିବାକୁ ଯିବା ସମୟରେ ମୃତଦେହ ପଡିଥିବାର ଦେଖିବାକୁ ପାଇଥିଲେ । ଏନେଇ ସେମାନେ ବିନିକା ପୋଲିସକୁ ଖବର ଦେଇଥିଲେ । ବିନିକା ଥାନାଧିକାରୀ ନିରଞ୍ଜନ ଦାଶ , ମହାଦେବପାଲିର ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ ,ବିନିକା ଥାନା ଏଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲେ । ମହିଳାଙ୍କ ବୟସ ପାଖାପାଖି ୩୦ ବର୍ଷ ହେବ । କେହି ଦୁର୍ବୃତ୍ତ ତାଙ୍କୁ ୪-୫ ଦିନ ତଳୁ ସେଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି । ମୃତଦେହର ଦୁଇ ପାଦ ନାହିଁ ଓ ପୋଡି ଯାଇଥିବାରୁ ମୁହଁ ବି ଚିହ୍ନି ହେଉନି । ମୃତଦେହ ପଡିଥିବା ସ୍ଥାନ ଠାରୁ ମାତ୍ର ଶହେ ମିଟର ଦୂରରେ ଏକ ବ୍ୟାଗ୍, କିଛି ଲୁଗାପଟା ଓ ଚପଲ ପଡିଥବା ଦେଖିବାକୁ ମିଳିଥିଲା । ବିନିକା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସୋନପୁର ଡାକ୍ତରଖାନାକୁ ପଠାଇଛି । ଏ ନେଇ ନଂ ୬ରେ ଏକ ମାମଲା ରୁଜୁ ହୋଇଛି । ଥାନାଧିକାରୀ ଦାଶ କହିଛନ୍ତି ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସାମନାକୁ ଆସିବ ।



ପୋଲିସ ଘଟଣାସ୍ଥଳରେ ତଦନ୍ତ ଚଳାଇଛି ।

# ପାଳଗଦା ମଧ୍ୟରୁ ଖପୁରି, ହାଡ଼, ପାଉଁଜି ଜବତ

**ସଇଁତଲା,୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ୨୬ ନଂ ଜାତୀୟ ରାଜପଥର ନବୀନ ଛକ ନିକଟ ଏକ ଚାଷ ଜମିରେ ପୋଡ଼ି ଯାଇଥିବା ପାଳଗଦା ମଧ୍ୟରୁ ନର କଙ୍କାଳ, ୧୪ଗୋଟି ଚୁଡ଼ି ଏବଂ ପାଉଁଜି ପୋଲିସ ମଙ୍ଗଳବାର ଜବତ କରିଛି । ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ସଇଁତଲା ନବୀନ ଛକ ନିକଟସ୍ଥ ବିବିନା ଗ୍ରାମର ସଞ୍ଜୟ ଓରଫ ରାହାସ ମୁନା ମଙ୍ଗଳବାର ନିଜ କ୍ଷେତରେ ହୋଇଥିବା ମୁଗଚାଷ ଦେଖିବା ପାଇଁ ଯାଇଥିଲେ । ସେ ସେଠାରେ ଥିବା ତାଙ୍କ ପାଳଗଦା ପୋଡ଼ି ଯାଇଥିବା ଏବଂ ଏକ ନରକଙ୍କାଳ ପଡିଥିବା ଦେଖି ସରପଞ୍ଚ ନିର୍ମଳ ହରପାଲଙ୍କୁ ଜଣାଇଥିଲେ । ପରେ ସଞ୍ଜୟ ସଇଁତଲା ଥାନାକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ । ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ , ଏସଆଇ ପ୍ରସନ୍ନ ନାୟକ, ହାବିଲଦାର ଭୁବନେଶ୍ୱର ଭୋଇ ଓ ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଂଚି ପୋଡ଼ିଯାଇଥିବା ଖପୁରୀ, କିଛି ହାଡ଼, ୧୪ଗୋଟି ଚୁଡ଼ି ଓ ପାଉଁଜି ଜବତ କରିଥିଲେ । ପୋଲିସ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ତଦନ୍ତ ଚଳାଇଛି । ଏ ନେଇ ସଇଁତଲା ଥାନାରେ ନଂ.୬୦/୨୧ରେ ହତ୍ୟା ମାମଲା ରୁଜୁ କରାଯାଇଥିବା ଜଣାଯାଇଛି । ବଲାଙ୍ଗୀର ଏସପି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଘଟଣା ବିଷୟରେ ଜମି ମାଲିକ ସଞ୍ଜୟଙ୍କୁ ପଚାରିବାରେ ଗତ ୨୦ ଦିନ ତଳେ ମୋର ପାଳଗଦାରେ ନିଆଁ ଲାଗି ଯାଇଥିବା ଗ୍ରାମର କେତେଜଣ ବ୍ୟକ୍ତି କହିଥିଲେ । ମଙ୍ଗଳବାର ଜମିରେ କରିଥିବା ମୁଗ ଚାଷ ଦେଖିବାକୁ ଆସି ପୋଡି ଯାଇଥିବା ପାଳ ଗଦାରେ ନରକଙ୍କାଳ ପଡ଼ିଥିବାର ଦେଖିଥିଲି । ସୂଚନାଯୋଗ୍ୟ ଯେ, ଗତ ୨୦୧୪ରେ ୨୬ ନଂ ଜାତୀୟ ରାଜପଥର ବରଗାଁ ଛକ ନିକଟରେ ଏକ ଚାଷ ଜମି ମଧ୍ୟରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିବା ବେଳେ ସଂପୃକ୍ତ ଘଟଣାର ଅପରାଧୀ ବର୍ତ୍ତମାନ ସୁଦ୍ଧା ଧରାପଡ଼ି ନାହିଁ ।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

**ହତ୍ୟା କରି ପୋଡ଼ି ଦିଆଯାଇଥିବା ସନ୍ଦେହ**

## ସଂକ୍ଷେପରେ

### ଜେଲ ଗଲେ ଡାଟା ଏଣ୍ଟ୍ରି ଅପରେଟର

■ ଧାନମଣ୍ଡିରେ ଅନିୟମିତତା

ଖଣ୍ଡପଡା,୨୩।୨(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ୍ ବେଣାଗାଡିଆ ପଞ୍ଚାୟତ ଅଧୀନ ତେନ୍ତୁଳିଆପଲ୍ଲୀ ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ଚାଷୀଙ୍କ ନାମ ପଞ୍ଜୀକରଣରେ ଜାଲିଆତି କରାଯାଉଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଆଧାର କରି ଉପରିସ୍ଥ ଅଧିକାରୀ ତଦନ୍ତ କରିବା ପରେ ଅଭିଯୋଗ ସତ ବୋଲି ପ୍ରମାଣିତ ହୋଇଥିଲା । ଶେଷରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସେବା ସମବାୟ ସମିତିର ତତ୍କାଳୀନ ସମ୍ପାଦକ ଲକ୍ଷ୍ମଣ କୁମାର ପ୍ରଧାନ, ପିଅନ ଗଦାଧର ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ସେଠାରେ କାର୍ଯ୍ୟରତ କମ୍ପ୍ୟୁଟର ଡାଟା ଏଣ୍ଟ୍ରି ଅପରେଟର ତେନ୍ତୁଳିଆପଲ୍ଲୀ ଗ୍ରାମର ସୁଧାକର ରାଉଳଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି । ତେନ୍ତୁଳିଆପଲ୍ଲୀ ସେବା ସମବାୟ ସମିତି ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ପଦ୍ମନାଭ ଗୋଚ୍ଛିଙ୍କ ଏତଲା କ୍ରମେ ଖଣ୍ଡପଡା ଥାନାରେ ମାମଲା ରୁଜୁ ହୋଇଛି। ଗଦାଧରଙ୍କୁ ଚାକିରିରୁ ବହିଷ୍କାର ଦାବିରେ ତେନ୍ତୁଳିଆପଲ୍ଲୀ ଗ୍ରାମବାସୀ ଗତ ୧ମାସରୁ ଉର୍ଦ୍ଧ୍ୱ ସମୟ ହେବ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲାଇଛନ୍ତି ।

### ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୩।୨(ଡି.ଏନ.ଏ./ସ୍ୱ.ପ୍ର.): ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରୁ ୩ମାସ ତଳେ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ କୋଲଣଗିରି ଗ୍ରାମର କୁଞ୍ଜ ବିହାରୀ ମଳିକ(୨୩)। କୁଞ୍ଜବିହାରୀ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ମାମଲା (ନଂ.୩୭୪।୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇ ନ ଥିଲା। ଯୁବକ ହାଇଦ୍ରାବାଦରେ ରହୁଥିବା ନେଇ ନାବାଳିକାଙ୍କ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ସେଠାରେ ଚଢାଉ କରି କୁଞ୍ଜକୁ ଗିରଫ କରିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମାରେ ଦିଆଯାଇଛି।

### ଅଟୋରିକ୍ସା ଧକ୍କାରେ ମହିଳା ମୃତ

ନୟାଗଡ଼ ଅଫିସ,୨୩।୨: ଅଟୋରିକ୍ସା ଧକ୍କାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୂଆଗାଁରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କନକଲତା ଖଟୁଆ(୪୫) । ଘର ନୂଆଗାଁ ପୋଖରୀସାହି । କନକଲତା ଚାଲି ଚାଲି ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପୁରୁଣା ଫାଇଲ ଖୋଲିବ ସିବିଆଇ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ବହୁ ଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟଅଭିଯୁକ୍ତ ବିବେକାନନ୍ଦ ବିଶ୍ୱାଳ ଓରଫ ବିବନ(ଭିକେ)ଙ୍କୁ ଦୀର୍ଘ ୨୨ବର୍ଷ ପରେ କମିଶନରେଟ୍ ପୋଲିସ ସୋମବାର ଗିରଫ କରିଛି। ଯେହେତୁ ଉକ୍ତ ମାମଲାର ତଦନ୍ତ ସିବିଆଇ କରୁଥିଲା, ତେଣୁ କମିଶନରେଟ୍ ପୋଲିସ ବିବନଙ୍କୁ ସିବିଆଇ ସ୍ୱତନ୍ତ୍ର ଅଦାଲତରେ ହାଜର କରିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ଧରାପଡ଼ିଥିବାରୁ ସିବିଆଇ ଏବେ ଏହି ମାମଲାର ପୁରୁଣା ଫାଇଲ ଖୋଲିବାକୁ ତତ୍ପର ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ସିବିଆଇ ଅଧିକାରୀ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଭେଟି ଆଲୋଚନା କରିଛନ୍ତି। ମଙ୍ଗଳବାର ସିବିଆଇର ଏକ ୨ ଜଣିଆ ଟିମ୍(ଜଣେ ଅଧିକାରୀ ଓ ଜଣେ ଓକିଲ) କମିଶନରଙ୍କୁ ଭେଟିଛନ୍ତି। ବିବନଙ୍କ ଗିରଫଦାରି ଓ ଅପରେଶନ ସାଇଲେଣ୍ଟ ଭାଇପର ପ୍ରସଙ୍ଗରେ ସମସ୍ତ ତଥ୍ୟ ନେଇଛନ୍ତି। ଏଥିସହିତ ବିବନଙ୍କୁ କେବେ ରିମାଣ୍ଡରେ ନେବାକୁ ଆବେଦନ କରାଯିବ ସେନେଇ ବୁଧବାର ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ତେବେ ଯେ କୌଣସି ସମୟରେ ତଦନ୍ତରେ ପୋଲିସ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ଥିବା କମିଶନର ଷଡ଼ଙ୍ଗୀ ସିବିଆଇକୁ କହିଛନ୍ତି।

**ଅଞ୍ଜନାଙ୍କୁ ନ୍ୟାୟ**

■ ପୋଲିସ କମିଶନରଙ୍କୁ ଭେଟିଲା ସିବିଆଇ ଟିମ୍

■ ତଦନ୍ତରେ ସମସ୍ତ ପ୍ରକାର ସହଯୋଗ କରିବ ପୋଲିସ: କମିଶନର

■ ଷଡ଼ଯନ୍ତ୍ରକାରୀଙ୍କ ମୁଖା ଖୋଲୁ ସିବିଆଇ: ଅଞ୍ଜନା

ଅନ୍ୟପକ୍ଷେ ଘଟଣା ପରେ ବିବନ କ୍ରାଇମ୍‌ବ୍ରାଞ୍ଚକୁ ଚକମା ଦେଇ ଖସିଯିବା ଓ ୨୨ବର୍ଷ ଧରି ସିବିଆଇ ଆଖିରେ ଧୂଳିଦେଇ ସାଧାରଣ ଲୋକଙ୍କ ଭଳି ବଞ୍ଚିବା ସହଜ କଥା ନୁହେଁ ବୋଲି ଅଞ୍ଜନା କହିଛନ୍ତି। ବିବନଙ୍କୁ ଫେରାର କରିବା ପଛରେ ଅନ୍ୟମାନଙ୍କ ହାତ ରହିଛି। ଫେରାର ହେବାରେ ତାଙ୍କୁ କିଏ ସାହାଯ୍ୟ କରିଥିଲେ ସେ ନେଇ ତଦନ୍ତ ହେବା ଦରକାର। ପ୍ରତିଶୋଧ ନେବା ପାଇଁ ତାଙ୍କୁ ଷଡ଼ଯନ୍ତ୍ରମୂଳକ ବଳାତ୍କାର କରାଯାଇଥିଲା। ବଳାତ୍କାର ସମୟରେ ବଳାତ୍କାରୀମାନେ ସେମାନଙ୍କ ନାଁ ନେଉଥିଲେ ବୋଲି ଅଞ୍ଜନା କହିଛନ୍ତି। ଏମିତିକି ପରବର୍ତ୍ତୀ



ସମୟରେ ପାଟି ଚୁପ କରି ବସିବା ପାଇଁ ଧମକ୍ ମିଳିବା ସହ ତାଙ୍କ ଉପରକୁ ପଥର ମାଡ଼ ହେଉଥିଲା ବୋଲି ଅଞ୍ଜନା କହିଛନ୍ତି। ସିବିଆଇ ସେମାନଙ୍କୁ ଧରିବା ପାଇଁ ତଦନ୍ତ କରିବା ପରିବର୍ତ୍ତେ ଚୁପ ହୋଇ ବସିପଡ଼ିଥିଲା। ଏବେ ମୁଖ୍ୟ ଅଭିଯୁକ୍ତ ବିବନ ହାତରେ ଲାଗିବା ପରେ ସିବିଆଇ ଷଡ଼ଯନ୍ତ୍ରକାରୀଙ୍କ ବାବଦରେ ଅଧିକ ତଦନ୍ତ କରି ତାଙ୍କ ନାମ ବାହାରକୁ ଆଣୁ ବୋଲି ଅଞ୍ଜନା ଦାବି କରିଛନ୍ତି।

ସୂଚନା ଅନୁଯାୟୀ,ଅଞ୍ଜନା ଗଣବଳାତ୍କାର ମାମଲାରେ ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ଧରିବା ପାଇଁ କମିଶନରଙ୍କ ତତ୍ତ୍ୱାବଧାନରେ ଏକ ୪ଜଣିଆଟିମ୍ ଗଠନ କରାଯାଇଥିଲା। ୩ମାସ ତଳେ ଅପରେଶନ 'ସାଇଲେଣ୍ଟ ଭାଇପର' କରାଯାଇ ତଦନ୍ତ ସମୟରେ ବିବନ ମହାରାଷ୍ଟ୍ର ପୁଣେସ୍ଥିତ ଆମ୍ବିଭ୍ୟାଲିରେ ନାମ ପରିବର୍ତ୍ତନ କରି ରହୁଥିବା ଜାଣିବାକୁ ମିଳିଥିଲା। ବିବନ ସେଠାରେ ଜଳନ୍ଧର ନାମରେ ରହିବା ସହ ଏହି ନାମରେ ସ୍ଥାୟୀ ଚାକିରି, ଆଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୋଲିଥିଲେ। ଏହା ପରେ କମିଶନରେଟ୍ ପୋଲିସର ଏକ ଟିମ୍ ସେଠାକୁ ଯାଇ ବିବନଙ୍କୁ କାବୁ କରି ଓଡ଼ିଶା ଆଣିଥିଲା। ପରେ ତାଙ୍କୁ ଗିରଫ କରାଯାଇ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା।

**ବିବନଙ୍କ ଟିଆଇ ପରେଡ କରିବ ସିବିଆଇ**

କମିଶନରେଟ୍ ପୋଲିସ ମୁଖ୍ୟଅଭିଯୁକ୍ତ ବିବନଙ୍କୁ ଗିରଫ କରିବା ପରେ ସିବିଆଇର ଏକ ୨ଜଣିଆ ଟିମ୍ ମଙ୍ଗଳବାର କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଭେଟିଛି। ୨୨ବର୍ଷ ତଳର ଏହି ମାମଲାର ତଦନ୍ତକୁ ଅଗ୍ରଗତି କରିବା ପାଇଁ କମିଶନରଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ କୋର୍ଟଙ୍କ ଅନୁମତି କ୍ରମେ ବିବନଙ୍କ ଟିଆଇ ପରେଡ୍ କରିବାକୁ ସିବିଆଇ ଯୋଜନା କରୁଥିବା ସୂଚନା ମିଳିଛି। ବିବନଙ୍କୁ ଚିହ୍ନଟ କରିବା ପାଇଁ ସିବିଆଇ ସମସ୍ତ ସାକ୍ଷୀଙ୍କ ସାମ୍ନାରେ ଅଭିଯୁକ୍ତଙ୍କ ଟିଆଇ(ଟେଷ୍ଟ ଅଫ୍ ଆଇଡେଣ୍ଟିଫିକେଶନ) ପରେଡ୍ କରିବ।

**ପୋଲିସ ମିଛ କହୁଛି, ୨୨ବର୍ଷ ହେବ କୌଣସି ସମ୍ପର୍କ ନ ଥିଲା**

ଘଟଣା ପରଠାରୁ ସେ ୨୨ବର୍ଷ ହେବ କେଉଁଆଡ଼େ ପଳାଇଛନ୍ତି। ସେବେଠାରୁ କେବେବି ସେ ଘରକୁ ଫେରିନାହାନ୍ତି କି ଆମର ତାଙ୍କ ସହ ଯୋଗାଯୋଗ ନାହିଁ ବୋଲି ବିବନଙ୍କ ସ୍ତ୍ରୀ କହିଛନ୍ତି। ଏପରି କି ସେ ଗାଁକୁ କେବେ ଆସି ନାହାନ୍ତି, ଗୋଟାଏ ଟଙ୍କା ମଧ ସେ ପଠାଇନାହାନ୍ତି। ମୁଁ ବହୁତ କଷ୍ଟ କରି ମୋ ପିଲାମାନଙ୍କୁ ବଡ଼ କରିଛି। ଆମ ସମ୍ପର୍କରେ ପୋଲିସ ମିଛ କହୁଛି। ସ୍ୱାମୀଙ୍କ ନୁହେଁ ବରଂ ଶ୍ୱଶୁରଙ୍କ ମୃତ୍ୟୁ ପ୍ରମାଣ ପତ୍ର ପାଇଁ ପିଲାମାନେ ଆବେଦନ କରିଛନ୍ତି ବୋଲି ମଙ୍ଗଳବାର ବିବନଙ୍କ ସ୍ତ୍ରୀ ଗଣମାଧମ ସମ୍ମୁଖରେ ପ୍ରକାଶ କରିଛନ୍ତି।

# ଅପମିଶ୍ରିତ ସିମେଣ୍ଟ କାରଖାନାରେ ଚଢ଼ାଉ



ଜବତ ଅପମିଶ୍ରିତ ସିମେଣ୍ଟ ।



କାରଖାନାରେ ପୋଲିସ ଯାଞ୍ଚ କରୁଛି।

କଟକ ଅଫିସ, ୨୩।୨

କଟକ ଜିଲା ଜଗତ୍‌ପୁର ଥାନା ଅଧୀନ ଖଇରା ବ୍ରିଜ୍ ନିକଟରେ ଥିବା ଏକ ନକଲି ସିମେଣ୍ଟ କାରଖାନାକୁ ପୋଲିସ ମଙ୍ଗଳବାର ଠାବ କରିଛି। ସେଠାରୁ ୨୦୦ ବସ୍ତା ମୁଣ୍ଡା ସିମେଣ୍ଟ, ୫୦୦ ଖୋଲା ବସ୍ତା ସିମେଣ୍ଟ, ୪୦୦ ବସ୍ତା ନକଲି ସିମେଣ୍ଟ, ପ୍ରାୟ ୧୦୦ ବସ୍ତା ସିମେଣ୍ଟ ବୋଝେଇ ଏକ ଟ୍ରକ୍ ଜବତ କରିଛି। ଏହି ଘଟଣା ପରେ କାରଖାନା ମାଲିକ ବକ୍ସିବଜାର ଅଞ୍ଚଳର ସଞ୍ଜୟ ଭୋଳ ଫେରାର ହୋଇଯାଇଥିବା ଜଣାପଡିଛି। ଏ ନେଇ ତାଙ୍କ ବିରୋଧରେ ଥାନାରେ ଏକ ମାମଲା(ନଂ.୮୧/୨୧) ରୁଜୁ ହୋଇଛି।

■ ନଷ୍ଟ ସିମେଣ୍ଟକୁ ଗୁଣ୍ଡକରି ବଜାରରେ ବିକ୍ରି ହେଉଥିଲା

■ ପ୍ରାୟ ୧୨୦୦ ବସ୍ତା ସିମେଣ୍ଟ ଜବତ

■ କାରଖାନା ମାଲିକ ଫେରାର

ପୋଲିସ ସୂଚନା ଅନୁଯାୟୀ, ଏହି କାରଖାନାରେ ପ୍ରଥମେ ମୁଣ୍ଡା ସିମେଣ୍ଟକୁ ଗୁଣ୍ଡ କରି ସେଥିରେ କିଛି ପରିମାଣର ଭଲ ସିମେଣ୍ଟ ମିଶ୍ରଣ କରାଯାଉଥିଲା। ପରେ ସେହି ଅପମିଶ୍ରିତ ସିମେଣ୍ଟକୁ ନାମୀଦାମୀ ସିମେଣ୍ଟ କମ୍ପାନୀର ବସ୍ତାରେ ପ୍ୟାକ୍ କରାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଉଥିଲା। ଏହି ଖବର ମିଳିବା ପରେ ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜଗତ୍‌ପୁର ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା। ଜବତ ସିମେଣ୍ଟର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଏସିପି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜଗତ୍‌ପୁର, ମାଲଗୋଦାମ, ସିଡିଏ, ପିଠାପୁର, ମଧୁପାଟଣା, ଚାଉଳିଆଗଞ୍ଜ ଭଳି ସହରର ବିଭିନ୍ନ ସ୍ଥାନରେ ଥିବା ନକଲି ଓ ଅପମିଶ୍ରିତ କାରଖାନାରେ ପୋଲିସ ଚଢାଉ କରିଛି। ସେଠାରୁ ନକଲି ସସ୍, ମସଲା, ଚା, ଜର୍ଦ୍ଦା, ଅପମିଶ୍ରିତ ଘିଅ, ତେଲ ଓ ସିମେଣ୍ଟ ଜବତ କରିଛି। ଅନେକ ଘଟଣାରେ କାରଖାନା ମାଲିକଙ୍କ ସମେତ କର୍ମଚାରୀଙ୍କୁ ଗିରଫ କରିଛି। ତଥାପି ନକଲି ଓ ଅପମିଶ୍ରିତ ସାମଗ୍ରୀ ବିକ୍ରି ଉପରେ ରୋକ୍ ଲଗାଯାଇପାରୁନାହିଁ। ଏହାକୁ ନେଇ ସହରବାସୀଙ୍କ ମନରେ ଅସନ୍ତୋଷ ଜୋର୍ ଧରିଛି। ଆଗାମୀ ଦିନରେ ଚଢାଉ ଜୋର୍‌ଦାର କରିବା ସହ ଅପମିଶ୍ରଣକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି।

# କୋଭିଡ୍‌ରେ ରାଜ୍ୟକୁ ଫେରିଛନ୍ତି ୧୦ ଲକ୍ଷ ଶ୍ରମିକ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

କୋଭିଡ୍ ସମୟରେ ରାଜ୍ୟ ବାହାରୁ ୧୦ ଲକ୍ଷ ୭ ହଜାର ୩୩୦ ପ୍ରବାସୀ ଶ୍ରମିକ ଓଡ଼ିଶାକୁ ଫେରିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଲକ୍ଷ ୫୩୫ ଜଣଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୫୦୯ ଜଣ ବିଭିନ୍ନ ରାଜ୍ୟକୁ ଫେରି ଯାଇଛନ୍ତି। ଏହାଛଡା ୬୨ ହଜାର ଶ୍ରମିକ ବଲାଙ୍ଗୀର, ବରଗଡ, କଳାହାଣ୍ଡି ଓ ନୂଆପଡା ଜିଲାରେ ଏବେ ସୁଦ୍ଧା ଅଛନ୍ତି। ସେମାନଙ୍କ ମଧ୍ୟରୁ ୩୪ ହଜାର ୭୪୦ ଶ୍ରମିକଙ୍କୁ ଠିକ୍ ଟେଲିଫୋନ ନମ୍ବର ଅଭାବ ଯୋଗୁ ଯୋଗାଯୋଗ ସମ୍ଭବ ହେଉନାହିଁ। ଫେରନ୍ତା ଶ୍ରମିକମାନଙ୍କୁ ଦକ୍ଷତା ତାଲିମ ପ୍ରଦାନ କରାଯାଇଛି। ଏହାଛଡା ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ କମିଟି ଅଥରିଟି ୫୨ ପ୍ରକଳ୍ପ ଅନୁମୋଦନ କରିଛନ୍ତି। ଯଦ୍ୱାରା ରାଜ୍ୟରେ ୧,୧୭,୮୦୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୫୩ ହଜାର ୭୮୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ରହିଛି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ ଏହି ସୂଚନା ଦେଇଛନ୍ତି। ମୁକେଶ ଅତିରିକ୍ତ ପ୍ରଶ୍ନରେ କହିଲେ, ରାଜ୍ୟକୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମିକ ଫେରିଛନ୍ତି। ସରକାରଙ୍କ ପାଖରେ ହିସାବ ନାହିଁ। ମନ୍ତ୍ରୀ କହିଲେ ୨୦ ଲକ୍ଷ ଶ୍ରମିକ ଫେରିବା ଖବର ବିଧାୟକଙ୍କ ପାଖରେ କେଉଁଠୁ ଆସିଲା ତାହା ଜାଣିପାରୁ ନାହିଁ। ରାଜ୍ୟକୁ ଫେରିଥିବା ଶ୍ରମିକମାନଙ୍କୁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ବଲାଙ୍ଗୀର, ନୂଆପଡା, ବରଗଡ ଓ କଳାହାଣ୍ଡି ଜିଲାର ୪୨୦ ବ୍ଲକରେ ଶ୍ରମିକମାନଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯିବା ବ୍ୟବସ୍ଥା ହୋଇଛି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ କରୋନା ମହାମାରୀରେ ରାଜ୍ୟକୁ ଫେରିଥିବା ଶ୍ରମିକଙ୍କ ହିସାବ ଶ୍ରମମନ୍ତ୍ରୀଙ୍କ ପାଖରେ ନାହିଁ। ସେମାନଙ୍କୁ କାମ ଯୋଗାଇବାକୁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, କେବଳ ଶ୍ରମିକ ନୁହନ୍ତି ଅନ୍ୟ ଲୋକ ଯେଉଁମାନେ ବିଭିନ୍ନ କାର୍ଯ୍ୟରେ ଅନ୍ୟ ରାଜ୍ୟରେ ରହିଛନ୍ତି ସେମାନେ ମଧ ଓଡ଼ିଶା ଫେରି ଆସିଛନ୍ତି।

**୩୫୦୯ ଜଣ ପୁଣି ଫେରି ଯାଇଛନ୍ତି**

### ବ୍ରାଉନସୁଗାର ଜବତ: ଜଣେ ଗିରଫ

ଜଗତ୍‌ସିଂହପୁର ଅଫିସ, ୨୩।୨

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଗଉଡୁଣିପଡ଼ିଆରୁ ମଙ୍ଗଳବାର ୧୭.୫୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗଉଡୁଣିପଡ଼ିଆ କାଂସ (ଖିରବାଟି) ଗ୍ରାମର ଟିକି ମହମ୍ମଦ (୩୭)। ଜବତ ବାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୭୫ ହଜାର ହେବ ବୋଲି ଜଗତ୍‌ସିଂହପୁର ଅବକାରୀ ଇନିସ୍ପେକ୍ଟର ପ୍ରତାପ କୁମାର ଦାସ କହିଛନ୍ତି। ଏନେଇ ମାମଲା (ନଂ.୨୬/୨୦-୨୧) ରୁଜୁହୋଇଛି। ବିଶେଷସୂତ୍ରରୁ ଖବରପାଇ ଅବକାରୀ ଇନିସ୍ପେକ୍ଟର ଦାସ ଗଉଡୁଣିପଡ଼ିଆରେ ଅଚାନକ ଚଢ଼ାଉ କରିଥିଲେ।

### ନଗ୍ନ ଫଟୋ ଭାଇରାଲ, ଯୁବକ ଜେଲ ଗଲେ

ନୟାଗଡ଼ ଅଫିସ,୨୩।୨:ନଗ୍ନ ଫଟୋ ଉତ୍ତୋଳନ କରି ଭାଇରାଲ କରିବା ଅଭିଯୋଗରେ ନୟାଗଡ ଟାଉନ ଥାନା ପୋଲିସ ବରଡ଼ଁଶିଆପଡା ଗାଁର ମିଳନ ସ୍ୱାଇଁ(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ମିଳନଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ରଣପୁର ଅଞ୍ଚଳର ମହିଳା ଏନେଇ ଗତ ଅଗଷ୍ଟ ମାସରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୩/୨୦) ରୁଜୁ କରି ତଦନ୍ତ କରୁଥିଲା ।

# ପରୀ ପ୍ରସଙ୍ଗରେ ଭାଜପା, ବିଜେଡି କଳି ଛିଣ୍ଡୁନି

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ନୟାଗଡ଼ ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ସରକାର ଅସଲ ଅପରାଧୀକୁ ଧରିବା ପରିବର୍ତ୍ତେ ନ୍ୟାୟକୁ ବାଟବଣା କରିବା ପାଇଁ ଅପଚେଷ୍ଟା କରିଛନ୍ତି। ଜାନୁୟାରୀ ୧୪ରେ ପରୀର ମା' ସୌଦାମିନୀ ସାହୁ ୫୫୦୦ ନିଖୋଜ ଶିଶୁଙ୍କୁ ନ୍ୟାୟ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଦିନ ସୁପ୍ରିମକୋର୍ଟ ଉଭୟ ରାଜ୍ୟ ସରକାର ଓ ସିବିଆଇକୁ ନୋଟିସ କରି ଫେବୃୟାରୀ ୨୨ ସୁଦ୍ଧା ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାର ତଦନ୍ତ ପାଇଁ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ନୟାଗଡ଼ ଚିଲ୍‌ଡ୍ରେନ କୋର୍ଟରେ ଚାର୍ଜଶିଟ ମଧ ଦାଖଲ କରିସାରିଛି। ହେଲେ ସରକାର ଫେବୃୟାରୀ ୨୨ରେ ସୁପ୍ରିମକୋର୍ଟରେ କୌଣସି ପକ୍ଷ ନ ରଖି ଓଲଟା ୪ ସପ୍ତାହ ମହଲତ ମାଗିଥିଲେ। ଯେତେବେଳେ ସରକାର ଚିଲ୍‌ଡ୍ରେନ କୋର୍ଟରେ ନାବାଳକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଚାର୍ଜଶିଟ ଦାଖଲ କରିଛନ୍ତି ଏବଂ ତଥ୍ୟ ପ୍ରମାଣ ସହ ତାକୁ ଦଣ୍ଡ ଦେବା ପାଇଁ ପର୍ଯ୍ୟାପ୍ତ ବୋଲି କହୁଛନ୍ତି, ସେତେବେଳେ ଏହି ପ୍ରମାଣ ସୁପ୍ରିମକୋର୍ଟରେ ରଖିବା ପାଇଁ କାହିଁକି ଡରିଲେ ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ଏହି ୪ ସପ୍ତାହରେ ସବୁ ପ୍ରକାର ତଥ୍ୟ ପ୍ରମାଣ ନଷ୍ଟ କରିବା ପାଇଁ ରାଜ୍ୟ ସରକାର ମହଲତ ନେଇଛନ୍ତି । ୫ ବର୍ଷର ଶିଶୁ କନ୍ୟା ପରୀକୁ ନ୍ୟାୟ ନ ଦେବା ପାଇଁ ସରକାର ଅଣ୍ଟା ଭିଡ଼ିଥିବା ଲେଖାଶ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଲେଖାଶ୍ରୀଙ୍କ ମନ୍ତବ୍ୟକୁ କଡ଼ା ଭାଷାରେ ସମାଲୋଚନା କରାଯାଇ ସେ ମାନସିକ ଭାରସାମ୍ୟ ହରାଇବା ଭଳି ଲକ୍ଷ୍ୟ କରାଯାଉଥିବା ବିଜେଡି ଅଭିଯୋଗ କରିଛି। ବିଜେଡି ନେତ୍ରୀ ଈପ୍ସିତା ସାହୁ କହିଛନ୍ତି, ବାରମ୍ବାର କହୁଛୁ ଯଦି ତାଙ୍କ ପାଖେ କିଛି ତଥ୍ୟ ପ୍ରମାଣ ଅଛି, ତେବେ ଅଦାଲତରେ ଦାଖଲ କରନ୍ତୁ। ଏହାଦ୍ୱାରା ସେ ତଦନ୍ତକୁ ଦିଗହରା ଓ ବାଟବଣା କରିବାକୁ ଚାହୁଁଛନ୍ତି। ଏଭଳି କାର୍ଯ୍ୟ ପାଇଁ ସେ ଲଜ୍ଜିତ ହେବା ସହିତ ରାଜ୍ୟବାସୀଙ୍କ ନିକଟରୁ କ୍ଷମା ମାଗିନେବା ଉଚିତ। ଲେଖାଶ୍ରୀଙ୍କ ଉପରେ ଏବେ ଦୟା ଆସୁଛି। ଗତ ୨ଟି ନିର୍ବାଚନରେ ଭାଜପା ତାଙ୍କୁ ଟିକେଟ ଦେଇ ନ ଥିବାରୁ କାଳେ ଏଥର ମିଳିଯିବ ସେହି ଆଶାରେ ସେ ବର୍ତ୍ତମାନ ପିପିଲିରେ ନାକ ପୂରାଉଛନ୍ତି। ଜଣେ ମହିଳା ହିସାବରେ ଲେଖାଶ୍ରୀଙ୍କ ପ୍ରତି ସମବେଦନା ଜଣାଉଛି ବୋଲି ଈପ୍ସିତା କହିଛନ୍ତି।

■ ସବୁ ତଥ୍ୟ ନଷ୍ଟ ଲାଗି ୪ ସପ୍ତାହ ସମୟ: ଭାଜପା

■ ମାନସିକ ଭାରସାମ୍ୟ ହରାଇଛନ୍ତି ଲେଖାଶ୍ରୀ: ବିଜେଡି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଳଗ୍ରାମ
ଶୋଇବା ବସିବା ସବୁ ସମାନ।**

ଶାଳଗ୍ରାମ ଖଣ୍ଡେ ଶିଳା ବା ପଥର। ସେଥିରେ ଜୀବନ ନାହିଁ। ଶାଳଗ୍ରାମକୁ ଯେମିତି ବା ଯେପରି ରଖିଲେ, ତାହା ଶୋଇଛି କି ବସିଛି ହଠାତ୍ ଜଣାପଡି ନ ଥାଏ। ପରୋକ୍ଷରେ ନିର୍ବିକାର ଲୋକର ମାନସିକ ଅବସ୍ଥା। କିଛି ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସହଜରେ ଚିହ୍ନି ହୁଏ ନାହିଁ। ତାଙ୍କ କଥାବାର୍ତ୍ତାରୁ ଭଲ ମନ୍ଦ ବାରି ହୁଏନାହିଁ। ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବ ପ୍ରକାଶ ନ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶିମ ଲଟା କଳି ପଘା
ନୂଆ ପୀରତିରେ ଦେଉଚ ଦଗା
କରିବି କତରା ଲଗା।**

ପ୍ରେମ ଦୁଇ ମନର ପବିତ୍ର ମିଳନ। ନିର୍ମଳ ହୃଦୟରେ କରାଯାଉଥିବା ପ୍ରେମ କେବେ ମଳିନ ପଡ଼ି ନ ଥାଏ। ନିଚ୍ଛକ ଭଲ ପାଇବାରେ ପ୍ରତାରଣାର ସ୍ଥାନ ନ ଥାଏ। ପରନ୍ତୁ ପ୍ରେମ ଯଦି ଛଳନାମୟ ହୁଏ ତା'ହେଲେ ବିଶ୍ୱାସର ବନ୍ଧ ଭାଙ୍ଗି ଯାଏ, ତୁଟି ଯାଏ ସବୁ ସମ୍ପର୍କ। ଫଳସ୍ୱରୂପ ନିଜ ପ୍ରେମ ଉପରୁ ଭରସା ଉଠିଯିବା ସହ ମନରେ କ୍ଷୋଭ ବା ପ୍ରତିହିଂସା ଭାବ ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମାଓବାଦୀଙ୍କ ବ୍ୟାଗ୍‌ରୁ ମିଳିଲା ଲ୍ୟାଣ୍ଡମାଇନ, ଟିଫିନ ବୋମା

ଚିତ୍ରକୋଣ୍ଡା,୨୩।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ହାନ୍ତାଳଗୁଡ଼ା ୯ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ ପୁଣିଥରେ ମାଓବାଦୀଙ୍କ ଯୋଜନାକୁ ପଣ୍ଡ କରିଛନ୍ତି। ଯବାନଙ୍କ ଉଦ୍ଦେଶ୍ୟରେ ସେମାନେ ଜଙ୍ଗଲ ରାସ୍ତାରେ ଖଞ୍ଜିଥିବା ଲ୍ୟାଣ୍ଡମାଇନ ଓ ଟିଫିନ ବୋମାକୁ ଠାବ କରାଯାଇଛି। ଏଥିସହ ମାଓବାଦୀଙ୍କ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ସେଠାରୁ ମିଳିଛି। ଗୋଇନ୍ଦା ସୂତ୍ରରୁ ଖବର ପାଇ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ କଦଳିବନ୍ଧା ଗ୍ରାମ ନିକଟ ପାହାଡ ପାଖରେ ମାଓବାଦୀଙ୍କ ଏକ ବ୍ୟାଗ୍ ପଡିଥିବା ଦେଖିବାକୁ ପାଇଥିଲେ। ସେହି ବ୍ୟାଗ୍‌କୁ ସର୍ଚ୍ଚ କରିବାରୁ ସେଥିରୁ ୨ଟି ପ୍ରେସର ବୋମା, ଗୋଟିଏ ଟିଫିନ ବୋମା, ମେଡ଼ିସିନ, ବେଲ୍ଟ,ଡ୍ରେସ୍ ସାବୁନ ଆଦି ମିଳିଥିଲା। ଖବରପାଇ ତୁରନ୍ତ ସେଠାରେ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ବୋମାକୁ ନିଷ୍କ୍ରିୟ କରିଥିଲେ। ସୂଚନାଯୋଗ୍ୟ, କିଛିଦିନ ଧରି ସ୍ୱାଭିମାନ ଅଞ୍ଚଳରେ ବିଏସ୍‌ଏଫ୍ ଯବାନ ବାରମ୍ବାର ମାଓବାଦୀ ସାମଗ୍ରୀ ଜବତ କରି ଆସୁଛନ୍ତି। ତଥାପି ମାଓବାଦୀନେ ସେମାନଙ୍କ ଉଦ୍ୟମ ଜାରି ରଖିଛନ୍ତି।



## ସଂକ୍ଷେପରେ

### ବିଜୁବାବୁଙ୍କ ୧୦୫ତମ ଜନ୍ମବାର୍ଷିକୀରେ ସାଇକେଲ ଯାତ୍ରା

ଭୁବନେଶ୍ୱର,୨୩।୨(ବ୍ୟୁରୋ):ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଟକସ୍ଥିତ ବିଜୁବାବୁଙ୍କ ଜନ୍ମସ୍ଥାନ ଆନନ୍ଦ ଭବନଠାରୁ ଭୁବନେଶ୍ୱର ବିମାନବନ୍ଦରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ସାଇକେଲ ଯାତ୍ରା ଆୟୋଜନ କରାଯାଇଛି। ଏହି ଶୋଭାଯାତ୍ରାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ୧୯୩୨ରେ ବିଜୁବାବୁଙ୍କ କଟକରୁ ପେଶାୱାର ପର୍ଯ୍ୟନ୍ତ ୪୫୦୦ ମାଇଲ ଦୁଃସାହସିକ ସାଇକେଲ ଯାତ୍ରାର ସ୍ମୃତିକୁ ଉଜ୍ଜୀବିତ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଯୁବ, ଛାତ୍ରଙ୍କ ପ୍ରେରଣାର ଉତ୍ସ ବିଜୁବାବୁଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମାର୍ଚ୍ଚ ୫ରୁ ଏପ୍ରିଲ ୧୭ ପର୍ଯ୍ୟନ୍ତ ଓଡିଶା ମୋ ପରିବାର-ଜୀବନବିନ୍ଦୁ ରକ୍ତଦାନ ଶିବିରର ଆୟୋଜନ କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

### କେନ୍ଦ୍ରରେ ଉଠାଯିବ ଶ୍ରମିକଙ୍କ ସମସ୍ୟା: ଭାଜପା

**ଭୁବନେଶ୍ୱର, ୨୩।୨(ବ୍ୟୁରୋ):** ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଲଚେର ଗସ୍ତ ସମୟରେ ଏଫସିଆଇ ପ୍ରୋଜେକ୍ଟକୁ ୧୦ ହଜାର କୋଟି ଏବଂ ଟିଟିପିଏସ ପ୍ରୋଜେକ୍ଟକୁ ୯୫୦୦ କୋଟି ଟଙ୍କା ଅନୁଦାନ କରିଥିଲେ। କିନ୍ତୁ ରାଜ୍ୟ ସରକାର ଟିଟିପିଏସ ପ୍ରକଳ୍ପକୁ ଅନୁମତି ଦେଇ ନ ଥିଲେ। ଫଳରେ ଟିଟିପିଏସର ୬୬୦X୨ ମେଗାୱାଟ୍‌ର ପ୍ରକଳ୍ପ ତିଆରି ହେବା କଥା। ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ ଓ ଟିଟିପିଏସର ୪୬୦ ମେଗାୱାଟ୍ ପ୍ରକଳ୍ପ ମାର୍ଚ୍ଚ ୩୧ରେ ଅବଧି ସରିବାକୁ ଯାଉଛି। ଏହି ପ୍ରକଳ୍ପଟି ବନ୍ଦ ହୋଇଗଲେ ୨ ହଜାର ଠିକା କର୍ମଚାରୀ, ୩୦୦ ନିୟମିତ ଶ୍ରମିକ ଏବଂ ଚତୁଃପାର୍ଶ୍ୱରେ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହେବେ। ଏହି ପରିପ୍ରେକ୍ଷୀରେ ଏନ୍‌ଟିପିସି ଶ୍ରମିକ ଏକତା ମଞ୍ଚର ପ୍ରତିନିଧି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଭେଟି ସେମାନଙ୍କ ସମସ୍ୟା ସମାଧାନ କରିବା ସହ ଏହି ପ୍ରୋଜେକ୍ଟକୁ ବନ୍ଦ ନ କରି ଚାଲୁ ରଖିବାକୁ ଅନୁରୋଧ କରିଛନ୍ତି। ଶ୍ରମିକ ଏକତା ମଞ୍ଚ ପକ୍ଷରୁ ସଭାପତି ଶ୍ରବଣ କୁମାର ସାମଲ ଓ ସାଧାରଣ ସମ୍ପାଦକ ବିନୋବାନନ୍ଦ ତ୍ରିପାଠୀ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ସମସ୍ତ ଦସ୍ତାବିଜକୁ ରାଜ୍ୟ ସଭାପତି ଦେଖିବା ସହ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ସେ ଏହାକୁ କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପନା କରିବେ ବୋଲି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଫୋକସ୍‌ରେ ଗାଁ ବିକାଶ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପାଳନ କରାଯାଇଛି। ମାର୍ଚ୍ଚ ୨୩ ତାରିଖ ୧୯୨୧ରେ ଗାନ୍ଧିଜୀ ପ୍ରଥମେ ଓଡ଼ିଶା ଆସିଥିଲେ। ୧୯୩୮ରେ ସେ ଡେଲାଙ୍ଗର ବେରବୋଇ ଯାଇଥିଲେ। ଏଠାରେ କୃଷି ଓ ଗ୍ରାମଦ୍ୟୋଗ ପ୍ରଦର୍ଶନୀରେ ଭାଗ ନେଇଥିଲେ। ଗାନ୍ଧିଜୀଙ୍କ ଆଦର୍ଶ ସବୁବେଳେ, ବିଶେଷକରି ବର୍ତ୍ତମାନ ସମୟରେ ଆମ ପାଇଁ ବହୁ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ସେ ପିପିଲି ଓ ଡେଲାଙ୍ଗର ବିକାଶ ଲାଗି ୬୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ବିଷୟରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଭିଡିଓ କନଫରେନ୍ସ ଜରିଆରେ ପିପିଲି-ଡେଲାଙ୍ଗ ଅଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ବେରବୋଇରେ ଏକ ଆଦର୍ଶ ବିଦ୍ୟାଳୟ ତଥା ଗାନ୍ଧିଜୀଙ୍କ ସ୍ମୃତିପୀଠରେ ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୬୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣାକରି କହିଛନ୍ତି, ଏଥିରେ ରାସ୍ତାଘାଟଠାରୁ ଆରମ୍ଭକରି ଜଳସେଚନ, ଷ୍ଟାଡିୟମ, ସେତୁ, ବସ୍‌ଷ୍ଟାଣ୍ଡ ଆଦି ବିଭିନ୍ନ ବିକାଶ କାମ କରାଯିବ। ସବୁବେଳେ ଗାଁର ବିକାଶ ଉପରେ ଦୃଷ୍ଟି ଦିଆଯାଉଛି। ମହିଳା ଓ ଚାଷୀଙ୍କ କଲ୍ୟାଣ ଉପରେ ଫୋକସ କରାଯାଉଛି। ଗରିବଙ୍କ ମୁହଁରେ





ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ଟି ସଚିବ ଭି.କେ. ପାଣ୍ଡିଆନ୍ (ଡାହାଣ)। ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣ।

## ପିପିଲି-ଡେଲାଙ୍ଗ ଲାଗି ୬୮ କୋଟିର ପ୍ରକଳ୍ପ ଘୋଷଣା

ହସ ହିଁ ତାଙ୍କୁ ସବୁଠାରୁ ଅଧିକ ସନ୍ତୋଷ ଦେଇଥାଏ। କରୋନା ଲକ୍‌ଡାଉନ ସମୟରେ ମିଶନ ଶକ୍ତି ଓ ଚାଷୀଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସମୟରେ ଆମର ମିଶନ ଶକ୍ତିର ମା'ମାନେ ବହୁତ ଭଲ କାମ କରିଛନ୍ତି। ଆମ ଚାଷୀଭାଇମାନେ ମଧ୍ୟ କରୋନାକୁ ଭୟ ନ କରି ନିଜର କାମ ଜାରି ରଖିଥିଲେ। ଚାଷୀଙ୍କ ପରିଶ୍ରମ ଯୋଗୁ ଦେଶର ଅର୍ଥନୀତି ବର୍ତ୍ତମାନ ବଞ୍ଚିରହିଛି। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀଙ୍କ ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଦୁଃଖର କଥା ପ୍ରଦୀପବାବୁ ଆମ ଗହଣରେ ନାହାନ୍ତି। ପିପିଲି-ଡେଲାଙ୍ଗ ବିକାଶ ପାଇଁ ସବୁବେଳେ ସେ କାମ କରିଯାଇଛନ୍ତି। ବିକାଶର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ସାଧାରଣ ଲୋକକୁ ସେମାନଙ୍କ ହକ୍ ଦେବା ଲାଗି କାମ ଚାଲିଛି ଏବଂ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ପୁରୀ ଜିଲାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ପିପିଲି ଓ ଡେଲାଙ୍ଗ ଦୁଇଟି ସ୍ଥାନରେ ସଭାର ଆୟୋଜନ କରାଯାଇଥିଲା। ପିପିଲିଠାରେ ଆୟୋଜିତ ସଭାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଡେଲାଙ୍ଗରେ ମନ୍ତ୍ରୀ ତୁଷାରିକାନ୍ତି ବେହେରା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ପିପିଲିଠାରେ ୧୭୬୧ ଜଣଙ୍କୁ ରାଶନକାର୍ଡ, ୩୦୫୯ ଜଣଙ୍କୁ ଭତ୍ତା ଏବଂ ୨୦ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ର ସଞ୍ଚାଳନ କରିଥିଲେ। ପୁରୀ ଜିଲାପାଳ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏମ୍‌ପି ପିନାକୀ ମିଶ୍ର, ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଆଇକନିକ୍ ସ୍ଥାନ ମଧ୍ୟରେ ସୂର୍ଯ୍ୟମନ୍ଦିର

## ସ୍ୱଚ୍ଛ ଭାରତ ସ୍ୱତନ୍ତ୍ର ସଫେଇ ଅଭିଯାନର ଚତୁର୍ଥ ପର୍ଯ୍ୟାୟ

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ସ୍ୱଚ୍ଛ ଭାରତ ସ୍ୱତନ୍ତ୍ର ସଫେଇ ଅଭିଯାନର ଚତୁର୍ଥ ପର୍ଯ୍ୟାୟରେ କୋଣାର୍କ ସୂର୍ଯ୍ୟମନ୍ଦିର ସ୍ଥାନ ପାଇଛି। ମଙ୍ଗଳବାର କେନ୍ଦ୍ର ସରକାର ଦେଶର ୧୨ଟି ଆଇକନିକ ସ୍ଥାନର ନାମ ପ୍ରକାଶ କରିଛି। ଏଥିମଧ୍ୟରେ ଓଡ଼ିଶାର ସୂର୍ଯ୍ୟମନ୍ଦିର ରହିଥିବାବେଳେ ମହାରାଷ୍ଟ୍ରର ଅଜନ୍ତା ଗୁମ୍ଫା, ମଧ୍ୟପ୍ରଦେଶ ସାଞ୍ଚି ସ୍ତୁପ, ରାଜସ୍ଥାନର କୁମ୍ଭଲଗଡ଼ ଦୁର୍ଗ, ଜୈସାଲ୍‌ମେର୍ ଦୁର୍ଗ ଓ ରାମଦେବ୍ରା, ତେଲଙ୍ଗାନାର ଗୋଲ୍‌କୋଣ୍ଡା ଦୁର୍ଗ, ଚଣ୍ଡିଗଡ଼ର ରକ୍ ଗାର୍ଡେନ, ଜମ୍ମୁ-କଶ୍ମୀରର ଡାଏ ଲେକ୍, ଉତ୍ତରପ୍ରଦେଶର ବାଙ୍କେବିହାରୀ ମନ୍ଦିର ଓ ଆଗ୍ରା ଦୁର୍ଗ ଏବଂ ପଶ୍ଚିମବଙ୍ଗର କାଳିଘାଟ ମନ୍ଦିର ରହିଛି। ତେବେ ପୂର୍ବରୁ ଅର୍ଥାତ୍ ପ୍ରଥମ ପର୍ଯ୍ୟାୟ ତାଲିକାରେ ପୁରୀର ଜଗନ୍ନାଥ ମନ୍ଦିର ସ୍ଥାନ ପାଇଥିବାବେଳେ ଏବେ ସୂର୍ଯ୍ୟମନ୍ଦିରକୁ ତାଲିକାଭୁକ୍ତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଦେଶର ୧୦୦ଟି ପ୍ରତୀକାତ୍ମକ ଐତିହ୍ୟ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ଥାନ ଉପରେ ପର୍ଯ୍ୟବସିତ ଏକ ସ୍ୱତନ୍ତ୍ର ସଫେଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଏହି ପଦକ୍ଷେପ ନିଆଯାଉଛି। ନଗର ଉନ୍ନୟନ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ପର୍ଯ୍ୟଟନ ମନ୍ତ୍ରଣାଳୟ ଏବଂ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହଯୋଗରେ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏହାର ସଂଯୋଜନା କରିବ।



# 'କାଳିର ଅତୀତ'ର ପ୍ରଥମ ଟ୍ରେଲର ଉନ୍ମୋଚିତ

## 'ପ୍ରାଗ୍ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ୍'ରେ ପ୍ରିମିୟର ହେବ

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ନୀଳମାଧବ ପଣ୍ଡାଙ୍କ ସିନେମା 'କାଳିର ଅତୀତ' ଓସ୍କାର ଦୌଡ଼ରେ ସାମିଲ ହୋଇଥିବାବେଳେ ଏହାକୁ ଆଉଏକ ସଫଳତା ମିଳିଛି। ୨୮ତମ ପ୍ରାଗ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ 'ଫେବିଓଫେଷ୍ଟ'ରେ ପ୍ରିମିୟର କରିବା ଲାଗି ଏହି ସିନେମାକୁ ଆମନ୍ତ୍ରଣ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନୀଳମାଧବ ପଣ୍ଡା ଏନେଇ ସୂଚନା ଦେଇଛନ୍ତି। ଏଥିସହ 'କାଳିର ଅତୀତ'ର ଟ୍ରେଲର୍ ଉନ୍ମୋଚନ କରାଯାଇଛି। ଉକ୍ତ ଫେଷ୍ଟିଭାଲ ଏପ୍ରିଲ୍ ୨୯ରୁ ଆରମ୍ଭ ହୋଇ ମେ' ୭ ପର୍ଯ୍ୟନ୍ତ ଚାଲିବ।

ଏହି ଅବସରରେ ନୀଳମାଧବ ପଣ୍ଡା କହିଛନ୍ତି, ସାରା ବିଶ୍ୱର ଓଡ଼ିଆ ଲୋକ, ସମ୍ପ୍ରଦାୟ ଓ ଫୋରମ୍‌ଗୁଡ଼ିକ ମୋତେ ଶୁଭେଚ୍ଛା ଜଣାଇଥିବାରୁ ମୁଁ ଅତ୍ୟନ୍ତ ଖୁସି ଓ ଗର୍ବିତ। ଆମେ ସାରା ବିଶ୍ୱରେ ଏହାର ସ୍କ୍ରିନିଂ କରିବାକୁ ଯୋଜନା ରଖିଛୁ। ଆମ ସମୟର ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସିନେମା, ଯାହା ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଷୟରେ କହୁଛି। ସମସ୍ତେ ଏହି





ନୀଳମାଧବଙ୍କ 'କାଳିର ଅତୀତ'ର ଏକ ଦୃଶ୍ୟ ଓ ପୋଷ୍ଟର।

ସିନେମା ଦେଖିବା ଉଚିତ। ମୁଁ ସାରା ବିଶ୍ୱରେ ଏହାର ପ୍ରଚାର ପ୍ରସାର କରିଥାନ୍ତି। ଏବେ ଓସ୍କାର ଦୌଡ଼ର ସାଧାରଣ ବର୍ଗରେ ପ୍ରବେଶ କରିସାରିଥିବାରୁ ସିନେମାର ଉନ୍ନତ ପ୍ରଚାରରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି।

'କାଳିର ଅତୀତ'ରେ ପୀତବାସ ତ୍ରିପାଠୀ ଅଭିନୟ କରିଛନ୍ତି। ସମୁଦ୍ର ଜଳସ୍ତରରେ ବୃଦ୍ଧି ଯୋଗୁ ମନୁଷ୍ୟ ଓ ସମୁଦ୍ର ମଧ୍ୟରେ ସଂଘର୍ଷକୁ ଏଥିରେ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ୨୦୦୬ରେ ଏକ ନଳକୂପ ଫଟୋକୁ ଖବରକାଗଜରେ ଦେଖି ଏହି ସିନେମା ଆରମ୍ଭ କରିବାକୁ ନୀଳମାଧବ ନିଷ୍ପତ୍ତି ନେଇଥିଲେ। ନଳକୂପଟି ସମୁଦ୍ରରେ ବୁଡ଼ିଯାଇଥିଲା ଓ ସେହି ଚିତ୍ରଟି ସମୁଦ୍ର ପତ୍ତନ ବୃଦ୍ଧିର ଭୟଙ୍କର ସତ୍ୟ ସାମ୍ନାକୁ ଆଣିଥିଲା। ଏହି କାହାଣୀ ପାଇଁ ସ୍କ୍ରିନ୍‌ପ୍ଲେ କିମ୍ବା କାହାଣୀ ନ ଥିଲା। ପ୍ରଭାବିତ ଅଞ୍ଚଳ କେନ୍ଦ୍ରାପଡ଼ାରେ ବିନା ମେକ୍ ଅପ୍, ସେଟ୍ ଓ ଲାଇଟ୍‌ରେ ଏହାର ଶୁଟିଂ ହୋଇଛି। ଏହାକୁ ଗତ ଜାନୁୟାରୀରେ ଆଇଏଫ୍‌ଏଫ୍‌ଆଇରେ ପାନୋରାମା ବର୍ଗରେ ପ୍ରଦର୍ଶିତ କରାଯାଇଥିଲା।

### ମଣିଷ-ପଶୁ ଲଢେଇ ୬ ବର୍ଷରେ ମଲେଣି ୬୮୯ ମଣିଷ, ୮୩୬ ବନ୍ୟଜନ୍ତୁ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ରାଜ୍ୟରେ ଗତ ୬ ବର୍ଷ ମଧ୍ୟରେ ମଣିଷ ଓ ପଶୁମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ୬୮୯ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୮୩୬ ବନ୍ୟଜନ୍ତୁ ମଧ୍ୟ ମରିଛନ୍ତି। ୨୦୧୫ରୁ ୨୦୨୦ ମଧ୍ୟରେ ୩୬୦ ହାତୀ ମଧ୍ୟ ମରିଛନ୍ତି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୫ରେ ମଣିଷ ଓ ବନ୍ୟଜନ୍ତୁ ଲଢେଇରେ ୧୦୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୬ରେ ୧୧୩, ୨୦୧୭ରେ ୧୧୧, ୨୦୧୮ରେ ୧୦୯, ୨୦୧୯ରେ ୧୨୮ ଏବଂ ୨୦୨୦ରେ ୧୨୬ଜଣ ପ୍ରାଣ ହରାଇଛନ୍ତି। ୨୦୧୫ରେ ୫୮ ହାତୀ ମରିଥିବା ବେଳେ ୨୦୧୬ରେ ୧୫, ୨୦୧୭ରେ ୬୨, ୨୦୧୮ରେ ୮୨, ୨୦୧୯ରେ ୬୦ ଏବଂ ୨୦୨୦ରେ ୧୨୬ ହାତୀର ମୃତ୍ୟୁ ହୋଇଛି। ସେହିପରି ୧୦୦ଟି ବାରହା, ୮୪ ସ୍ୱପଟେଡ୍ ଡିଅର, ୭୪ ହରିଣ, ୩୮ ଭାଲୁ ଏବଂ ୨୬ ଶମ୍ବର ମରିଛନ୍ତି।

# ଟିକା ନ ନେଲେ ମିଳିବନି ସରକାରୀ ସୁବିଧା

## ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧାଙ୍କୁ ଚେତାବନୀ

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ପଞ୍ଜୀକୃତ ହୋଇ ଟିକା ନେଉ ନ ଥିବା ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କୁ ପୁଣି ତାଗିଦ କରିଛନ୍ତି ରାଜ୍ୟ ସରକାର। ଟିକା ନ ନେଲେ ସରକାରୀ ସୁବିଧାସୁଯୋଗରୁ ବଞ୍ଚିତ ହେବେ ବୋଲି ଚେତାଇ ଦେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟର ସମସ୍ତ ଜିଲାପାଳ ଓ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଛନ୍ତି। ନାମ ପଞ୍ଜୀକରଣ କରି କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନ ଦର୍ଶାଇ ଟିକା ନେଇ ନ ଥିବା ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କ ଟିକାକରଣ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାପାତ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କାରଣ ନ ଥାଇ ଟିକା ନ ନେଇଥିବା ଏହି ଯୋଦ୍ଧା କରୋନା ସଂକ୍ରମିତ ହେଲେ ତାଙ୍କୁ ମାଗଣା ଚିକିତ୍ସା, ମୃତ୍ୟୁକାଳୀନ ଆର୍ଥିକ ସହାୟତା ଇତ୍ୟାଦି ସରକାରୀ ସୁବିଧା ମିଳିବ ନାହିଁ। ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ ୮୫ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧା ଟିକା ନେଇଛନ୍ତି। ଏ କ୍ଷେତ୍ରରେ ଜାତୀୟ ସ୍ତରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଏବେ ବି ସମ୍ମୁଖ ଯୋଦ୍ଧାଙ୍କୁ କରୋନା ଟିକା ଦିଆଯିବା ପ୍ରକ୍ରିୟା ଜାରି ରହିଛି। ବାରମ୍ବାର ସୂଚିତ କରାଯିବା ପରେ ମଧ୍ୟ ପଞ୍ଜୀକୃତ କେତେଜଣ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧା ପ୍ରଥମ ପର୍ଯ୍ୟାୟ କରୋନା ଟିକା ନେଇ ନାହାନ୍ତି। ତେଣୁ ସେମାନଙ୍କୁ ଏହି ନିର୍ଦ୍ଦେଶ ଜଣାଇବା ସହିତ ତୁରନ୍ତ ସମୟସୀମା ମଧ୍ୟରେ ଟିକା ନେବା ପାଇଁ କହିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୧୬ରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ କର୍ମୀ ଓ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯାଉଛି। କିନ୍ତୁ କେତେଜଣ ସ୍ୱାସ୍ଥ୍ୟ କର୍ମୀ ଓ ସମ୍ମୁଖ ଯୋଦ୍ଧା ନାମ ପଞ୍ଜୀକରଣ କରିଥିଲେ ସୁଦ୍ଧା ଟିକା ନେବା ପାଇଁ ଅମଙ୍ଗ ହେଉଛନ୍ତି। ବାରମ୍ବାର ତାଗିଦ ସହ ଟିକାକରଣ ସମୟସୀମା ବୃଦ୍ଧି କରାଯାଇଥିଲେ ମଧ୍ୟ ସେମାନେ ଟିକା ନେଉ ନ ଥିବାରୁ ରାଜ୍ୟ ସରକାର ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ୭ ଲକ୍ଷ ୫୪ ହଜାର କେନ୍ଦୁପତ୍ର ତୋଳାଳି ପଞ୍ଜୀକୃତ

ଭୁବନେଶ୍ୱର,୨୩।୨ (ବ୍ୟୁରୋ)

୨୦୨୦ରେ ରାଜ୍ୟରେ ୭,୫୪,୬୩୧ ଜଣ କେନ୍ଦୁପତ୍ର ତୋଳାଳି ପଞ୍ଜୀକୃତ ହୋଇଛନ୍ତି। ୨୦୨୧ରେ ତୋଳାଳିଙ୍କୁ କେନ୍ଦୁପତ୍ର ମୂଲ୍ୟ ବାବଦକୁ ବନ୍ଧେଇ ପ୍ରତି କେରି ପିଛା ୧ଟଙ୍କା ୨୦ ପଇସା ଦିଆଯାଉଥିବା ବେଳେ ଫାଳ କେରି ପ୍ରତି ୨ ଟଙ୍କା ୪୦ ପଇସା ଦିଆଯାଉଛି। ୨୦୨୦-୨୧ରେ ରାଜ୍ୟର ୧୫ଟି ବନଖଣ୍ଡରୁ ୨ ଲକ୍ଷ ୪୫ ହଜାର ୯୫୦ କୁଇଣ୍ଟାଲ ଶାଳପତ୍ର ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଶାଳପତ୍ରରେ ତିଆରି ସାମଗ୍ରୀ ଦେଶ ବିଦେଶରେ ତଥା ଅନ୍ୟ ରାଜ୍ୟରେ ବିକ୍ରି କରିବା ପାଇଁ ଗତ ୫ ବର୍ଷ ମଧ୍ୟରେ ୨୦୧୬-୧୭ ଠାରୁ ୨୦୨୦-୨୧ ମଧ୍ୟରେ ସମୁଦାୟ ୭,୦୭,୮୧୮ କୁଇଣ୍ଟାଲ ଶାଳପତ୍ର ଚାଲାଣ କରି ବଜାର ସୃଷ୍ଟି କରାଯାଇଛି। ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳ ବେଳେ ବିଜେଡି ସଭ୍ୟ ଅଙ୍ଗଦ କହଁରଙ୍କ ମୂଳ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନକର୍ତ୍ତା କେଉଁ ଜିଲାରେ କେତେ କେନ୍ଦୁପତ୍ର ସଂଗ୍ରହ ହେଉଛି। ଏଥିରେ କେତେ ଜଣ ନିୟୋଜିତ ଅଛନ୍ତି ଓ ପଡିଘର ସଂଖ୍ୟା କେତେ ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟର ୨୨ଟି ଜିଲାରେ କେନ୍ଦୁପତ୍ର ସଂଗ୍ରହ କରାଯାଉଛି। ଏଥିରେ ୮.୫ ଲକ୍ଷ ଲୋକ ନିୟୋଜିତ ଅଛନ୍ତି। ୧୮ ହଜାର ବନ୍ଧେଇ ଶ୍ରମିକ ଥିବା ବେଳେ ୧୮ ହଜାର ଋତୁକାଳୀନ ଶ୍ରମିକ ରହିଛନ୍ତି। ୧୦୭୮ଟି କେନ୍ଦ୍ରୀୟ ଗୋଦାମ ଗୃହ ରହିଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପଚାରିଲେ, କେନ୍ଦୁପତ୍ର ଉନ୍ନୟନ ପାଣ୍ଠି କେବେ ଗଠନ ହୋଇଥିଲା। ଏହା କେତେ ଥର ବସୁଛି। ତୋଳାଳିଙ୍କ ବିକାଶ ପାଇଁ କ'ଣ କରାଯାଇଛି। ମନ୍ତ୍ରୀ କହିଲେ, କେନ୍ଦୁପତ୍ର ବିକ୍ରିରୁ ଯେଉଁ ଅର୍ଥ ଆସୁଛି ତାହା ତୋଳାଳି ଓ ବନ୍ଧାଳିଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରାଯାଉଛି। ୨୦୧୫ରୁ ଏହି ବ୍ୟବସ୍ଥା ଲାଗୁ ହୋଇଛି। ଭିତ୍ତିଭୂମି ବିକାଶ ସହ ତୋଳାଳିଙ୍କୁ ବୋନସ, ପଢିବା ପାଇଁ ସୁବିଧା, ଝିଅ ବାହାଘର ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଉଛି। କେନ୍ଦୁପତ୍ର ଉନ୍ନୟନ ପାଣ୍ଠି ବୈଠକ ନିୟମିତ ବସୁଛି। ବିଜେଡି ସଭ୍ୟ ପ୍ରଦୀପ ଅମାତ, ରୋହିତ ପୂଜାରୀ, କିଶୋର ନାୟକ, ରମେଶ ସାଏ, ମହିଧର ରଣା ପ୍ରମୁଖ କେନ୍ଦୁପତ୍ର ତୋଳାଳିଙ୍କ ବିକାଶ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ପ୍ରଶ୍ନ କରିଥିଲେ।

# ଆଜିଠୁ ଟାଙ୍କିରେ ହୋର୍ଡିଂ ଖୋଲିବ ଯୁବ କଂଗ୍ରେସ

## ତୈଳ, ରନ୍ଧନ ଗ୍ୟାସ୍ ଦର ବୃଦ୍ଧିର ତୀବ୍ର ପ୍ରତିବାଦ

## ବିଜ୍ଞାପନ ହୋର୍ଡିଂରେ କାଳି ବୋଳିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ତୈଳଦର ଏବଂ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବ ଯୁବ କଂଗ୍ରେସ। ଏହି ପରିପ୍ରେକ୍ଷୀରେ ପେଟ୍ରୋଲ ଟାଙ୍କିରେ ଲାଗିଥିବା ହୋର୍ଡିଂଗୁଡ଼ିକ ଖୋଲିବାକୁ ନିଷ୍ପତ୍ତି ନେଇଛି ଦଳ। ବୁଧବାରଠାରୁ ଏହା ଆରମ୍ଭ ହେବ ବୋଲି ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ଅନ୍ୟପଟେ ଯୁବ କଂଗ୍ରେସର କାର୍ଯ୍ୟକ୍ରମ ପୂର୍ବରୁ ମଙ୍ଗଳବାର ପ୍ରଦେଶ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଭୁବନେଶ୍ୱର ୨ ନମ୍ବରସ୍ଥିତ ପେଟ୍ରୋଲ ପମ୍ପରେ ଲାଗିଥିବା ବିଜ୍ଞାପନ ହୋର୍ଡିଂରେ କାଳିମାଡ଼ କରିବା ସହ ଚିରି ଦେଇଛନ୍ତି।

ତୈଳ ଏବଂ ରନ୍ଧନ ଗ୍ୟାସ୍‌ର ଅହେତୁକ ମୂଲ୍ୟବୃଦ୍ଧି ରୋକିବାକୁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଏଥିଲାଗି ୫ଦିନର ମହଲତ ଦିଆଯାଇଥିଲା। ଦାବି ପୂରଣ ନ ହେଲେ ପେଟ୍ରୋଲ ଟାଙ୍କିରେ ଲାଗିଥିବା ହୋର୍ଡିଂ ଖୋଲି ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ହେଲେ ଏହାକୁ ସରକାର କର୍ଣ୍ଣପାତ କରୁନାହାନ୍ତି। ଓଲଟି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଗଣମାଧ୍ୟମ ଆଗରେ ହାସ୍ୟାସ୍ପଦ ବିବୃତ୍ତି ଦେଉଛନ୍ତି। ପ୍ରତିଦିନ ତୈଳଦର ବଢ଼ିଚାଲିଛି। ଆନ୍ଦୋଳନ, ବିକ୍ଷୋଭ, ସାଇକେଲ୍ ଯାତ୍ରା ଜରିଆରେ ରାଜ୍ୟର ବିଭିନ୍ନ ଜିଲାରେ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରତିବାଦ କରୁଛନ୍ତି। ବୁଧବାରଠାରୁ ଏହାକୁ ଆହୁରି ଶାଣିତ କରାଯିବ। ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ଜନସାଧାରଣଙ୍କ ଟିକସ ପଇସାରେ କେନ୍ଦ୍ର ସରକାର ଲଗାଇଥିବା ହୋର୍ଡିଂ ଖୋଲାଯିବ ବୋଲି କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତିରଞ୍ଜନ ସୂଚନା ଦେଇଛନ୍ତି। ଅନ୍ୟପଟେ ଯୁବ କଂଗ୍ରେସ ଏଭଳି ଅଭିନବ ପ୍ରତିବାଦ କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ମଙ୍ଗଳବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ୟାସିର




ପେଟ୍ରୋଲ ପମ୍ପରେ ଲାଗିଥିବା ବ୍ୟାନରକୁ ଛାତ୍ର କଂଗ୍ରେସ ପକ୍ଷରୁ ଚିରାଯାଉଛି।

ନୱାଜଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଏକ ରାଲି ଦୁଇ ନମ୍ବରସ୍ଥିତ ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଲାଗିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜ୍ଞାପନ ହୋର୍ଡିଂରେ କାଳି ମାଡ଼ କରିବା ସହ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଏହାକୁ ଚିରି ଦେଇଥିଲେ। ରାମ ମନ୍ଦିର ସମ୍ମୁଖ ପେଟ୍ରୋଲ ଟାଙ୍କିରେ ମଧ୍ୟ ଅନୁରୂପ ପ୍ରତିବାଦ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ନ କମାଇଲେ ସବୁଠି ଜନ ଆନ୍ଦୋଳନ ତୀବ୍ରତର ହେବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗଣତାନ୍ତ୍ରିକ ଉପାୟରେ ବିରୋଧ କରାଯିବ ବୋଲି ୟାସିର ଚେତାବନୀ ଦେଇଛନ୍ତି।



ସଲମାନ ଖାନ ତିରିଶରୁ ଅଧିକ ବର୍ଷ ହେଲା ବଲିଉଡ୍‌ରେ ସକ୍ରିୟ ଅଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ବଡ଼ ପରଦାରେ ବୋଲ୍ଡ ଏବଂ ଚୁମ୍ବନ ଦୃଶ୍ୟ ଦେବାକୁ ସେ ପଛଘୁଞ୍ଚା ଦିଅନ୍ତି ବୋଲି କୁହାଯାଏ। ତାଙ୍କ ପୂର୍ବ ପ୍ରେମିକା ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏ ବିଷୟରେ ଏକ ସାକ୍ଷାତକାରରେ କହିଥିଲେ, ସଲମାନ ରୋମାଣ୍ଟିକ ଦୃଶ୍ୟକୁ ହ୍ୟାଣ୍ଡେଲ କରିପାରନ୍ତି ନାହିଁ। ସେ ଶୀଘ୍ର ବୋର୍ ହୋଇଯାଇଥାନ୍ତି। ଆକ୍ସନ ଫିଲ୍ମ ସିନ୍‌କୁ ମଧ ସେ ବ୍ରେକ ନେଇ ସମ୍ପୂର୍ଣ୍ଣ କରିଥାନ୍ତି। ସେ ସବୁ ଜିନିଷରେ ସନ୍ତୁଳନ ଚାହାନ୍ତି। ଜଣେ ମଣିଷ ହିସାବରେ ତାଙ୍କ ପାଇଁ ସଲମାନ କେବେ ବି ବଦଳି ନାହାନ୍ତି ବୋଲି କ୍ୟାଟ୍ରିନା କହିଥିଲେ।

## ଐଶ୍ୱର୍ଯ୍ୟାଙ୍କ ପ୍ରେମରେ ପଡ଼ିଥିଲେ ଅଭିଷେକ



**ମୁମ୍ବାଇ:** ଅଭିନେତା ଅଭିଷେକ ଏବଂ ଐଶ୍ୱର୍ଯ୍ୟାଙ୍କୁ ବଲିଉଡ୍‌ର ମୋଷ୍ଟ ପାୱାରଫୁଲ କପଲ କୁହାଯାଏ। ୧୨ ବର୍ଷ ତଳେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତାଙ୍କ ୮ ବର୍ଷର ଝିଅର ନାଁ ଆରାଧ୍ୟା। ତେବେ ଦୁହିଁଙ୍କ ମଧ୍ୟରେ କେମିତି ପ୍ରେମ ହୋଇଥିଲା ହୁଏତ ଖୁବ କମ ଲୋକ ଜାଣିଥିବେ। ଫିଲ୍ମ 'ବଣ୍ଟି ଏବଂ ବବ୍‌ଲି'ର କଜରାରେ ଗୀତର ଶୁଟିଂ ସମୟରେ ଦୁଇଜଣଙ୍କ ମଧ୍ୟରେ ଲୁଚାଛପା ପ୍ରେମ ଆରମ୍ଭ ହୋଇଥିଲା।। ଏକ ସାକ୍ଷାତକାରରେ ଐଶ୍ୱର୍ଯ୍ୟା କହିଥିଲେ, ହଲିଉଡ ଷ୍ଟାଇଲ୍‌ରେ ଅଭିଷେକ ତାଙ୍କୁ ପ୍ରପୋଜ କରିଥିଲେ। ଅଭି ତାଙ୍କୁ ନ୍ୟୁୟର୍କରେ ପ୍ରପୋଜ କରିଥିଲେ। ଦୁଇଜଣ ଏକ ହୋଟେଲ ବାଲକୋନିରେ ଠିଆ ହୋଇଥିବା ବେଳେ ଅଭିଷେକ ଐଶ୍ୱର୍ଯ୍ୟାଙ୍କ ମୁଡ ଦେଖି ଆଣ୍ଠେଇ ପଡ଼ି ପୂରା ଫିଲ୍ମ ଷ୍ଟାଇଲ୍‌ରେ ପ୍ରପୋଜ କରିଥିଲେ। ଫିଲ୍ମ 'ଗୁରୁ' ପରେ ଯୋଧା ଆକବର ଶୁଟିଂ ଚାଲିଥିଲା। ସେଥିରେ ଏକ ବିବାହ ସିନ ଥିଲା। ଏହି ସମୟରେ ସେ ଅନୁଭବ କରିଥିଲେ ଅଭିଷେକଙ୍କ ସହ ସତରେ ଯେମିତି ତାଙ୍କର ବିବାହ ହେଉଛି। ଧୀରେ ଧୀରେ ଦୁହେଁ ଦୁହିଁଙ୍କ ନିକଟତର ହୋଇଥିଲେ। ଜଣେ ଜଣଙ୍କୁ ସେତିକି ବୁଝିଥିଲେ, ଚିହ୍ନିଥିଲେ। ପରେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ପ୍ରେମକୁ ବଚ୍ଚନ ପରିବାର ସ୍ୱୀକୃତି ଦେଇ ବିଶ୍ୱସୁନ୍ଦରୀଙ୍କୁ ବୋହୂ କରିନେବାକୁ ରାଜି ହୋଇଯାଇଥିଲେ।

# ସାପ ସାଜେ ଆହାର

ସୈନ୍ୟବାହିନୀରେ ଚାକିରି କରିବା ଯେତିକି ଗୌରବମୟ, ସେତିକି ଚ୍ୟାଲେଞ୍ଜିଂ । ଶତ୍ରୁ ସହ ମୁହାଁମୁହିଁ ହେବା ସମୟରେ ଭୋକ, ଶୋଷ ଭୁଲିଯାଆନ୍ତି ଯବାନ। ଘଞ୍ଚ ଜଙ୍ଗଲରେ ଅଭିଯାନ ସମୟରେ ଖାଦ୍ୟ ସରିଗଲେ ବଞ୍ଚିରହିବା ମୁସ୍କିଲ ହୋଇପଡ଼େ। ପ୍ରତିକୂଳ ପରିବେଶରେ ପେଟ ଭର୍ତ୍ତି ଖାଦ୍ୟ ଯୋଗାଡ଼ କରିବା ଲାଗି ଥାଇଲାଣ୍ଡରେ ଆୟୋଜିତ ହେଉଛି 'କୋବ୍ରା ଗୋଲ୍ଡ ମିଲିଟାରି ଡ୍ରିଲ୍'। ଏଥିରେ ବିଭିନ୍ନ ଦେଶର ସୈନିକ ଭାଗ ନେଉଥିବାବେଳେ ବିଷାକ୍ତ ସାପଙ୍କୁ ଧରି ଖାଇବା କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥାଏ।



**ବ୍ୟାଙ୍କକ୍:** ଥାଇଲାଣ୍ଡରେ ପ୍ରତିବର୍ଷ ଆୟୋଜିତ ହେଉଥିବା 'କୋବ୍ରା ଗୋଲ୍ଡ ମିଲିଟାରି ଡ୍ରିଲ୍'ରେ ବିଭିନ୍ନ ଦେଶର ଶତାଧିକ ଯବାନ ଭାଗ ନେଇଥାନ୍ତି। ପ୍ରତିକୂଳ ପରିବେଶରେ ତିଷ୍ଠି ରହିବା ଲାଗି ଏଠାରେ ଆବଶ୍ୟକ କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଏ। ସାପ ସମେତ ଜଙ୍ଗଲୀ ପ୍ରାଣୀଙ୍କୁ ମାରିବା ଏବଂ ସେମାନଙ୍କୁ ଭୋଜନ ଭାବେ ଗ୍ରହଣ କରିବାର ପ୍ରଣାଳୀ ବିଷୟରେ ଟ୍ରେନିଂ ଦିଆଯାଇଥାଏ। ତେବେ ଏଭଳି ଅଖାଦ୍ୟରୁ ବିପଜ୍ଜନକ ଭାଇରସ୍ ବ୍ୟାପିବା ଆଶଙ୍କା ଥିବାରୁ ଶିବିରରେ ଭାଗ ନେଉଥିବା ଯବାନଙ୍କୁ ବିରତ ରହିବାକୁ ନିବେଦନ କରିଛନ୍ତି ସମ୍ପୃକ୍ତ ଦେଶର ପ୍ରତିରକ୍ଷା ବିଶେଷଜ୍ଞ।

ପୃଥିବୀର ସବୁଠାରୁ ଉଚ୍ଚତମ ଶୃଙ୍ଗ, ମରୁପ୍ରାନ୍ତର, ବରଫ ଉପତ୍ୟକାରେ ଶତ୍ରୁ ସହ ଆଖିରେ ଆଖି ମିଶାଇ ସର୍ବଦା ସତର୍କ ରହିଥାନ୍ତି ଯବାନ। ପ୍ରତିକୂଳ ପରିବେଶରେ ନିଜକୁ ବଞ୍ଚାଇ ରଖିବାର କଳାରେ ସିଦ୍ଧହସ୍ତ ସେମାନେ। ଜଣେ ସାଧାରଣ ମଣିଷ ଯେଉଁଠି ହାର୍ ମାନିଯାଏ, ସେଠାରେ ବୀର ଯବାନମାନେ ଆବଶ୍ୟକ ସଂଶାଧନ ଯୋଗାଡ଼ କରି ନିଜକୁ ସୁରକ୍ଷିତ ରଖିବାର ବାଟ ବାହାର କରିଥାନ୍ତି। ଏଥିଲାଗି ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଏ। ତେବେ ଥାଇଲାଣ୍ଡରେ ଆୟୋଜିତ 'କୋବ୍ରା ଗୋଲ୍ଡ ଡ୍ରିଲ୍' ସବୁଠାରୁ ବିପଜ୍ଜନକ ତାଲିମ ମଧ୍ୟରୁ ଗୋଟିଏ। ଏଠାରେ ଯବାନଙ୍କୁ ଅହିରାଜ ସାପକୁ କୌଶଳକ୍ରମେ ଧରିବା, ମାରିବା ଏବଂ ସେମାନଙ୍କ ରକ୍ତ ପିଇବାର କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଏ। କେବଳ ଏତିକି ନୁହେଁ, ବିଛା, ଏଣ୍ଡୁଅ, ଝିଟିପିଟିକୁ ଆବଶ୍ୟକ ସମୟରେ ଖାଦ୍ୟ ଭାବେ ବ୍ୟବହାର କରିବାର ପଦ୍ଧତି ଶିଖାଯାଇଥାଏ। ଏଭଳି କଷ୍ଟକର ତାଲିମ ଗ୍ରହଣ କରିଥିବା ଯବାନ ଯେକୌଣସି ପରିସ୍ଥିତି ଏବଂ ପରିବେଶରେ ନିଜ ପାଇଁ ଖାଦ୍ୟ ଯୋଗାଡ଼ କରିବାରେ ସକ୍ଷମ ହୋଇଥାନ୍ତି। ତେଣୁ ଅଷ୍ଟ୍ରେଲିଆ, ବ୍ରିଟେନ ଏବଂ ଆମେରିକାର ସୈନିକ 'କୋବ୍ରା ଗୋଲ୍ଡ ଡ୍ରିଲ୍'ରେ ଅଂଶଗ୍ରହଣ କରିବାକୁ ଗୌରବ ବୋଲି ମନେକରିଥାନ୍ତି। ୨୦୧୯ରେ କୋବ୍ରା ଡ୍ରିଲ୍ ସମୟରେ ସୈନିକମାନେ ସାପ ଧରି ଖାଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ଏହା ପରେ ପରେ ବିଶ୍ୱକୁ ବ୍ୟାପିଥିଲା କରୋନା ମହାମାରୀ। ତେଣୁ ଏଭଳି ସରୀସୃପଙ୍କୁ ଖାଦ୍ୟ ଭାବେ ଗ୍ରହଣ କରିବା ଦ୍ୱାରା ନୂଆ ଭାଇରସ୍ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୧୯୮୨ରୁ ଏଭଳି ମିଲିଟାରି ଏକ୍ସରସାଇଜ୍ ଆୟୋଜିତ ହେଉଛି। ଏସିଆ-ପାସିଫିକ୍‌ର ସବୁଠାରୁ ବଡ଼ ସୈନ୍ୟ ଅଭ୍ୟାସ ମାନ୍ୟତା ପାଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବହୁ ଦେଶର ଯବାନ ସାମିଲ ହୋଇଥାନ୍ତି। ଏହାର ମୁଖ୍ୟ କାର୍ଯ୍ୟାଳୟ ବ୍ୟାଙ୍କକ୍‌ରେ ରହିଛି। ୨୦୧୬ରେ ଭାରତ ପ୍ରଥମ କରି ଏଥିରେ ଅଂଶଗ୍ରହଣ କରିଥିଲା।

### 'କୋବ୍ରା ଗୋଲ୍ଡ ମିଲିଟାରି ଡ୍ରିଲ୍'

### ବିପଦରେ ସର୍ପବଂଶ

'କୋବ୍ରା ଗୋଲ୍ଡ ଡ୍ରିଲ୍'ରେ ଅଂଶଗ୍ରହଣ କରିଥିବା ଯବାନମାନେ ଅଜଗରଠାରୁ ଆରମ୍ଭ କରି ଅହିରାଜ ଭଳି ବିଷାକ୍ତ ସାପକୁ ଅତି ସତର୍କତାର ସହ ଧରିଥାନ୍ତି। ବିଷାକ୍ତ ଅଙ୍ଗକୁ ବାଦ୍ ଦେଇ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ଖାଇଥାନ୍ତି। କୋବ୍ରା ମାଂସରୁ ଅଧିକ ଶକ୍ତି ମିଳୁଥିବା ମାନସିକତା ଏହି ସରୀସୃପ ବଂଶକୁ ବିପଦରେ ପକାଇଛି। ଅନ୍ତର୍ଜାତୀୟ ବଜାରରେ ଏହାର ଚୋରା କାରବାର ମଧ୍ୟ ବଢ଼ିବାରେ ଲାଗିଛି। ବିଭିନ୍ନ ପ୍ରଜାତିର ସାପ ରକ୍ତ ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଛି। ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ରାସ୍ତାଘାଟରେ ଏଭଳି ଦୃଶ୍ୟ ଅତି ସାଧାରଣ। କେତେକ ଦେଶର ସୈନ୍ୟବାହିନୀରେ ଦୈନିକ ଭୋଜନରେ ସାପ ରକ୍ତ ଏବଂ ମାଂସକୁ ସାମିଲ କରାଯାଉଛି। ସେହିପରି ଚାଇନାରେ ବ୍ୟବସାୟିକ ଭିତ୍ତିରେ ହେଉଛି ସାପ ଚାଷ। ଏଠାରେ ୧୭୦ ପରିବାର ବାର୍ଷିକ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ସାପ ଉତ୍ପାଦନ କରି ବିକ୍ରି କରୁଥିବା ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

## ରେଷ୍ଟୁରାଣ୍ଟରେ କଥା ହେବା ମନା



ଭୋପାଳ: ରେଷ୍ଟୁରାଣ୍ଟକୁ ଯାଇ ମନଇଚ୍ଛା ଖାଇବେ, ଖୁସିଗପ କରିବେ ଏମିତି କେତେ କଣ ଭାବିଥାନ୍ତି ଲୋକେ। ସେଥିପାଇଁ ତ ସମୟ ବାହାର କରି ବେଳେବେଳେ ଲୋକେ ରେଷ୍ଟୁରାଣ୍ଟକୁ ଯାଇ ମନ ଖୁସି କରି ଆସିଥାନ୍ତି। କିନ୍ତୁ ଏମିତି ଏକ ରେଷ୍ଟୁରାଣ୍ଟ ଅଛି ଯେଉଁଠି ଖାଇବେ ଅନେକଗୁଡ଼ିଏ କାଇଦା କଟକଣା ଭିତରେ। କଟକଣା ସବୁ ଭଲ ଲାଗୁ ଅବା ନ ଲାଗୁ କିନ୍ତୁ ଏହି ରେଷ୍ଟୁରାଣ୍ଟକୁ ଯାଉଥିବା ଲୋକେ ଏସବୁ ମାନିବାକୁ ବାଧ୍ୟ। ଏଭଳି ଅନେକ କଟକଣା ଥିବା ରେଷ୍ଟୁରାଣ୍ଟକୁ ନେଇ ଏବେ ସୋସିଆଲ ମିଡିଆରେ ଢେର ଚର୍ଚ୍ଚା ହେଉଛି। ପୁନେର ଏକ ରେଷ୍ଟୁରାଣ୍ଟ ଇରାନୀ କେଫ୍‌ରେ ରହିଛି ଏମିତି ଅନେକଗୁଡ଼ିଏ ଅଜବ ନିୟମ। ଏଠାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ସାଙ୍ଗରେ ଲାପଟପ୍ ନେବେନି, ନିଶା ସେବନ କରିବେ ନାହିଁ, ଜୋରରେ କଥା ହେବେ ନାହିଁ, ଖୁଚୁରା ପଇସା ମାଗିବେ ନାହିଁ, କ୍ରେଡିଟ୍ କାର୍ଡ ଦେବେ ନାହିଁ, ମୁଣ୍ଡ କୁଣ୍ଡାଇବେ ନାହିଁ, ଦାନ୍ତ ଘଷିବେ ନାହିଁ, ଗୋଡ ଲମ୍ବାଇ ବସିବେ ନାହିଁ, ଶୋଇବେ ନାହିଁ, ମୋବାଇଲରେ କଥା ହେବେ ନାହିଁ। ଏମିତି କେତେକଣ କାଇଦା କଟକଣା ରହିଛି ଏହି ରେଷ୍ଟୁରାଣ୍ଟରେ। ସୋସିଆଲ ମିଡିଆରେ ଏଭଳି ଏକ ନିୟମ ଥିବାର ଏକ ତାଲିକାର ଫଟୋ ଶେୟାର ହେବା ପରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଢେର୍ ଚର୍ଚ୍ଚା ହେଉଛି। ଏହି ପୋଷ୍ଟଟିକୁ ଶେୟାର କରିବା ପରେ ହଜାର ହଜାର ଲୋକ ଏହାକୁ ନେଇ କମେଣ୍ଟ ଦେଇଛନ୍ତି। ତେବେ ରେଷ୍ଟୁରାଣ୍ଟରେ ଯେ ଏଭଳି ସବୁ ନିୟମ କରାଯାଇପାରେ ଏକଥାକୁ ଅନେକେ ବିଶ୍ୱାସ କରି ପାରି ନାହାନ୍ତି। ତେଣୁ ଏହି ପୋଷ୍ଟକୁ ନେଇ ଅନେକେ ବିଭିନ୍ନ ପ୍ରକାରର ବ୍ୟଙ୍ଗାତ୍ମକ ଢଙ୍ଗରେ ଇମୋଜି ମାଧ୍ୟମରେ ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏତେ ସବୁ କଟକଣା ଭିତରେ କାହିଁକି ପଇସା ଦେଇ ଖାଇବାକୁ ଯିବେ ବୋଲି ମଧ୍ୟ କେତେଜଣ ପ୍ରଶ୍ନ କରିଛନ୍ତି।

## ପନିର ଭିଲେଜ୍

**ଡେରାଡୁନ୍:** ଏମିତି ଏକ ଗାଁ ଅଛି ଯାହାର ନାଁ ହେଉଛି ପନିର ଭିଲେଜ୍। ଉତ୍ତରାଖଣ୍ଡର ମସୁରୀ ନିକଟରେ ଥିବା ଏହି ଗାଁର ଏପରି ନାମକରଣ ହେବା ପଛରେ ସ୍ୱତନ୍ତ୍ର କାରଣ ରହିଛି। ଗାଁରେ ମୋଟ ୨୫୦ ପରିବାର ଅଛନ୍ତି ଆଉ ସବୁ ପରିବାର ଲୋକେ ପନିର ଉତ୍ପାଦନ କରିଥାନ୍ତି। ଅର୍ଥାତ ପନିର ଉତ୍ପାଦନ କରି ଜୀବିକା ନିର୍ବାହ କରିବା ହିଁ ଏହି ଗାଁ ଲୋକଙ୍କର ଜୀବିକାର ମୁଖ୍ୟ ମାଧ୍ୟମ। ଗ୍ରାମବାସୀଙ୍କ କହିବା ଅନୁସାରେ ଆଗରୁ ଗାଁର ସବୁ ଲୋକ ପନିର ତିଆରି କରୁ ନ ଥିଲେ। ପ୍ରଥମେ ୧୯୮୦ ମସିହାରେ କଅଁରସିଂହ ନାମକ ଜଣେ ବ୍ୟକ୍ତି ପନିର ତିଆରି କରି ବିକ୍ରି ଆରମ୍ଭ କରିଥିଲେ। ଗାଁର ଅନେକ ପରିବାର ଲୋକେ ରୋଜଗାର କରିବା ପାଇଁ ସଂଗ୍ରାମ କରୁଥିଲେ। ଶେଷରେ ସେମାନେ ମଧ୍ୟ ପନିର ଉତ୍ପାଦନ ଆରମ୍ଭ କରିଥିଲେ। ଏବେ ପ୍ରତି ପରିବାର ପନିର ବିକ୍ରି କରି ଜୀବିକା ନିର୍ବାହ କରୁଛନ୍ତି। ପାଖ ଗାଁ ତଥା ଡେରାଡୁନ, ମସୁରୀ ଏବଂ ଦିଲ୍ଲୀକୁ ମଧ୍ୟ ଏଠାରୁ ପନିର ବିକ୍ରି ପାଇଁ ଯାଇଥାଏ।

## ଦେବତାଙ୍କୁ ସମର୍ପିତ ଏୟାରପୋର୍ଟ 'ସ୍ୱର୍ଣ୍ଣଭୂମି'



ବ୍ୟାଙ୍କକ୍: ଅଯୋଧ୍ୟାରେ ପ୍ରସ୍ତାବିତ ବିମାନବନ୍ଦର ଭଗବାନ ଶ୍ରୀରାମଙ୍କୁ ଉତ୍ସର୍ଗ କରାଯିବ ବୋଲି ଯୋଗୀ ସରକାର ଘୋଷଣା କରିସାରିଛନ୍ତି। ଭାରତରେ ଧର୍ମୀୟ ଦେବଦେବୀଙ୍କ ନାମରେ ଅଦ୍ୟାବଧି କୌଣସି ଏୟାରପୋର୍ଟ ନାହିଁ। ଏହା କାର୍ଯ୍ୟକାରୀ ହେଲେ ହିନ୍ଦୁ ଦେବତାଙ୍କୁ ସମର୍ପିତ ଦେଶର ପ୍ରଥମ ବିମାନବନ୍ଦର ହେବ ଅଯୋଧ୍ୟା ଏୟାରପୋର୍ଟ। ତେବେ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ରହିଛି ହିନ୍ଦୁ ଦେବତାଙ୍କୁ ସମର୍ପିତ ବିମାନବନ୍ଦର 'ସ୍ୱର୍ଣ୍ଣଭୂମି', ଯାହା ଦକ୍ଷିଣ ଏସିଆର ସର୍ବବୃହତ୍ ଏୟାରପୋର୍ଟ। ବ୍ୟାଙ୍କକ୍‌ର ସ୍ୱର୍ଣ୍ଣଭୂମି ଏୟାରପୋର୍ଟର ଅନ୍ୟତମ ଆକର୍ଷଣ ବିଭିନ୍ନ ପୌରାଣିକ କିମ୍ବଦନ୍ତୀକୁ ନେଇ ନିର୍ମାଣାଧୀନ ହିନ୍ଦୁ ଦେବଦେବୀଙ୍କ ବିଶାଳକାୟ ପ୍ରତିମା। ଏଠାକୁ ଆସୁଥିବା ଯାତ୍ରୀମାନେ ଦେବତାଙ୍କ ଭବ୍ୟ ମୂର୍ତ୍ତି ନିର୍ମାଣର କାରିଗରି କୌଶଳ ଦେଖି ଅଭିଭୂତ ହୋଇପଡ଼ନ୍ତି। ସେଥିରୁ ଗୋଟିଏ ହେଉଛି 'ସମୁଦ୍ର ମନ୍ଥନ'। ଏହା ସର୍ବଦା ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷଣ କରେ। ଅମୃତ ପାଇବା ପାଇଁ ଦେବତା ଏବଂ ରାକ୍ଷସମାନେ ବାସୁକୀ ନାଗକୁ ରଶି ଭାବେ ବ୍ୟବହାର କରୁଥିବା ଦୃଶ୍ୟ ପ୍ରଦର୍ଶିତ ହେଉଛି। ବାସୁକୀର ମସ୍ତକରେ ଶ୍ରୀକୃଷ୍ଣଙ୍କ ଭବ୍ୟ ପ୍ରତିମା ରହିଛି।

ଥାଇଲାଣ୍ଡ ପୂର୍ବରୁ ହିନ୍ଦୁ ରାଷ୍ଟ୍ର ଥିଲା। ପରବର୍ତ୍ତୀ ସମୟରେ ଏଠାକାର ଅଧିବାସୀ ବୌଦ୍ଧ ଧର୍ମ ଗ୍ରହଣ କରି ନେଇଛନ୍ତି। ତଥାପି ଏଠାରେ ଏବେ ବି ହିନ୍ଦୁ ପରମ୍ପରା, ଚାଲିଚଳଣି, ସଂସ୍କୃତିର ଛାପ ଦେଖିବାକୁ ମିଳେ। ଥାଇଲାଣ୍ଡର ତତ୍କାଳୀନ ସମ୍ରାଟ ଭୂମିବୋଲ ଏହି ଏୟାରପୋର୍ଟର ନାମକରଣ କରିବା ସହିତ ଭଗବାନ ବିଷ୍ଣୁଙ୍କୁ ସମର୍ପିତ କରିଥିଲେ। ବିମାନ ବନ୍ଦରରେ ଭଗବାନ ବିଷ୍ଣୁଙ୍କ ବାହନ ଗରୁଡ଼ଙ୍କ ଏକ ବିଶାଳ ପ୍ରତିମା ରହିଛି। ଏଠାରେ ଉଭୟ ବୌଦ୍ଧ ଏବଂ ହିନ୍ଦୁ ଧର୍ମକୁ ପ୍ରୋତ୍ସାହିତ କରିବା ଲାଗି ଅନେକ ଝାଙ୍କି ରହିଛି।

ସେହିପରି ବାଲି ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ବାହାରେ ଭଗବାନ ବିଷ୍ଣୁଙ୍କ ବିଶାଳକାୟ ପ୍ରତିମା ଏକ କୋଠାରେ ସ୍ଥାପନ କରାଯାଇଛି। ସୂଚନାଯୋଗ୍ୟ, ମାଲେସିଆ, ଇଣ୍ଡୋନେସିଆ, ମାଳଦ୍ୱୀପ, କାମ୍ବୋଡ଼ିଆ, ଥାଇଲାଣ୍ଡ ଏକଦା ହିନ୍ଦୁ ରାଷ୍ଟ୍ର ଥିଲେ। ପରବର୍ତ୍ତୀ ସମୟରେ ଏହି ସ୍ଥାନ ବୌଦ୍ଧ, ଇସ୍‌ଲାମ ଧର୍ମ ନେଇଗଲା। ହେଲେ ଏବେ ବି ସମ୍ପୃକ୍ତ ଦେଶରେ ସନାତନ ଧର୍ମର ସଂସ୍କୃତି ନଜର ଆସେ।

## ମହଙ୍ଗା ବିରିୟାନୀ

**ଦୁବାଇ:** ଦୁବାଇର ଏକ ରେଷ୍ଟୁରାଣ୍ଟ ତା'ର ସ୍ପେଶାଲ ବିରିୟାନୀକୁ ପ୍ଲେଟ ପିଛା ୨୦ ହଜାର ଟଙ୍କାରେ ବିକିବାକୁ ଲକ୍ଷ୍ୟ ରଖିଛି। ଆଉ ଏହା ଦୁବାଇର ସବୁଠୁ ମହଙ୍ଗା ବିରିୟାନୀ ବୋଲି ଉକ୍ତ ରେଷ୍ଟୁରାଣ୍ଟ ପକ୍ଷରୁ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଦାବି କରାଯାଇଛି। ଏହି ବିରିୟାନୀକୁ ସୁନା ପାତ୍ରରେ ବଢ଼ାଯାଉଛି। ସାଫ୍ରୋନ ରଙ୍ଗର ଚାଉଳ ଉପରେ କବାବ, ଚିକେନ କବାବ, ମୁଗଲେଇ କୁପ୍ତା ମଲାଇ ଚିକେନ ରୋଷ୍ଟ ଆଦି ୨୩ କ୍ୟାରେଟ ସୁନା ଫଏଲରେ ବଢ଼ାଯାଉଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

(Registration Free) Govt. Approved
Indus Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଖେତରେ ସବୁ କମ୍ପାନୀର 3G/4G Digital ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ
ଆଡ୍‌ଭାନ୍ସ 90 ଲକ୍ଷ
ଭଡ଼ା: 60,000
+ ଅନ୍ୟାନ୍ୟ ସୁବିଧା
କାମ ଆମର, ବିଶ୍ୱାସ ଆପଣଙ୍କର
ଠକମାନଙ୍କ ପ୍ରତି ସାବଧାନ
09473850463
08278034293

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/-
ଟଙ୍କା ପାଆନ୍ତୁ +
ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
T&C
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା। କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ। କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଗୁରୁପ୍ରସାଦ ପଟ୍ଟନାୟକ
(ADVOCATE)
ଆବିର୍ଭାବ- ୨୭.୧୧.୧୯୪୨
ତିରୋଧାନ- ୧୫.୦୨.୨୦୨୧
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣଙ୍କ ଆଶିଷ ଏକାନ୍ତ କାମ୍ୟ।
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୦୫୩୯

ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ

ସୁକାନ୍ତି ସାଇଁ
ଆବିର୍ଭାବ - ୦୫.୦୨.୧୯୫୩, ତିରୋଧାନ - ୧୪.୦୨.୨୦୨୧
ଗ୍ରାମ-ପରିଆପାଟପୁର, ପୋ-କାକରୁଦ୍ରପୁର
ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ, ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପାଖରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ : ସ୍ୱାମୀ, ଦିଅର, ଯାଆ, ପୁତ୍ର, ବୋହୂ, ଜମାତା, କନ୍ୟା, ନାତି, ନାତୁଣୀ, ବନ୍ଧୁ, ପରିବାର ବର୍ଗ
ଧ-୫୧୯୮୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସୁବାସିନୀ ଶ୍ରୀଚନ୍ଦନ
ଆବିର୍ଭାବ: ୧୫.୦୮.୧୯୭୩
ତିରୋଧାନ: ୧୪.୦୨.୨୦୨୧
ମଝିସାହି, ବଡଗଡ ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ହତଭାଗ୍ୟ ପୁତ୍ର / ପୁତ୍ରୀ ସସ୍ମିତ ଶ୍ରୀଚନ୍ଦନ, ସୁଚୀସ୍ମିତା ଶ୍ରୀଚନ୍ଦନ, ଲକ୍ଷ୍ମୀଧର ଶ୍ରୀଚନ୍ଦନ (ଦେଢ଼ଶୁର), ବିଭୂତି ଭୂଷଣ ଶ୍ରୀଚନ୍ଦନ (ଦେଢ଼ଶୁର), ବାବାଜୀ ଶ୍ରୀଚନ୍ଦନ (ସ୍ୱାମୀ), ଅଶୋକ ଶ୍ରୀଚନ୍ଦନ (ପୁତୁରା), ଅବିନାଶ (ଜ୍ୱାଇଁ), ଅୟାନ୍, ଶିଆ, ଟିଆ (ନାତୁଣୀ), ଏସ୍‌ଆର୍ ଭ୍ୟାଲି, ଗଗନସାହା ମଣ୍ଡପ, ଲିଙ୍ଗିପୁର କମ୍ପ୍ଲେକ୍ସ, ଏକାମ୍ର ଡ୍ରଏଲର୍ ବନ୍ଧୁ ଓ ପରିବାରବର୍ଗ।
ଧ-୭୦୫୩୮





# ଜୈବିକ ପ୍ରଣାଳୀରେ ସାଇତା ଶସ୍ୟ ସଂରକ୍ଷଣ

ପ୍ରତ୍ୟୁଷ ପଣ୍ଡା

ଆମ ଦେଶରେ ଉତ୍ପନ୍ନ ହେଉଥିବା ଖାଦ୍ୟଶସ୍ୟର ୭୦ ପ୍ରତିଶତ ଚାଷୀମାନେ ନିଜର ବ୍ୟବହାର ପାଇଁ ସାଇତି ରଖନ୍ତି ଓ ମାତ୍ର ୩୦ ପ୍ରତିଶତ ବିକ୍ରି କରନ୍ତି। ଗୋଦାମ ଘରେ ଖାଦ୍ୟଶସ୍ୟ ସାଇତି ରଖିବା ପାଇଁ ବ୍ୟବହୃତ ବିଭିନ୍ନ କିସମର ଡୋଲି, ଓଳିଆ, ଅମାର ମଧ୍ୟରେ ସାଇତା ଖାଦ୍ୟ ଶସ୍ୟ କୀଟ, ମୂଷା, ଚଢ଼େଇ ଓ ଅଧିକ ଜଳୀୟ ଅଂଶ ଯୋଗୁ ଅନେକ ପରିମାଣରେ ନଷ୍ଟ ହୁଏ, ଗୋଦାମ ଘରେ ବାୟୁ ଚଳାଚଳ ଭଲ ନ ହେଲେ ଏବଂ ତ୍ରୁଟିପୂର୍ଣ୍ଣ ସାଇତା ବ୍ୟବସ୍ଥା ମଧ୍ୟରେ ଶସ୍ୟରେ ଅଧିକ ଜଳୀୟ ଅଂଶ ଯୋଗୁ ଫିମ୍ପି ମାରିଯାଏ, ଏହିପରି ଭାବରେ ସାଇତା ଶସ୍ୟର ପ୍ରାୟ ୧୦ ପ୍ରତିଶତ ନଷ୍ଟ ହୋଇଯାଏ ବା ଖାଦ୍ୟ ପାଇଁ ଅନୁପଯୁକ୍ତ ହୋଇଥାଏ। କେବଳ କୀଟମାନଙ୍କ ଯୋଗୁ ୦.୫ ପ୍ରତିଶତ ଶସ୍ୟ ସାଇତା ଅବସ୍ଥାରେ କ୍ଷତି ବା ନଷ୍ଟ ହୋଇଥାଏ। ଚାଷୀମାନେ ଯଦିଓ ବାଉଁଶ ନିର୍ମିତ ଡୋଲି, ନଡ଼ା ଦ୍ୱାରା ପ୍ରସ୍ତୁତ ଓଳିଆ, ଅଖା ଅଥବା ମାଟି କିମ୍ବା ଇଟାରୁ ତିଆରି ପାରମ୍ପରିକ ଶସ୍ୟାଧାରଗୁଡ଼ିକରେ ଶସ୍ୟ ସାଇତି ରଖିଥାନ୍ତି ଏବଂ ପୋକ ରୋଗ, କୀଟ ପତଙ୍ଗ ଓ ମୂଷା ଆଦିଙ୍କଠାରୁ ଶସ୍ୟକୁ ରକ୍ଷା କରିବା ପାଇଁ ରାସାୟନିକ କୀଟନାଶକ ପ୍ରୟୋଗ କରିଥାନ୍ତି ତଥାପି ସେମାନେ ଶସ୍ୟକୁ ପୂର୍ଣ୍ଣମାତ୍ରାରେ ରକ୍ଷା କରିପାରି ନ ଥାନ୍ତି ଓ ଅଯଥାରେ ଖର୍ଚ୍ଚାନ୍ତ ହୋଇଥାନ୍ତି। ଆହୁରି ମଧ୍ୟ ରାସାୟନିକ କୀଟନାଶକ ସାଇତା ଶସ୍ୟ ସହ ମିଶିଯାଉଥିବାରୁ ତାହା ଶସ୍ୟ ଭିତରେ କୁପ୍ରଭାବ ପକାଇଥାଏ। ପରବର୍ତ୍ତୀ ଅବସ୍ଥାରେ ମଣିଷ ଖାଦ୍ୟ ଭାବେ ବ୍ୟବହାର କଲେ ଆମର ଶରୀର ବା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥାଏ ଓ ଆମେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇଥାଉ। ଜୈବିକ ଉପାୟରେ ଶସ୍ୟ ସଂରକ୍ଷଣ ଦ୍ୱାରା ଅଯଥା ରାସାୟନିକ ବିଷର ପ୍ରୟୋଗକୁ ଏଡାଇ ଦିଆଯାଏ। ଫଳରେ ପରିବେଶ ବିଷାକ୍ତ ହେବାର ଆଶଙ୍କା ନ ଥାଏ ଓ ଏହି ଶସ୍ୟ ବ୍ୟବହାର ଦ୍ୱାରା ମଣିଷ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୌଣସି କୁପ୍ରଭାବ ପଡ଼ି ନ ଥାଏ।

**ଶସ୍ୟ ସାଇତା ପ୍ରଣାଳୀ**

ଶସ୍ୟକୁ ଖରାରେ ଭଲଭାବରେ ଶୁଖାଇ (୨-୩ ଥର) ଜଳୀୟ ଅଂଶକୁ ୧୦ ପ୍ରତିଶତରୁ କମାଇଲେ ନିରାପଦ ଭାବରେ ଏହାକୁ ସାଇତି ରଖିହୁଏ।

– ଶସ୍ୟ ଦାନା ଓ ଡାଲି ଜାତୀୟ ଖାଦ୍ୟ ଶସ୍ୟକୁ ପାଉଁଶ, ନାଲିମାଟି, ବାଲି ବା ଖଳିମାଟି ମିଶାଇଲେ ଦାନାକୁ ସୁରକ୍ଷା ଯୋଗାଇଥାଏ। ଏହି ଜଡ଼ବସ୍ତୁ କୀଟମାନଙ୍କର ଉପଚର୍ମକୁ ସେମାନେ ଶସ୍ୟ ଉପରେ ଗତି କରୁଥିବା ସମୟରେ ବିଦାରିବା ଯୋଗୁ କୀଟ ଶରୀରରୁ ଜଳୀୟ ଅଂଶ ଶୋଷଣ କରେ ଓ କୀଟ ଶରୀର ଶୁଷ୍କ ହୋଇ ମୃତ୍ୟୁବରଣ କରେ। ଏ ପ୍ରକାର ସାଇତା ଶସ୍ୟକୁ ଖାଇବା ପୂର୍ବରୁ ଭଲ ଭାବରେ ସଫା କରିବା ଆବଶ୍ୟକ।

– ଡାଲି ଜାତୀୟ ଶସ୍ୟକୁ ସାଇତି ରଖିବା ପୂର୍ବରୁ ନଡ଼ିଆ ତେଲ, ବାଦାମ ତେଲ କିମ୍ବା ସୋରିଷ ତେଲ ୧ କୁଇଣ୍ଟାଲ, ଶସ୍ୟଦାନା ପାଇଁ ୧ କେଜି ହିସାବରେ ମିଶାଇ ଭଲ ଭାବେ ଗୋଳାଇ ରଖିଲେ ସେଥିରେ ଡାଲି ପୋକ ଅତି କମ୍‌ରେ ୬ ମାସ ପାଇଁ କ୍ଷତି କରି ନ ଥାନ୍ତି। ନିମ୍ବ ମଞ୍ଜିକୁ ଗୁଣ୍ଡକରି ଚାଉଳ ସହିତ ମିଶାଇ ରଖିଲେ (୧ କି.ଗ୍ରା. ମଞ୍ଜି, ୧ କି.ଗ୍ରା. ଚାଉଳ ସହିତ) ସେଥିରେ ଘୁଣିପୋକ, ଶସ୍ୟବିନ୍ଧା ପୋକ ଓ ଚାଉଳ ପୋକ ଲାଗିବାର ସମ୍ଭାବନା କମ୍ ଥାଏ ଓ ଶସ୍ୟ କମ୍ କ୍ଷତି ହୋଇଥାଏ, ନିମ୍ବ, ବେଗୁନିଆ, ନାଗୋରି ଇତ୍ୟାଦି ପତ୍ରକୁ ୨.୪ କେଜି ଶୁଖାଇ, ଗୁଣ୍ଡ କରି ୧ କୁଇଣ୍ଟାଲ ଶସ୍ୟ ସହିତ ମିଶାଇ ରଖିଲେ ସମସ୍ତ କୀଟ ଓ ଅଷ୍ଟପଦୀମାନଙ୍କଠାରୁ ଶସ୍ୟ ସୁରକ୍ଷିତ ରଖାଯାଇଥାଏ। ବିଭିନ୍ନ ପ୍ରକାର ମସଲା ଜାତୀୟ ତେଲ ଯଥା ପିପ୍ପଳି, ହଳଦୀ ଓ ମିଣ୍ଟାତେଲକୁ ଶସ୍ୟ ସହିତ ମିଶାଇ ରଖିଲେ ଶସ୍ୟକୁ ଅଷ୍ଟପଦୀ ଜୀବମାନେ କ୍ଷତି କରି ନ ଥାନ୍ତି। ତୁଳସୀ ପତ୍ର ଓ ମହୁଆକୁ ଶୁଖେଇ ଗୁଣ୍ଡକରି ଶସ୍ୟ ସହିତ ମିଶାଇ ରଖିଲେ ଶସ୍ୟ ଅଧିକ ଦିନ ଧରି ପୋକମାନଙ୍କ ଦାଉରୁ ରକ୍ଷା ପାଇଥାଏ।

**ଯାନ୍ତ୍ରିକ ପ୍ରଣାଳୀ**

ଶସ୍ୟ ଦାନାକୁ ଚାଲୁଣିରେ ଚଲାଇଲେ ଏଥିରୁ ମଇଳା ଓ ଆବର୍ଜନା ଏବଂ କୀଟଦ୍ୱାରା ଆକ୍ରାନ୍ତ ବା ରୋଗାକ୍ରାନ୍ତ କଣିଆଦା ବାହାରିଥାଏ। ଏହା ଶସ୍ୟ ଆକ୍ରାନ୍ତ ସଂରକ୍ଷଣ କୋଠରିଠାରୁ ଦୂରରେ କରିବା ଦରକାର। ମଇଳା, ଆବର୍ଜନାକୁ ତତ୍‌କ୍ଷଣାତ୍ ନଷ୍ଟ କରିବା ଉଚିତ।

**ପ୍ରୋବ ଯନ୍ତ୍ରୀ**

ଏହାକୁ ଶସ୍ୟଦାନା ମଧ୍ୟରେ ପୂରାଇ ଦୁଇ ସପ୍ତାହ ପର୍ଯ୍ୟନ୍ତ ରଖିଲେ ଘୁଣିପୋକ, ଉମାପୋକ, ନାଲିଅଟା ପୋକ ଓ କରନ ଦାନ୍ତିଆ ପୋକ ଏହି ଯନ୍ତା ମଧ୍ୟକୁ ପ୍ରବେଶ କରିଥାଏ ଓ ବାହାରକୁ ଯାଇ ପାରନ୍ତି ନାହିଁ। ପରେ ଏହି ପୋକମାନଙ୍କୁ ମାରିଦିଆଯାଏ ଓ ଶସ୍ୟ ଏହି ପୋକମାନଙ୍କ ଦ୍ୱାରା କମ୍ ନଷ୍ଟ ହୋଇଥାଏ।

ଏହାବ୍ୟତୀତ ସାଇତା ଶସ୍ୟର ଲାଗୁଥିବା କୀଟମାନଙ୍କୁ ଆଲୋକ ଯନ୍ତା ମାଧ୍ୟମରେ ମଧ୍ୟ କିଛି ପରିମାଣରେ ଦମନ କରାଯାଇଥାଏ, ସବୁଜ ଆଲୋକକୁ ଯନ୍ତା ମଧ୍ୟରେ ବ୍ୟବହାର କଲେ ଉମାପୋକ, ଚାଉଳ ଆଲୋକକୁ ଯନ୍ତା ମଧ୍ୟରେ ବ୍ୟବହାର କଲେ ଉମାପୋକ, ଚାଉଳ ପୋକ ଓ ପ୍ରଜାପତି ଜାତୀୟ ପୋକ ସବୁଜ ଆଲୋକ ଆଡକୁ ଆକୃଷ୍ଟ ହୋଇଥାନ୍ତି। ସେହିପରି ଅତି ବାଇଗଣୀ ରଶ୍ମି ଆଲୋକ ଯନ୍ତାକୁ ବ୍ୟବହାର କରି ଶସ୍ୟ ବିନ୍ଧା ପୋକ ନାଲି ଅଟାପୋକ ଇତ୍ୟାଦି ସାଇତା ଶସ୍ୟର କୀଟଙ୍କୁ ଦମନ କରାଯାଇପାରେ।

–ତୃତୀୟ ବର୍ଷ କୃଷି ଛାତ୍ର
୧୯୮, ସେକ୍ଟର–୫, ନୀଳାଦ୍ରି ବିହାର
ଭୁବନେଶ୍ୱର, ମୋ: ୭୮୭୩୮୨୭୮୩୦

### ଶସ୍ୟ ସାଇତି ରଖିବା ପୂର୍ବରୁ...

ଶସ୍ୟକୁ ସାଇତି ରଖିବା ପୂର୍ବରୁ ଦାନାକୁ ଖରାରେ ଭଲଭାବରେ ଶୁଖାଇ ପରିଷ୍କାର କରି ରଖିଲେ କୀଟ ଆକ୍ରମଣ ଆଶଙ୍କା କମ୍ ରହିଥାଏ।

➔ଦାନା ଅପମିଶ୍ରିତ ପଦାର୍ଥ, ଆବର୍ଜନା ଓ କୀଟର ମଳ ଇତ୍ୟାଦି ପଦାର୍ଥରୁ ମୁକ୍ତ ରହିବା ଜରୁରୀ।

➔ଗୋଦାମ ଘରର କାନ୍ଥ, ଚଟାଣ ଓ ଭିତର ଛାତରେ ଥିବା ଫାଟ, ଗହ୍ୱର ଓ ଗର୍ତ୍ତକୁ କାଦୁଅ ବା ସିମେଣ୍ଟ ଦ୍ୱାରା ବନ୍ଦ କରିବା ଆବଶ୍ୟକ।

➔ଗୋଦାମ ଘରୁ ସମସ୍ତ ଅଳିଆ ଆବର୍ଜନା ବାହାର କରି ନଷ୍ଟ କରିବା ଆବଶ୍ୟକ ଓ ମୂଷାଗତ ସିମେଣ୍ଟ ଦେଇ ବନ୍ଦ କରିବା ଦରକାର।

➔ଶସ୍ୟ ଦାନାକୁ ମୂଷା ନିରୋଧକ ଓ ଜଳୀୟ ଅଂଶ ନିରୋଧକ ପାତ୍ର ବା ଡୋଲିରେ ରଖିବା ଆବଶ୍ୟକ।

➔ବାୟୁ ଆବଦ୍ଧ ସାଇତା ଅର୍ଥାତ୍ ଖାଦ୍ୟଶସ୍ୟକୁ ନିବୁଜ ବା ପବନ ନିଷିଦ୍ଧ କୋଠରି, ବସ୍ତା ବା ଡୋଲିରେ ରଖିଲେ ବାୟୁ ବିନା (ବା) ଅତ୍ୟଧିକ ଅଙ୍ଗାକାମ୍ଳ ଗ୍ୟାସ୍ ଅମ୍ଳଜାନ ଅଭାବ ଯୋଗୁ କୀଟମାନେ ବଞ୍ଚିପାରନ୍ତି ନାହିଁ।



# ଏବେ ବୁଣନ୍ତୁ ରାଶି



ଯଥାଶୀଘ୍ର ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ଲାଗି ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ (୮କି.ଗ୍ରା.), ପଟାସ(୮କି.ଗ୍ରା.) ଓ ସଲଫର (୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି, ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।



# ଇଞ୍ଜିନିୟରଙ୍କୁ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଛି ମାଛ ଚାଷ

କରୋନା ମହାମାରୀ ସମୟରେ ରୋଜଗାର ହରାଇ ବସିଥିଲେ ଅନେକ ଶିକ୍ଷିତ ଯୁବତୀ ଯୁବକ। ମାତ୍ର ଏହି ସମୟରେ ନିଜେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେହି ଚିନ୍ତା କଲେ ସେ। ଶେଷରେ ମାଛ ଯାଆଁଳ ଚାଷ ଦ୍ୱାରା ରୋଜଗାରକ୍ଷମ ହେବାକୁ ସେ ନିଷ୍ପତ୍ତି ନେଲେ। ମାତ୍ର ମାସ କେଇଟା ମଧ୍ୟରେ ସେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କୁ ରୋଜଗାରର ବାଟ ଦେଖାଇବାରେ ସକ୍ଷମ ହୋଇଛନ୍ତି। ଆଉ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସେ ହେଲେ ଯୁବ ଇଞ୍ଜିନିୟର ଅଶ୍ୱିନୀ ମହାନ୍ତ (ମୋ: ୭୦୦୮୨୫୧୯୬୯)। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଉମାଦେଇପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମରେ ତାଙ୍କର ଜନ୍ମ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପାଠପଢ଼ା ସାରି ବିଭିନ୍ନ ବେସରକାରୀ ସଂସ୍ଥାରେ କିଛି ବର୍ଷ ଚାକିରି କରିବା ପରେ ନିଜେ ଆତ୍ମନିର୍ଭରଶୀଳ ହେବାପାଇଁ ମନ ବଳାଇଥିଲେ। ଏ ସମ୍ପର୍କରେ ଅଶ୍ୱିନୀ କହନ୍ତି, ''ମୋ ମା' ବାସନ୍ତୀ ମହାନ୍ତ, ବାପା ଅନନ୍ତ ପ୍ରସାଦ ମହାନ୍ତ ଏବଂ ପୀଉସା କୃଷ୍ଣଚନ୍ଦ୍ର ମହାନ୍ତ ମୋତେ ମାଛ ଯାଆଁଳ ଚାଷ ପାଇଁ ଉତ୍ସାହିତ କରିଥିଲେ। ପ୍ରଥମେ ବୈଶିଙ୍ଗାସ୍ଥିତ କେନ୍ଦ୍ର ସରକାରଙ୍କ ସ୍କିଲ୍ ଇଣ୍ଡିଆ ପ୍ରୋଜେକ୍ଟର କୈଳାଶ ଫିସରିଜରୁ ୪୫ ଦିନିଆ ତାଲିମ ନେଇଥିଲି। ତା' ପରେ କୋଲକାତାର ବାରାକପୁରସ୍ଥିତ ସେଣ୍ଟ୍ରାଲ ଇନଲେଣ୍ଡ ଫିସରିଜ ରିସର୍ଚ୍ଚରୁ ୭ ଦିନିଆ ଟ୍ରେନିଂ ନେଲି। ଯୋଜନା ଅନୁସାରେ କେନ୍ଦୁମୁଣ୍ଡିଠାରେ ୧୦ ଏକର ବିଶିଷ୍ଟ ଜାଗାକୁ ଲିଜ୍ ସୂତ୍ରରେ ନେଲି। ସେଠାରେ ୨୦୨୦ ଜୁନ ମାସରେ 'ଅବନୀ ଫିସରିଜ' ନାମରେ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କଲି।'' ବର୍ତ୍ତମାନ ଆଧୁନିକ ପ୍ରଣାଳୀରେ ୫ଟି ପୋଖରୀରେ ରୋହୀ, ଭାକୁର, ମିରିକାଳି, ଗ୍ଲାସକାର୍ପ ଆଦି ବିଭିନ୍ନ ମାଛ ଯାଆଁଳ ଉତ୍ପାଦନ କରୁଛନ୍ତି ସେ। ସାରସକଣା, ବାଙ୍ଗିରିପୋଷି, କୁଳିଅଣା, ବାରିପଦା, ଠାକୁରମୁଣ୍ଡା, ରାଇରଙ୍ଗପୁର, ଝାଡ଼ଖଣ୍ଡର ମୂଷାବଣି ଆଦି ବିଭିନ୍ନ ଅଞ୍ଚଳର ମତ୍ସ୍ୟଚାଷୀ ତାଙ୍କ ନିକଟରୁ ମାଛ ଯାଆଁଳ ନେଉଛନ୍ତି। ''ଇତିମଧ୍ୟରେ ଏହି ଚାଷରୁ ମୁଁ ପାଖାପାଖି ୫ଲକ୍ଷ ଟଙ୍କା ରୋଜଗାର କରିଛି ଏବଂ ତା' ସହିତ ୩ ଜଣ ଯୁବକ ଏଠାରେ କାର୍ଯ୍ୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ଆଧୁନିକ ପ୍ରଣାଳୀର ଚାଷ ଅନୁଯାୟୀ ଏକ ଏକର ବିଶିଷ୍ଟ ପୋଖରୀରେ ୪ରୁ ୫ହଜାର ଯାଆଁଳ ଛାଡ଼ି ବର୍ଷକୁ ଦୁଇଥର ୩–୪ ଟନ୍ ମାଛ ଉତ୍ପାଦନ କରି ଲାଭବାନ ହୋଇପାରିବେ। ଯୁବଗୋଷ୍ଠୀମାନଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରାଇବା ସହିତ ଉତ୍ତମ ଧରଣର ଯାଆଁଳ ଉତ୍ପାଦନ କରି ପ୍ରତ୍ୟେକ ଚାଷୀଙ୍କୁ ଯୋଗାଇବା ଲାଗି ଲକ୍ଷ୍ୟ ରଖିଛି। ପରିଶ୍ରମ, ନିଷ୍ଠା ଆନ୍ତରିକତା ସହ ପରିଶ୍ରମକୁ ଆପଣେଇ ପାରିଲେ ଜଣେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ। ଅବଶ୍ୟ ଏଦିଗରେ ସରକାରୀ ସହଯୋଗର ଆବଶ୍ୟକତା ରହିଛି ବୋଲି କହନ୍ତି ଅଶ୍ୱିନୀ।''



ଅଶ୍ୱିନୀ ମହାନ୍ତ

–ସ୍ମୃତି ଶୋଭନ ପାଲ୍



# ପନିପରିବାରେ ରୋଗ ପୋକ ଦମନ



ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍ (୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ।

# କଦଳୀ ଗଛରେ ଜଉ ପୋକ ଲାଗିଲେ...



କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ। କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡି ପୋଡିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ।

# ନଳିତା ବୁଣିବା ପୂର୍ବରୁ



ନଳିତା ମାର୍ଚ୍ଚରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ପ୍ରଥମେ ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ, ୧୨କି.ଗ୍ରା. ଫସଫରସ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସଫରସ ଓ ୮କି.ଗ୍ରା. ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।

# ଚାଷୀଙ୍କ ପାଇଁ...

## ମାଣ୍ଡିଆରେ ସାର ପ୍ରୟୋଗ

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩–୪ ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।





## ଆଳୁ ଅମଳ ସମୟରେ...

ଆଗରୁ ଲଗାଯାଇଥିବା ବିଳମ୍ବ କିସମର ଆଳୁ ଅମଳ କରନ୍ତୁ। ଆଳୁ ଅମଳ ପରେ ଆଳୁ ବିହନ ପାଇଁ ପଚା, କଟା ଆଳୁସବୁ ବାଛି ଭଲ ଆଳୁ ରଖନ୍ତୁ। ସେଥିରୁ ୨୫–୩୦ ଗ୍ରାମ୍ ଓଜନର ଆଳୁ ସବୁ ବାଛି ପାଣିରେ ଧୋଇଦିଅନ୍ତୁ। ପରେ ପ୍ରତି ଲିଟର ପାଣିରେ ୩୦ ଗ୍ରାମ୍ ବୋରିକ୍ ଅମ୍ଳ ମିଶାଇ ବିହନ ଆଳୁଗୁଡ଼ିକୁ ୩୦ ମିନିଟ୍ ପାଇଁ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ ଏବଂ ଅଖା ବସ୍ତାରେ ଭର୍ତ୍ତି କରି ଶୀତଳ ଭଣ୍ଡାରରେ ୪ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖନ୍ତୁ।

## ଚିନାବାଦାମରେ ଫୁଲ ଆସୁଥିଲେ...

ଚିନାବାଦାମ ଫସଲରେ ଫୁଲ ଆସିବା ସମୟରେ କୋଡାଖୁସା କରନ୍ତୁ ନାହିଁ। ଏହି ଫସଲରେ ପତ୍ରକଣା ଓ ପତ୍ରଖିଆ ପୋକ ଲାଗିବାର ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ ମିଶାଇ ସିଞ୍ଚନ କରନ୍ତୁ। ପ୍ରତି ଲିଟର ପାଣିରେ ୨ମିଲି ହିସାବରେ ମନୋକ୍ରୋଟଫସ କିମ୍ବା କ୍ଲୋରୋ ପାଇରିଫସ ମିଶାଇ ସିଞ୍ଚନ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଫେବୃୟାରୀ ୨୪/୨୦୨୧ Sambalpur, Wednesday, February 24/ 2021

# ଭୁବନେଶ୍ୱର 'ଏ' ଚାମ୍ପିୟନ



ଚାମ୍ପିୟନ ଭୁବନେଶ୍ୱର 'ଏ' ଦଳର ଖେଳାଳିମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱର 'ଏ' ଚାମ୍ପିୟନ ହୋଇଛି। ମଙ୍ଗଳବାର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱର 'ଏ' ଦଳ ୬ ଉଇକେଟରେ କଟକ 'ଏ'କୁ ପରାସ୍ତ କରିଛି। କଟକ ଦଳ ପକ୍ଷରୁ ଧାର୍ଯ୍ୟ ୧୫୨ ରନର ବିଜୟ ଲକ୍ଷ୍ୟକୁ ଭୁବନେଶ୍ୱର ୩୮.୩ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା।

ଲିଗ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବା କଟକ 'ଏ' ଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ ହେଁ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ୪୭ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଶଶାଙ୍କ ରୁଙ୍ଗଟା ସର୍ବାଧିକ ୪୭ ରନ କରିଥିଲେ। ଭୁବନେଶ୍ୱର ଦଳର ବୋଲରଙ୍କ ମଧ୍ୟରେ ଆଶୁତୋଷ ନାୟକ, ସମ୍ବିତ ବରାଳ ଓ ଅଂଶୁମାନ ବେଜ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଶୁଭମ୍ ଶ୍ରୀଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ବିଜୟ ହାସଲ ପାଇଁ ଭୁବନେଶ୍ୱର 'ଏ' କୁ ବିଶେଷ କଷ୍ଟ କରିବାକୁ ପଡ଼ି ନ ଥିଲା। ଦଳ ମାତ୍ର ୧୭ ରନରେ ପ୍ରଥମ ଉଇକେଟ ହରାଇଥିଲେ ହେଁ ୩୮.୩ ଓଭରରେ ୪ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ନେଇଥିଲା। ଏମ୍.ଜି. ଗୋପାଳ ସର୍ବାଧିକ ୪୪ ରନ କରିଥିଲେ। ଓପନର ତନୟ ବିଶ୍ୱାଳ ୨୭ ରନ କରି ଆଉଟ ହୋଇଥିବାବେଳେ ଶେଷରେ ସାଇ ଶୁଭମ୍ ୩୧ ଓ ସମ୍ବିତ ଦ୍ରୁତ ୨୮(୧୩ ବଲ, ୩ ଚୌକା, ୨ ଛକା) ରନ କରି ଅପରାଜିତ ରହିଥିଲେ। ପରାଜିତ ଦଳର ସାଇଦୀପ ମହାପାତ୍ର ଓ ଭକ୍ତିସାଗର ନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରୀତିରଞ୍ଜନ ବିଜୟ ସିଂ ଓ ସମ୍ବିତ ପଟ୍ଟନାୟକ ଫିଲ୍ଡ ଅମ୍ପାୟର ଏବଂ ଦୁର୍ଗାଦତ୍ତ ଦାସ ତୃତୀୟ ଅମ୍ପାୟର ଥିଲେ। ବିଶ୍ୱରଞ୍ଜନ ଦାସ ଓ ବିବେକାନନ୍ଦ ରାଉତ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ବିତ ବରାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ୍ରିମ୍ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଏବଂ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସିଇଓ ସୁବ୍ରତ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ**

# ଫାଇନାଲରେ କଟକ ୟୁନିୟନ ସ୍ପୋର୍ଟିଂ

**ରସୁଲପୁର, ୨୩।୨(ଡି.ଏନ.ଏ.)**

ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ ଖେଳ ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୩୮ତମ ସତ୍ୟସାଇ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଇଲେଭେନ ଷ୍ଟାର ଯାଜପୁର ଓ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ ଦଳ ୬ ଉଇକେଟରେ ଇଲେଭନ ଷ୍ଟାରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଇଲେଭେନ ଷ୍ଟାର ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୨ ଓଭର ଖେଳି ୬ ଉଇକେଟ ହରାଇ ୧୩୮ରନ କରିଥିଲା। ଦଳ ପକ୍ଷରୁ ସୌରାଜ ଚୌଧୁରୀ ୪୪ ଓ ଏସ୍‌କେ ସହିବୁଦ୍ଦିନ ୨୬ରନ ସଂଗ୍ରହ କରିଥିଲେ। ୟୁନିୟନ ସ୍ପୋର୍ଟିଂ ପକ୍ଷରୁ ଆୟୁଷ ବେହେରା ୩ ଓ ଅନୁରାଗ କନୋଜିଆ ୨ ଉଇକେଟ ନେଇଥିଲେ। ଇଲେଭେନ ଷ୍ଟାର ୧୩୯ରନ ବିଜୟ ଲକ୍ଷ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଖେଳ ଶେଷ ହେବାକୁ ୯ଟି ବଲ ବାକି ଥିବା ବେଳେ ଦଳ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳପକ୍ଷରୁ ଭେଙ୍କଟେଶ୍ ୬୨ ଓ ଲିଳାଧର ପ୍ରଧାନ ୨୬ରନ କରିଥିଲେ। ବିପକ୍ଷ ଦଳ ପକ୍ଷରୁ ସୌରାଜ ଚୌଧୁରୀ ୨ ଉଇକେଟ ନେଇଥିଲେ। ୟୁନିୟନ ସ୍ପୋର୍ଟିଂର ଖେଳାଳି ଭେଙ୍କଟେଶ୍‌କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଶରତ ଚନ୍ଦ୍ର ଜେନା, ଜ୍ୟୋତିରଞ୍ଜନ ମଲିକ, ମଣ୍ଟୁ ଦାସ, ସରୋଜ ପଟ୍ଟାନୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସନ୍ତୋଷ ଜେନା, ଅରୁଣ ପତି, ପ୍ରଭଞ୍ଜନ ଜେନା ଓ ଅରୁପ ସାହୁ ପ୍ରମୁଖ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଜାତୀୟ ଲେଗ୍ କ୍ରିକେଟ: ଓଡ଼ିଶାକୁ ଟାଇଟଲ



ଟାଇଟଲ ବିଜୟୀ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ମଥୁରାରେ ମଙ୍ଗଳବାର ଉଦ୍‌ଯାପିତ ୯ମ ଜାତୀୟ ଲେଗ୍ କ୍ରିକେଟରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଛି। ଚନ୍ଦନ ରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଫାଇନାଲରେ ଦିଲ୍ଲୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୮ ଓଭରରେ ୧୬୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୯ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଗ୍ରୁପ ପର୍ଯ୍ୟାୟରେ ଉତ୍ତର ପ୍ରଦେଶ-ବି ଓ ତେଲେଙ୍ଗାନାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଉତ୍ତର ପ୍ରଦେଶ-ଏକୁ ୫୮ ରନରେ ହରାଇ ଦଳ ଫାଇନାଲରେ ପ୍ରବେଶ କରିଥିଲା। ବର୍ତ୍ତମାନ ଭାରତୀୟ ଲେଗ୍ କ୍ରିକେଟ ଦଳର ମଧ୍ୟ ଅଧିନାୟକ ଥିବା ଚନ୍ଦନଙ୍କ ନେତୃତ୍ୱରେ ଓଡ଼ିଶା ଦ୍ୱିତୀୟଥରପାଇଁ ଜାତୀୟ ପ୍ରତିଯୋଗିତା ଜିତିଛି। ଓଡ଼ିଶା ଲେଗ୍ କ୍ରିକେଟ ଆସୋସିଏଶନ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଚାମ୍ପିୟନ ରାଜ୍ୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଭୁବନେଶ୍ୱର-ସେଲ୍ ଫାଇନାଲ

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ଦୁଇ ଦଳ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଓ ରାଉରକେଲାର ସେଲ୍ ଛତିଶଗଡ଼ର ବିଳାସପୁରଠାରେ ଚାଲିଥିବା ୪ର୍ଥ ନବଭାରତ ଟ୍ରଫି ସର୍ବଭାରତୀୟ ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସେଲ୍ ୨-୧ ଗୋଲରେ ସେଣ୍ଟ୍ରାଲ ସେକ୍ରେଟାରିଏଟକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ତରୁଣ ଯାଦବ ଓ କେରୋବିନ ଲାକ୍ରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିପକ୍ଷ ଦଳର ସରିକ୍ ମହମ୍ମଦ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ଦଳ ୩-୨ ଗୋଲରେ ଆଇଟିଏମ୍ ଅହମ୍ମଦାବାଦକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସୁଶୀଲ ଧନୱାର, ଭିକ୍ଟର ଷ୍ଟାନ୍‌ଲି ମିଞ୍ଜ୍ ଓ ପ୍ରଦୀପ ଲାକ୍ରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆଇଟିଏମ୍‌ର ସୂରଜ ଶାହି ଓ ପବନ ଯାଦବ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶାର ନିଶାନଜ୍ୟୋତି ମହାନ୍ତି ଓ ରାଜିନ ଏକ୍କା ଅଫିସିଆଲ ଦାୟିତ୍ୱ ନିର୍ବାହ କରିଥିଲେ।

# ଏଲ୍‌ଏଲ୍‌ସିସି କ୍ରିକେଟ୍: ଜୁଭେନାଇଲର ବୃହତ୍ ବିଜୟ

**ଭୁବନେଶ୍ୱର, ୨୩।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଲାଇଭ୍ ଲିଜେଣ୍ଡ କ୍ରିକେଟ୍ କ୍ଲବ୍ (ଏଲଏଲସିସି) ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଅଲ୍ ଓଡ଼ିଶା ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ କଟକର ଜୁଭେନାଇଲ ୧୬୭ ରନରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜୁଭେନାଇଲ ୩୦ ଓଭରରେ ୭ ଉଇକେଟ ହରାଇ ୨୪୮ ରନ କରିଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ରଥ ୮୦ ଓ ସିଦ୍ଧାନ୍ତ ଗୁପ୍ତା ୫୮ ରନ କରିଥିଲେ। ବିପକ୍ଷ ଦଳର ଅମନଦୀପ ଦେ ଓ ରାଜେଶ ମହାକୁଡ଼ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାପରେ ରାଇଜିଂ ଷ୍ଟୁଡେଣ୍ଟ ୩୦ ଓଭରରେ ୮ ଉଇକେଟ ହରାଇ ୮୧ ରନ କରିବାକୁ ସକ୍ଷଢ଼ ହୋଇଥିଲା। ବିଶ୍ୱଜିତ ଦାସ ସର୍ବାଧିକ ୩୨ ରନ କରିଥିବାବେଳେ ବିଜୟୀ ଦଳର ଅସ୍ତିକ ମହାନ୍ତି ୨ଟି ଉଇକେଟ ପାଇଥିଲେ। ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀଙ୍କଠାରୁ ପ୍ରତ୍ୟୁଷ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

# ହରିଶ୍ଚନ୍ଦ୍ର କ୍ରିକେଟ:ଢେଙ୍କାନାଳ ବିଜୟୀ


ସୁନୀଲ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ବାଙ୍କୀ,୨୩।୨ (ବି.ପ୍ର./ସ୍ୱ.ପ୍ର.)**

ବାଙ୍କୀ ପଥୁରୀପଡ଼ାଠାରେ ଅନୁଷ୍ଠିତ ହରିଶ୍ଚନ୍ଦ୍ର ମିଶ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଢେଙ୍କାନାଳ କ୍ରିକେଟ କ୍ଲବ ଓ କଳିଙ୍ଗ କ୍ଲବ ଖୋର୍ଦ୍ଧା ପରସ୍ପରକୁ ଭେଟିଥିଲେ। ଏଥିରେ ଢେଙ୍କାନାଳ ବିଜୟୀ ହୋଇଛି। ଟସ୍ ଜିତି ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ୍ ହରାଇ ୨୫୦ ରନ ସଂଗ୍ରହ କରିଥିଲା। ଜବାବରେ କଳିଙ୍ଗ କ୍ଲବ ଖୋର୍ଦ୍ଧା ୧୩.୫ ଓଭରରେ ସମସ୍ତ ଉଇକେଟ ହରାଇ କେବଳ ୧୨୨ରନ କରିବାକୁ ସକ୍ଷମ ହୋଇଥିଲା। ଢେଙ୍କନାଳର ସୁନିଲ ସାହୁ ୭୦ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମହାବେରଣା କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ କ୍ରୀଡା ପରିଚାଳକ ସୁଧୀର ରଞ୍ଜନ ପଣ୍ଡା ଓ କବିନ୍ଦ୍ର ନାୟକ ଯୋଗଦେଇ ସୁନିଲଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚ ପରିଚାଳନାରେ ବିଦ୍ୟାଧର ବେହେରା ଓ ସୌମ୍ୟରଞ୍ଜନ ତ୍ରିପାଠୀ, ବାମନ ମହାପାତ୍ର ଓ ହରିଶ୍ଚନ୍ଦ୍ର ତ୍ରିପାଠୀ ସହଯୋଗ କରିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୪ ଫେବୃୟାରୀ, ୨୦୨୧

**୪ଦଫା ଦାବିରେ ଆନ୍ଦୋଳନ ଚେତାବନୀ**

**ବରଗଡ଼ ଅଫିସ୍:** ବରଗଡ଼ରେ ରହିଥିବା ଦିବ୍ୟାଙ୍ଗଙ୍କ ଅନୁଷ୍ଠାନ ପ୍ୟାରେଣ୍ଟସ ଆସୋସିଏଶନ ୪ଦଫା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ମାର୍ଚ୍ଚ ୮ ତାରିଖରେ ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ପ୍ୟାରେଣ୍ଟସ ଆସୋସିଏଶନ ରାସ୍ତାରୋକୋ କରିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି। ଆସୋସିଏଶନର ସମ୍ପାଦକ ସାନନ୍ଦ ନାଗ, ମହେନ୍ଦ୍ର ଦାଶ, ଅଶୋକ ଭୋଇ, ଅବିନାଶ ବାରିକ, ସୁଦାମ ରଣା, ହିମାଂଶୁ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ରାସ୍ତା ଉପରେ ଘର, ଉଚ୍ଛେଦ ଦାବି

**ବରଗଡ଼ ଅଫିସ୍,୨୩।୨:** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ କୁଦୋପାଲି ପୂର୍ତ୍ତ ବିଭାଗ ରାସ୍ତାରୁ ଗୁନିଆଁପାଲି ଧୋବାଟିକ୍ରାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମଝିରେ ୨ଜଣ ବ୍ୟକ୍ତି ବେଆଇନ ଭାବେ ଘର ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଥିବାରୁ ଗୁନିଆଁପାଲି ଗ୍ରାମବାସୀ ଉକ୍ତ ବେଆଇନ ଘର ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଏହି ଦାବି ନେଇ ପୂର୍ବରୁ ଗ୍ରାମବାସୀ ପୂର୍ବରୁ ଆନ୍ଦୋଳନ କରିଥିଲେ। ସେତେବେଳେ ତହସିଲଦାର ଉଚ୍ଛେଦ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ଏଭଳି ଅଭିଯୋଗ ନେଇ ଗୁନିଆପାଲି ଗ୍ରାମବାସୀ ସୋମବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଥପା, ମେଘରାଜ ଖମାରୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଜାମଟିକ୍ରା, ୨୩।୨ (ଡି.ଏନ.ଏ):** ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା-ପଲସାପାଲି ରାସ୍ତା ମଝିରେ ଥିବା ନୁନେଇଆଇ ଦେବୀ, ଗ୍ରାମପତି ଦେବୀ, ହିର୍ଲିପଲିଏନ ଦେବୀ ଓ ବାରଭାୟାନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଗୁରୁବାର ଏହି କାର୍ଯ୍ୟକ୍ରମ ଶେଷ ହେବ। କୁଲୁଣ୍ଡା ବାଞ୍ଜିପାଲି ଓ ପଲସାପାଲି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ଉତ୍ସବ ହେଉଛି। ଉତ୍ସବରେ ପ୍ରମୋଦ ରଥ, ବିଭୁଦତ୍ତ ପଧାନ, ସୁରୁ ପଧାନ, ବୁଧୁରାମ ଭୋଇ, ବନବିହାରୀ ପ୍ରଧାନ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ପ୍ରତି ସନ୍ଧ୍ୟାରେ କୀର୍ତ୍ତନ, କୃଷ୍ଣଗୁରୁ ସହ ରାତିରେ ଧନୁଯାତ୍ରା ମଞ୍ଚସ୍ଥ ହେଉଛି।

### ହତ୍ୟାକାଣ୍ଡର ଟେର୍ ପାଉନି ପୋଲିସ

**ଅତାବିରା, ୨୩।୨ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ଥାନା ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ନିକଟ ମାତାଡେରାଠାରେ ଥିବା ଶିବ ବାଳା ଯୋଗେଶ୍ୱରୀ ଦେବୀ ଆଶ୍ରମର ସନ୍ଥ ସ୍ୱାମୀ ଦାମୋଦର ସଦା ବାବା (୭୫)ଙ୍କ ହତ୍ୟା ଘଟଣାର ଟେର୍ ଏଯାଏ ପୋଲିସ ପାଇନି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଅନ୍ୟପକ୍ଷେ ସନ୍ଥଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଆଶ୍ରମ ପରିସରରେ ସମାଧି ଦିଆଯାଇଛି। ଏ ସମ୍ପର୍କରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚରାଯିବାରୁ ତଦନ୍ତ ଚାଲିଛି, ଅପରାଧୀଙ୍କ ସୁରାକ ମିଳି ନ ଥିବା କହିଥିଲେ।

### ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍

**ପଦ୍ମପୁର, ୨୩।୨ (ଡି.ଏନ.ଏ):** ପଦ୍ମପୁର ନିକଟସ୍ଥ ମହୁଲପାଲି ଖେଳ ପଡିଆରେ ଶିକ୍ଷକ ଏକାଦଶ ଓ ଫରେଷ୍ଟ ଏକାଦଶ ମଧରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଏକାଦଶ ୧୦ ଓଭରରେ ୧୦୬ ରନ କରିଥିବା ବେଳେ ଫରେଷ୍ଟ ଏକାଦଶ ୧୦ ଓଭରରେ ୭ ଉଇକେଟ ହରାଇ ୧୦୭ ରନ କରି ବିଜୟୀ ହୋଇଥିଲା। ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅସିତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ କରାଯାଇଥିଲା। ସୁବ୍ରତ ସାହୁ, ଅଚ୍ୟୁତ ସାହୁ ଖେଳ ପରିଚାଳନା କରିଥିଲେ। କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତ ବନ୍ଦରେ ସାମିଲ ହେବ ବୌଦ୍ଧ ବଣିକ ସଂଘ

**ବୌଦ୍ଧ,୨୩।୨(ସ୍ୱ.ପ୍ର):** କେନ୍ଦ୍ର ସରକାରଙ୍କ ବିଭିନ୍ନ ନିଷ୍ପତ୍ତିକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ସଂଘ ଆସନ୍ତା ୨୬ ତାରିଖରେ ଦେଶରେ ବନ୍ଦ ଡାକରା ଦେଇଛି। ବୌଦ୍ଧ ଜିଲାର ବ୍ୟବସାୟୀମାନେ ଏହି ବନ୍ଦକୁ ସମର୍ଥନ ଜଣାଇ ଉକ୍ତ ଦିନ ସମସ୍ତ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହିଦିନ ବ୍ୟବସାୟୀ ସଂଘ ପକ୍ଷରୁ କେବଳ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯିବ। ସରକାରୀ ଅଫିସ ଓ ଯାନବାହନ ଚଳାଚଳ ସ୍ୱାଭାବିକ ରହିବ ବୋଲି ଜଣାପଡିଛି।

# ମୌଳିକ ସୁବିଧା ଅପହଞ୍ଚ

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଭଣ୍ଡାରପୁରୀ ପଞ୍ଚାୟତର ସୁକମାନୀପୁର। ବ୍ଲକ ହେଡ୍‌କ୍ୱାର୍ଟରଠାରୁ ୨୦ କି.ମି ଦୂର ଓଡ଼ିଶା ସୀମାନ୍ତରେ ରହିଛି ଏହି ଗାଁ। ଗାଁଠାରୁ ଅଧ କିମି ଦୂରରେ ଛତିଶଗଡ଼ ଥିବାରୁ ଏଠାକାର ଲୋକେ ଦୈନନ୍ଦିନ ଚଳଣୀ ପାଇଁ ପଡୋଶୀ ରାଜ୍ୟ ଉପରେ ନିର୍ଭରଶୀଳ। ଏଠାରେ ସୀମା ବିବାଦ ନାହିଁ। କିନ୍ତୁ ଓଡ଼ିଶାରେ ରହୁଥିଲେ ମଧ୍ୟ ସୁକମାନୀପୁର ଗ୍ରାମବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଭଳି ମୌଳିକ ସୁବିଧା ଅପହଞ୍ଚ ହୋଇ ପଡ଼ିଛି।

ଗୋଟିଏ ୱାର୍ଡ ବିଶିଷ୍ଟ ସୁକମାନୀପୁର ଗ୍ରାମର ଜନସଂଖ୍ୟା ୪୩୬। ଆଦିବାସୀ ଅଧ୍ୟୁଷିତ ଏହି ଗ୍ରାମରେ ଗଣ୍ଡ, ସହଁରା, ଅଗରିଆ ଜାତିର ଲୋକେ ବସବାସ କରନ୍ତି। କିନ୍ତୁ ସେମାନେ ଲରିଆ (ଛତିଶଗଡ଼ି) ଭାଷାରେ କଥାବାର୍ତ୍ତା ହୁଅନ୍ତି। ସେହିପରି କୃଷି ସେମାନଙ୍କ ଜୀବିକା। କିନ୍ତୁ ସେଠାରେ ଜଳସେଚନର କୌଣସି ସୁବିଧା ନାହିଁ। ଫଳରେ ବର୍ଷାଜଳ ଚାଷ ପାଇଁ ଭରସା ପାଲଟିଥାଏ। ତେଣୁ ଅଧିକାଂଶ ଲୋକ କର୍ମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯାଇଥାନ୍ତି। ଗ୍ରାମରେ ପ୍ରାଥମିକ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରଟିଏ ଅଛି। ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ନିକଟରେ ସ୍କୁଲ କିମ୍ବା କଲେଜ ନାହିଁ। ଫଳରେ ସେମାନେ ଛତିଶଗଡ଼ ରାଜ୍ୟର ଶିକ୍ଷାନୁଷ୍ଠାନକୁ ଯାଇଥାନ୍ତି। ସେହିପରି ଗାଁ ଲୋକଙ୍କୁ ସେଭଳି ଉନ୍ନତ ସ୍ୱାସ୍ଥ୍ୟସେବା ମିଳୁନି। ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ସେମାନେ ଛତିଶଗଡ଼ ରାଜ୍ୟ ରାୟପୁର, ସାଁକରା, ବସନାଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି। ସେହିପରି ଗାଁକୁ ଭଲ ରାସ୍ତା ନାହିଁ। ପାନୀୟ ଜଳାଭାବ ଗ୍ରାମର ମୁଖ୍ୟ ସମସ୍ୟା। ଖରାଦିନେ ଏହି ସମସ୍ୟା ଉତ୍କଟ ହୋଇଥାଏ। ପିଇବା ପାଣି ପାଇଁ ଅସୁବିଧା ଭୋଗିବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ କହିଛନ୍ତି। ବଜାର ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ନେଇ ମଧ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ବଜାର ପାଇଁ ସେମାନେ ମୁଖ୍ୟତଃ ଛତିଶଗଡ଼ର ସାଁକରା ଉପରେ ନିର୍ଭର କରିଥାନ୍ତି। ଛତିଶଗଡ଼ ରାଜ୍ୟର ହିତାଧିକାରୀ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଜଣ ପ୍ରତି ୭କି.ଗ୍ରା ଚାଉଳ, ଡାଲି, ଲୁଣ, ଚିନି ଆଦି ପାଉଥିବାବେଳେ ଏଠାରେ କେବଳ ଚାଉଳ ୫କି.ଗ୍ରା ମିଳୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**ରିପୋର୍ଟ: ପ୍ରେମାନନ୍ଦ ଖମାରୀ,**
**ସହାୟତା: ଦେବେନ୍ଦ୍ର ସାହୁ**

## ସୀମାନ୍ତ ସୁକମାନୀପୁର


ସୀମାନ୍ତରେ ରହିଥିବା ଝାରବନ୍ଧ ବ୍ଲକ ସୁକମାନୀପୁର ଗ୍ରାମ।


"ଆମେ ଓଡ଼ିଶାର ନାଗରିକ। ଏଠାରେ ଭୋଟ୍ ଦେଉଛୁ। କିନ୍ତୁ ରାଜ୍ୟର ସୀମାନ୍ତରେ ଥିବାରୁ ଆମକୁ ସରକାରଙ୍କ ଯୋଜନାର ସୁଫଳ ମିଳିପାରୁନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି କ୍ଷେତ୍ରରେ ଆମେ ଅବହେଳିତ। ଓଡ଼ିଶାରେ ଥାଇ ମଧ୍ୟ ଛତିଶଗଡ଼ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛୁ।

**ଜୟରାମ ସିଦାର, ଗ୍ରାମବାସୀ**


"ଗ୍ରାମବାସୀଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି। ରାଜ୍ୟ ବାହାରକୁ ଯେଭଳି କର୍ମ ଅନ୍ୱେଷଣରେ ନ ଯିବେ, ସେଥିପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅଧିକ କାମ ଯୋଗାଇ ଦେଉଛୁ। ଫାର୍ମପଣ୍ଡ ନିର୍ମାଣ, ଜଳାଶୟ ପୁନରୁଦ୍ଧାର, ଜମି ମରାମତି କାମ ଯୋଗାଇ ଦିଆଯାଉଛି। ପାନୀୟଜଳ ସମସ୍ୟାର ପ୍ରତିକାର ପାଇଁ ସେହି ଗ୍ରାମରେ ନଳକୂଅ ରହିଛି। ଉକ୍ତ ଗ୍ରାମର ଅଧିକ ବିକାଶ ପାଇଁ ପ୍ରୟାସ ଜାରି ରହିଛି।

**ରୁନୁ ଲାକ୍ରା, ବିଡ଼ିଓ, ଝାରବନ୍ଧ**

# ବାଲ୍ୟବିବାହ ପ୍ରତିରୋଧକୁ ଗୁରୁତ୍ୱ

**ବୌଦ୍ଧ,୨୩।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ହରଭଙ୍ଗା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ସଭାଗୃହରେ ସୋମବାର ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟବିବାହ ନିଷେଧ ଅଧିକାରିଣୀ ହରିପ୍ରିୟା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହରଭଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ଭଳି କୁସଂସ୍କାର ପ୍ରଥାକୁ ବନ୍ଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ବିରନରସିଂହପୁର, ବାମଣ୍ଡା, ଛତରଙ୍ଗ ଓ ସରସରା ଗ୍ରାମପଞ୍ଚାୟତକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିବାକୁ ସରପଞ୍ଚମାନଙ୍କୁ କହିଥିଲେ। ବିଡିଓ ନୀଳକଣ୍ଠ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ସହଦେବ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଗୋଷ୍ଠୀସ୍ତରରେ ବ୍ୟାପକ ସଚେତନତାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଇଓ, ଥାନାଧିକାରୀ, ଏବିଡିଓ, ଚିକିତ୍ସାଧିକାରୀ, ପଞ୍ଚାୟତସ୍ତରୀୟ ଶିଶୁସୁରକ୍ଷା କମିଟି ଅଧକ୍ଷ, ସମସ୍ତ ସରପଞ୍ଚ ଏବଂ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପର ମହିଳା ପରିଦର୍ଶିକା, ଜିପିଇଓ ବିରଞ୍ଚି ନାରାୟଣ ପଣ୍ଡା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଶିଶୁସୁରକ୍ଷା ୟୁନିଟ୍ ଅଧିକାରୀ ଧନଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟ୍‌ବଲ: ଗଜରାଜପୁର ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳି ଉପସ୍ଥିତ।

**ବାଉଁଶୁଣୀ, ୨୩।୨ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବରିହା ହାଇସ୍କୁଲ ଖେଳ ପଡିଆଠାରେ ଜୟ ବଜରଙ୍ଗବାଲି ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଖେଳର ଫାଇନାଲ ମ୍ୟାଚ୍ ଗଜରାଜପୁର ଓ ସାହାଜପାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗଜରାଜପୁର ପେଣ୍ଡାଲଟିକ୍ ମାଧ୍ୟମରେ ୩-୦ ଗୋଲରେ ବିଜୟୀ ହୋଇଥିଲା। କହ୍ନେଇଚରଣ ଡାଙ୍ଗ ମୁଖ୍ୟଅତିଥି, ବାଉଁଶୁଣୀ ଥାନାଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁ, ପୂର୍ବତନ ବ୍ଲକ ଅଧକ୍ଷ ପୟୋଧର ମହାକୁଳ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ ପ୍ରକାଶ ମିଶ୍ର, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ପୁଷ୍ପାଞ୍ଜଳି ମେହେର, ରବି ଖଟୁଆ, ସମାଜସେବୀ ବିପିନ ଦାଶ ଉପସ୍ଥିତ ଥିଲେ। ସଞ୍ଜିତ ବେହେରା ମଞ୍ଚ ପରିଚାଳନା କରିଥିଲେ।

# ୧୦ଲକ୍ଷ କ୍ଷତିପୂରଣ ଦାବିକଲା କଂଗ୍ରେସ

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସମ୍ବଲପୁରୀ ଗ୍ରାମରେ ମଙ୍ଗଳବାର ହୃଦଘାତରେ ମୃତ ଚାଷୀ ବାଲାମଣି ଭୋଇଙ୍କ ପରିବାର ଲୋକଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କଂଗ୍ରେସ ଦାବି କରିଛି। ଏହି କ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ଜିଲା କଂଗ୍ରେସ ପକ୍ଷରୁ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ଧାନ ଉଠାଣ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛି। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ନିପନ କୁମାର ଦାଶ, ପାଣ୍ଡବ କର୍ଣ୍ଣ, ବ୍ରହ୍ମାନନ୍ଦ ମହାକୁଡ଼, ସରୋଜ ଷଡ଼ଙ୍ଗୀଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।


ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିବା କଂଗ୍ରେସ ପ୍ରତିନିଧି ଦଳ।

**ଚାଷୀ ମୃତ୍ୟୁ ଘଟଣା**

ଚାଷୀ ମୃତ୍ୟୁ ଘଟଣାରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ଭାଜପା ବିଧାୟକ ପ୍ରଦୀପ ପୁରୋହିତ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ତଥା ଅବ୍ୟବସ୍ଥିତ କୃଷିନୀତି ଯୋଗୁ ଏଭଳି ଚାଷୀ ମୃତ୍ୟୁ ଘଟୁଛି ବୋଲି ସେ ଅଭିଯୋଗ କରିଛନ୍ତି।

# ସୁରକ୍ଷା ପାଇଁ ଧାରଣା

**ମହାପ୍ରଭୁଙ୍କ ଜମିକୁ ନେଇ ବିବାଦ**

**ବରଗଡ଼ ଅଫିସ୍,୨୨।୨**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଉଦେପୁର ଗ୍ରାମରେ ଜଗନ୍ନାଥ ମହାପ୍ରଭୁ ଏବଂ ଲକ୍ଷ୍ମୀ ନାରାୟଣ ପ୍ରଭୁଙ୍କ ଜମିକୁ ନେଇ ପୂଜକ ପରିବାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏହି ବିବାଦରୁ ହୋଇଥିବା ଗଣ୍ଡଗୋଳ ଏବେ କୋର୍ଟକୁ ପହଞ୍ଚିଛି। ମାତ୍ର ବର୍ତ୍ତମାନ ସୁଦ୍ଧା ବିବାଦର ସମାଧାନ ହୋଇ ପାରିନାହିଁ। ଅନ୍ୟପଟେ ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଏହି ବିବାଦ ପରେ ପୂଜକ ପରିବାର ଗ୍ରାମରେ ରହୁନାହାନ୍ତି। ଆତ୍ମରକ୍ଷା ପାଇଁ ସେମାନେ ବାହାରେ ଆଶ୍ରୟ ନେଇଥିବା କହିଛନ୍ତି। ଅପରପକ୍ଷେ ଏହି ବିବାଦରେ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନେଇ ପୂଜକ ପରିବାରର ଅରୁଣ ପାତ୍ର, ପରୀକ୍ଷିତ ପୁରୋହିତ ପ୍ରମୁଖ ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରୁ ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସେଠାକୁ ପହଞ୍ଚି ବୁଝାସୁଝା କରିବା ପରେ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସେମାନେ ଧାରଣାରୁ ଓହରିଥିଲେ।

# ରାଷ୍ଟ୍ରୀୟ ଶିକ୍ଷାନୀତିରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବୌଦ୍ଧ,୨୩।୨(ସ୍ୱ.ପ୍ର)**

**ଭାରତୀୟ ଶିକ୍ଷଣ ମଣ୍ଡଳର ଆଲୋଚନାଚକ୍ର**

ଭାରତୀୟ ଶିକ୍ଷଣ ମଣ୍ଡଳ ବୌଦ୍ଧଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ରାଷ୍ଟ୍ରୀୟ ଶିକ୍ଷାନୀତିରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଶିକ୍ଷକ ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମହାରାଷ୍ଟ୍ର ନାଗପୁରର ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରୀ ବିସ୍ତାରକ ରିତେଶ ତିୱାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷାନୀତିରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସଚେତନ ଓ ପ୍ରଶିକ୍ଷିତ ହେବା ସହିତ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ଏକ ସୁସ୍ଥ, ସମୃଦ୍ଧ ଓ ଶିକ୍ଷିତ ସମାଜ ଗଢିବାରେ ସମସ୍ତ ଶିକ୍ଷାପ୍ରେମୀ ସହଯୋଗୀ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସଂଯୋଜକ ସୂର୍ଯ୍ୟକାନ୍ତ ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ସମର୍ଥ ଭାରତ ଗଢିବା ପାଇଁ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ନିଜର ସାମର୍ଥ୍ୟକୁ ପରିପ୍ରକାଶ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସମ୍ପାଦକ ଅର୍ଜୁନ କଅଁର ଅତିଥି ପରିଚୟ ପ୍ରଦାନ ଓ ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ କୁମାର ସାହୁ, ନିରଞ୍ଜନ ମେହେର, ରାଜକୁମାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, ପ୍ରଦୀପ୍ତ କୁମାର ସାହୁ, ଚତୁର୍ଭୁଜ ବେହେରା, ମଧୁସୂଦନ ପ୍ରଧାନ, କୁନା ବେହେରା, ସଞ୍ଜୟ ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ନିର୍ମାଣ ହେବ ସ୍ମୃତିସ୍ତମ୍ଭ

**ବୌଦ୍ଧ,୨୩।୨(ସ୍ୱ.ପ୍ର)**

ବୌଦ୍ଧ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବ ବୋଲି ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ମର୍ଜାକୁଦଠାରେ ଏହି ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବାକୁ ବୌଦ୍ଧ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ବ୍ୟୟ ଅଟକଳ ଓ ଯୋଜନା କରିବାକୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଏନ୍‌ସି ଜ୍ୟୋତି ରଞ୍ଜନ ନାଏକ, ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ ନାଏକ, ତହସିଲଦାର ସନତ କୁମାର ନାଏକ, ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ସହକାରୀ ଜିଲାପାଳ (ଉନ୍ନୟନ) ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି କୁମାର ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକଙ୍କୁ ମିଳୁନି ପାଉଣା, ବିଡିଓଙ୍କୁ ଦାବିପତ୍ର

**ବରପାଲି, ୨୩।୨ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ବ୍ଲକ କାଉଁଶିର ପଞ୍ଚାୟତ ଅଧୀନ ବାରଙ୍ଗପାଲି ଗ୍ରାମର ୬୦ ଜଣ ଶ୍ରମିକ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରି ଦୀର୍ଘ ୩ ମାସ ହେଲା ପାଉଣାରୁ ବଞ୍ଚିତ ରହିଛନ୍ତି। ସେମାନେ ୫ ଲକ୍ଷ ଟଙ୍କା ଅଟକଳରେ ଖେମେଶରା ରାସ୍ତା ଉନ୍ନତୀକରଣ ପାଇଁ ହୋଇଥିବା ମାଟି କାମରେ ନିୟୋଜିତ ଥିଲେ। ହେଲେ ପ୍ରାପ୍ୟ ପାଇ ନ ଥିବାରୁ ସ୍ଥାନୀୟ ବ୍ଲକ ଅଫିସ୍‌କୁ ଆସି କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇ ଶୀଘ୍ର ପାଉଣା ପାଇଁ ଦାବି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ମଜଦୁର ସଂଘ ବ୍ଲକ ସଭାପତି ବରୁଣ ସାଗର, ଟାଉନ ସଭାପତି ସରୋଜ ଭୋଇ, ସାବିତ୍ରି କୁମ୍ଭାର, ଅମ୍ବିକା ବିଭାର ପ୍ରମୁଖ ନେତୃତ୍ୱରେ ମଙ୍ଗଳବାର ବିଡିଓ ତ୍ରିବିକ୍ରମ କୁମୁରାଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏହାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ବରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି।


ବରପାଲି ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ନିୟମ ନ ମାନିଲେ କଠୋର କାର୍ଯ୍ୟାନୁଷ୍ଠାନ

**ବୌଦ୍ଧ,୨୩।୨(ସ୍ୱ.ପ୍ର)**

ଦ୍ୱିତୀୟ ପର୍ଯ୍ୟାୟ କୋଭିଡ ସଂକ୍ରମଣ ଆଶଙ୍କା ଥିବାରୁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ନେବା ପାଇଁ ସମସ୍ତ ଜିଲାପାଳଙ୍କୁ ସତର୍କ କରିଛନ୍ତି। ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲାସ୍ତରୀୟ ଟ୍ରାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍‌ର ସାନି ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାରେ ପୁଣିଥରେ କୋଭିଡ କଟକଣା ପାଳନକୁ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କୁ ସଜାଗ କରିବା ପାଇଁ ଜିଲା ବ୍ୟାପୀ ପ୍ରଚାର କରାଯିବା ସହ ନିୟମ ଭାଙ୍ଗୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଜରିମାନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବାହାଘର, ସାଂସ୍କୃତିକ, ଧାର୍ମିକ, କ୍ରୀଡା ଆଦି କାର୍ଯ୍ୟକ୍ରମ ଗୁଡିକରେ ଯେପରି ଅଧିକ ଜନସମାଗମ ହେବ ନାହିଁ ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ପ୍ରଶାସନ ଓ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ଅଫିସ ଓ ସର୍ବସାଧାରଣରେ ନିୟମିତ ହାତଧୁଆ, ସାମାଜିକ ଦୂରତା, ମାସ୍କ ବ୍ୟବହାର କଡାକଡି ହେବ। ଏହାସହ ଜିଲା ସ୍ୱାସ୍ଥ୍ୟ ବିଭାଗର ରାପିଡ ରେସପନ୍ସ ଟିମ୍‌କୁ ପୁଣିଥରେ କାର୍ଯ୍ୟକାରୀ କରାଯିବ। ବାହାର ରାଜ୍ୟରୁ ଗାଁକୁ ଆସୁଥିବା ଲୋକମାନଙ୍କ ତାଲିକା ଆଶାକର୍ମୀଙ୍କ ଜରିଆରେ ପ୍ରସ୍ତୁତ କରିବା ସହ ସେମାନଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହିତ ଜିଲାରେ କୋଭିଡ ଟିକାକରଣ ଟାସ୍କଫୋର୍ସ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥରାଓ, ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୋଷ କୁମାର ମହାପାତ୍ର, ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ଭଞ୍ଜ କିଶୋର ଦେଓ ହେମ୍ବ୍ରମ୍, ଏଡିଏମ୍‌ଓ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, କୋଭିଡ ହେଲ୍‌ଥ ସେଣ୍ଟର ଅଧିକାରୀ ଡା. ବିଜୟ କୁମାର ଦାଶ, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି କୁମାର ଧରୁଆ, ଡିପିଏମ ରୂପକ କୁମାର ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଟ୍ରାସ୍କଫୋର୍ସ ବୈଠକ।

**କୋଭିଡ୍ ନିୟନ୍ତ୍ରଣ ପାଇଁ ଟାସ୍କ ଫୋର୍ସ କମିଟି ବୈଠକ**

**ଚୋରି ଅଭିଯୋଗରେ ୩ ଗିରଫ**

ଭବାନୀପାଟଣା,(ଡି.ଏନ.ଏ.): ଭବାନୀପାଟଣା ବସ୍‌ଷ୍ଟାଣ୍ଡରୁ ଚୋରି ଅଭିଯୋଗରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୬ ତାରିଖରେ ସିଲେଖା ପଣ୍ଡା ନିଜ ୪ ବର୍ଷର ଝିଅ ସହିତ ବସ୍‌ରେ ବସି ରୁପ୍ରା ରୋଡ୍ ଯାଉଥିଲେ। ତାଙ୍କଠାରୁ ମୋବାଇଲ, ସୁନା ଓ ଟଙ୍କା ଚୋରି କରି ଲୁଟେରାମାନେ ଫେରାର ହୋଇଥିଲେ। ଟାଉନ ଥାନା ଏସ୍‌ଆଇ ଶିବଜୀ ପଣ୍ଡା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସୋମବାର ଏହି ଘଟଣାରେ ସମ୍ପୃକ୍ତ ଜୁନାଗଡ ଥାନା ଖୁରସେଲଗୁଡା ଗ୍ରାମର ରାଜେଶ୍ୱର ସୁନାନୀ (୪୦) ଓ ଚୋରି ସାମଗ୍ରୀ କିଣିଥିବା କୋକସରା ଥାନା ପଖନାଗୁଡାର ଲବରାମ ପାନ (୫୩) ଏବଂ ଚାରବାହାଲ ଗ୍ରାମର ବୃନ୍ଦାବନ ଦୁର୍ଗା (୪୩)ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଆଜି ଉପନିର୍ବାଚନ: ଜିଲା ପ୍ରଶାସନର ପ୍ରସ୍ତୁତି

**ତରବୋଡ/ନୂଆପଡା ଅଫିସ, ୨୨।୨ (ଡି.ଏନ.ଏ.):** ବୁଧବାର ଜିଲାର ଗୋଟିଏ ଜିଲା ପରିଷଦ, ସରପଞ୍ଚ ଓ ଦୁଇଟି ସମିତି ସଭ୍ୟ ପଦବୀ ପାଇଁ ଉପନିର୍ବାଚନ ହେବ। ଏଥିପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି । ସୂଚନାଯୋଗ୍ୟ ଯେ, ଜିଲାର ମୋଟ ୧୭୨ଟି ବୁଥରେ ଭୋଟ ଗ୍ରହଣ ହେବ। ଏଥିରେ ଜୋନ-୨ରେ ଜିଲା ପରିଷଦ ପ୍ରାର୍ଥୀ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ କୋମନା ବ୍ଲକ କାଣ୍ଡେତରା ଓ ଖଡିଆଳ ବ୍ଲକ ରାନୀମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଏବଂ ସିନାପାଲି ବ୍ଲକ ସଦର ପଞ୍ଚାୟତ ସରପଞ୍ଚ ପଦ ଲାଗି ଗୋଟିଏ ଦିନରେ ନିର୍ବାଚନ ହେବ।

### କବି ଲବଣେଶ୍ୱର ସମ୍ମାନିତ

**ଖଡିଆଳ, ୨୩।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଚିନ୍ଦାଗୁଡା ଗ୍ରାମପଞ୍ଚାୟତ କାଶିପଲା ଗ୍ରାମର ବରିଷ୍ଠ କବି ଲବଣେଶ୍ୱର ବାରିକଙ୍କୁ କୋଣାର୍କ ସାହିତ୍ୟ ସଂସଦ, ନବିନା ବାଗ, ଖୋର୍ଦ୍ଧା ପକ୍ଷରୁ ସମ୍ମାନିତ କରାଯାଇଛି। ବିଶ୍ୱ ମାତୃଭାଷା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର ଯୋଗଦେଇଥିବା ବେଳେ ସତ୍ୟବାଦୀ ବଲିୟାର ସିଂ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସୁରେଶ ଛୋଟରାୟ, ନାରାୟଣ ଦାସ ଯୋଗଦେଇଥିଲେ। ସେ ଜଣେ ବର୍ଷିୟାନ ସାହିତ୍ୟକ ତଥା ସାମାଜିକ ଶିକ୍ଷା, ପରିବେଶ ସୁରକ୍ଷା, ମହିଳାଙ୍କ ସମ୍ମାନ ତଥା ସୁରକ୍ଷା ଏବଂ ଜାତୀୟବୋଧ ସୃଷ୍ଟି ଦିଗରେ କାର୍ଯ୍ୟ କରିଥିବାରୁ ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

### କ୍ଲଷ୍ଟରସ୍ତରୀୟ ସଭା

**ଖରିଆର ରୋଡ, ୨୩।୨ (ଡି.ଏନ.ଏ.):** ନୂଆପଡା ସଦର ବ୍ଲକ ବୁଢିପାଲିରେ କ୍ଲଷ୍ଟରସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ନୂଆପଡା ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା ଓ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ବିଶ୍ୱ ଦରବାରରେ ଜଣେ ଶିକ୍ଷକ କିପରି ପହଞ୍ଚାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ। ସିଆରସିସି ମୋହନ କୁମାର ଦୋରା, ଏବିଓ ଯୌବନ ସଲମା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ଭଇଁରିଗୁଡା ପଞ୍ଚାୟତ ଉପନିର୍ବାଚନ

**ଜୁନାଗଡ଼, ୨୩।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଭଇଁରିଗୁଡା ପଞ୍ଚାୟତରେ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ନିର୍ବାଚନ ମଇଦାନରେ ୨ଜଣ ପ୍ରାର୍ଥୀ ରହିଛନ୍ତି । ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ୧୧ଟି ବୁଥ ପାଇଁ ପ୍ରତ୍ୟେକରେ ୩ଜଣ ପ୍ରିଜାଇଡିଂ ଅଫିସର ଓ ୨ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ଜୁନାଗଡ଼ ବିଡିଓ ତୁଳାରାମ ମାରାଣ୍ଡି ସୂଚନା ଦେଇଛନ୍ତି । ପଞ୍ଚାୟତରେ ପୂର୍ବରୁ ସ୍ୱର୍ଗତ ଲକ୍ଷ୍ମୀଧର ପାତ୍ର ସରପଞ୍ଚ ରହିଥିଲେ। ଗତ ୯/୯/୨୦୨୦ରେ କରୋନାରେ ତାଙ୍କର ଦେହାନ୍ତ ହୋଇଥିଲା ।

### ଗର୍ଭବତୀ, ଶିଶୁଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ପ୍ରଦର୍ଶନୀ

**ଭବାନୀପାଟଣା, ୨୩।୨ (ଡି.ଏନ.ଏ.):** ଭବାନୀପାଟଣା ବ୍ଲକ ଅଧୀନ ମଣିଗୁଡା ଅଙ୍ଗନୱାଡି କେନ୍ଦ୍ରରେ ଏକତା ପରିଷଦ ପକ୍ଷରୁ ଗର୍ଭବତୀ, ପ୍ରସୂତୀ ତଥା ଶିଶୁମାନଙ୍କ ଖାଦ୍ୟ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଛତିଶଗଡର ପ୍ରୟୋଗ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ୩୫ ଗର୍ଭବତୀ ତଥା ପ୍ରସୂତୀ ଓ ୩୫ରୁ ୪୦ଜଣ ଶିଶୁ ଯୋଗଦେଇଥିଲେ। ବିଭିନ୍ନ ପ୍ରକାର ସୁଷମ ଖାଦ୍ୟ ୦ ରୁ ୩ ବର୍ଷ, ୩ ରୁ ୬ ବର୍ଷ ଓ ୬ ରୁ ୧୧ ବର୍ଷର ଶିଶୁଙ୍କ ପାଇଁ କ’ଣ ଓ କିଭଳି ପ୍ରସ୍ତୁତି କରାଯିବ ତାକୁ କୁମାରୀ ରଞ୍ଜିତା ବାବୁ, ୱାହିଜୀ ବେଗମ ଓ ପ୍ରମିଳା ନାୟକ ରୋଷେଇ କରି ପ୍ରଦର୍ଶନୀ ଜରିଆରେ ଦେଖାଇ ବୁଝାଇଥିଲେ। ଏକତା ପରିଷଦରୁ ବରିଷ୍ଠ ସଦସ୍ୟ ଭାରତ ଭୂଷଣ ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ସଂସ୍ଥା କର୍ମକର୍ତ୍ତା ବରୁଣ କୁମାର ଶର୍ମା ପରିଚାଳନା କରିଥିଲେ। ଆଇସିଡିଏସ୍ ସୁପରଭାଇଜର କେ.ଉଷାଲକ୍ଷ୍ମୀ ଉପସ୍ଥିତ ଥିଲେ।

# ଚାଷୀଙ୍କ ଧାନ, ମକା ରଖିବାରେ ଅସୁବିଧା

**କେସିଙ୍ଗା, ୨୩।୨ (ଡି.ଏନ.ଏ.)**



ଅଦିନିଆ ବର୍ଷା ଓ ଝଡ଼ତୋଫାନ ଯୋଗୁ ଗୋଦାମ ଗୃହର ଆଜବେଷ୍ଟସ ଉଡ଼ିଯାଇଛି।

■ ୨ ବର୍ଷ ହେଲା ଭଗ୍ନ ଅବସ୍ଥାରେ ଗୋଦାମ ଗୃହ
■ ଝଡବର୍ଷାରେ ଗୋଦାମ ଗୃହ ଭାଙ୍ଗି ପଡ଼ିଛି

କଳାହାଣ୍ଡି ଜିଲା କେସିଙ୍ଗା ଓ ନର୍ଲା ବ୍ଲକର ସୀମାନ୍ତ ଅଞ୍ଚଳରେ ଥିବା ଟୁଟିଙ୍ଗ ଗ୍ରାମର ଉପବଜାର ପ୍ରାଙ୍ଗଣରେ ଦୀର୍ଘ ୨ ବର୍ଷ ହେଲା ଝଡବର୍ଷାରେ ଗୋଦାମ ଗୃହ ଭାଙ୍ଗି ପଡିଛି। ଗୋଦାମ ଗୃହ ଭବାନୀପାଟଣା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ହେଉଛି। ଗୋଦାମ ଗୃହ ମୁଖ୍ୟ ରାସ୍ତା ଉପରେ ସ୍ଥାପିତ କରାଯାଇଛି। ଗୋଦାମ ଗୃହ ଗତ ୨୦୧୪ରେ ନିର୍ମାଣ କରାଯାଇଥିଲା। ଗତ ୨୦୧୮ ଏପ୍ରିଲରେ ଅଦିନିଆ ବର୍ଷା ଓ ଝଡତୋଫାନ ହେବା ଯୋଗୁ ଗୋଦାମ ଗୃହର ଆଜବେଷ୍ଟସ ଓ ଲୁହା ଏଙ୍ଗଲ ସବୁ ଉଡି ଯାଇ ବଜାରର ଅଳ୍ପ ଦୂରରେ ପଡି ରହିଛି। ଗୋଦାମ ଗୃହରେ ଠିକ ଭାବେ ଲୁହା ଏଙ୍ଗଲ ସଂଯୋଜନ କରାଯାଇ ନ ଥିବାରୁ ଝଡ ତୋଫାନରେ ଉଡି ଯାଇଥିଲା ବୋଲି ଟୁଟିଙ୍ଗ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଜକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଗୋଦାମ ଗୃହର ଆଜବେଷ୍ଟସ ଓ ଏଙ୍ଗଲ ସ୍ଥାପନ କରାଯାଇ ନ ଥିବାରୁ ଖୋଲା ଭାବେ ପଡିରହିଛି। ଫଳରେ ଟୁଟିଙ୍ଗ, ରୁପ୍ରା, ମୁସ୍କୁଟି, ଯୁର୍କାଭାଡି, କାରଙ୍ଗପଦର, ଥୁଆପଦର ଆଦି ଗ୍ରାମର ଚାଷୀମାନଙ୍କ ଧାନ, ମକା ଗଚ୍ଛିତ ରଖିବାରେ ଘୋର ସମସ୍ୟା ଦେଖାଯାଉଛି। ଚଳିତବର୍ଷ ଉପବଜାରରେ ଥିବା ପିଣ୍ଡିଠାରେ ଧାନ ମଣ୍ଡି ଖୋଲା ଯାଇଥିଲା। କିନ୍ତୁ ଗୋଦାମ ଗୃହର ଛାତ ଝଡତୋଫାନରେ ଉଡି ଯାଇ ନଷ୍ଟ ହୋଇଥିଲେ ସୁଦ୍ଧା ଆଜକୁ ୨ ବର୍ଷ ହେଲା ମରାମତି କରାଯାଇ ନ ଥିବାରୁ ଚାଷୀମାନେ ଧାନ, ମକା ରଖିବାରେ ଘୋର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏ ସଂକ୍ରାନ୍ତରେ ଭବାନୀପାଟଣା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭବନାଥ ରାୟଗୁରୁଙ୍କୁ ପଚାରିବାରୁ ଉପଜିଲାପାଳ ଏଥିପାଇଁ ଗତ ୩ ମାସ ତଳେ ପରିଦର୍ଶନ କରିଥିଲେ। ଅଳ୍ପ ଦିନ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ ।

# କର୍ଲାପାଟ ଅଭୟାରଣ୍ୟରେ ଲାଗିଲା ୨୮ ଟ୍ରାପ୍ କ୍ୟାମେରା

**ଭବାନୀପାଟଣା, ୨୩।୨ (ଡି.ଏନ.ଏ.)**

**୩ ବନ କର୍ମଚାରୀ, ୩ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ**

କଳାହାଣ୍ଡି ଜିଲା କର୍ଲାପାଟ ଅଭୟାରଣ୍ୟ ହାତୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ଫେରିଯିବା ପରେ ଉଭୟ ବନ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗରେ ବିଭିନ୍ନ ଘଟଣାକୁ ନେଇ ସରଗରମ ଆଲୋଚନା ହେଉଛି। ଏହି ଘଟଣାରେ କର୍ଲାପାଟ ଫରେଷ୍ଟର ଓ ୨ ଫରେଷ୍ଟ ଗାର୍ଡଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ହାତୀ ମୃତ୍ୟୁ ଘଟଣା ପରେ ପ୍ରାଣୀ ସମ୍ପଦ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ପ୍ରତାପ କିଶୋର ଖମାରୀ କଳାହାଣ୍ଡି ଗସ୍ତରେ ଆସିଥିଲେ। ସେ ଆସିବା ପରେ ହାତୀ ମୃତ୍ୟୁ ଯୋଗୁ ଜିଲାର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଥିଲେ। କିନ୍ତୁ ଜୁନାଗଡ ବ୍ଲକ ପ୍ରାଣୀ ବିଭାଗ ଅଧକ୍ଷ ଡା. ପ୍ରାସନ୍ନ ଦାସ, ଅତିରିକ୍ତ ପ୍ରାଣୀ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ଓ ଜୟପାଟଣା ଅତିରିକ୍ତ ପ୍ରାଣୀ ଅଧିକାରୀ ଡା. ଶିବ ପ୍ରସାଦ ନାଏକ ଛୁଟିରେ ଥିଲେ। ଏହି ୩ ଡାକ୍ତରଙ୍କୁ ରିପୋର୍ଟ ତଲବ କରିବା ପାଇଁ ଧର୍ମଗଡ ଏସଡିଭିଓ କୈଳାଶ ସାମନ୍ତଙ୍କୁ ରାଜ୍ୟ ଅତିରିକ୍ତ ନିର୍ଦ୍ଦେଶକ ଦେଇଛନ୍ତି। ମାସେ ପୂର୍ବରୁ ଟ୍ରାପ କ୍ୟାମେରା କାଢି ଦିଆଯାଇଥିବା ନେଇ ଖବର ପ୍ରକାଶ ପାଇବା ପରେ ୧୬ଟି ଟ୍ରାପ କ୍ୟାମେରା ଲାଗିଥିବା ବେଳେ ମଙ୍ଗଳବାର ୧୨ଟି ଟ୍ରାପ କ୍ୟାମେରା ଲାଗିଛି ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ବର୍ତ୍ତମାନ ଅନ୍ୟ ହାତୀମାନଙ୍କ ଗତିବିଧି ଠାବ ପାଇଁ ଜୋରଦାର ପ୍ରାୟାସ ଆରମ୍ଭ କରାଯାଇଛି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟରେ ଅବହେଳା ପାଇଁ କର୍ଲାପାଟ ପଞ୍ଚାୟତ ପ୍ରାଣୀଧନ ନିରୀକ୍ଷକ ଗଣେଶ ପୂଝାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରଛନ୍ତି।

# ଜିଲାରେ ଅପରିଚିତ ଲୋକଙ୍କ ସଂଖ୍ୟା ବଢୁଛି

**ତରବୋଡ/ନୂଆପଡା ଅଫିସ, ୨୩।୨ (ଡି.ଏନ.ଏ.)**



ନୂଆପଡା ରୁଦ୍ରସେନା ପକ୍ଷରୁ ନୂଆପଡା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅପରିଚିତଙ୍କୁ ଚିହ୍ନଟ, ଅସାମାଜିକ କାର୍ଯ୍ୟକଳାପ ବନ୍ଦ ପାଇଁ ଦାବିପତ୍ର**

ଜିଲା ସଦର ମହକୁମାରେ ଦିନକୁ ଦିନ ଅପରିଚିତ ବ୍ୟକ୍ତିଙ୍କ ବୃଦ୍ଧି ପାଉଥିବା ଲୋକଙ୍କୁ ଚିହ୍ନଟ ଓ ଅସାମାଜିକ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ନୂଆପଡା ରୁଦ୍ରସେନା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ନୂଆପଡା ଆଇଆଇସି ସଂଯୁକ୍ତା ବାର୍ଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରାପ୍ତସୂଚନା ଅନୁଯାୟୀ ଜିଲା ସଦର ମହକୁମା ସମେତ ଜିଲାର ଖରିଆର ରୋଡ, ତରବୋଡ, ଉଦ୍ୟାନବନ୍ଦ, କୋମନା, ଖଡିଆଳ, ସିନାପାଲି, ବୋଡେନ ଭଳି ସ୍ଥାନରେ ବାହାର ରାଜ୍ୟର ବିଭିନ୍ନ ବ୍ୟବସାୟ କରିବା ନାରେ ମାସ ମାସ ଧରି ବସାବାନ୍ଧି ରହୁଥିବାରୁ ସାମାଜିକ ସୁରକ୍ଷା ଉପରେ ପ୍ରଶ୍ନବାଚୀ ହେଉଛି। ଜିଲାରେ ଦିନକୁ ଦିନ ଚୋରି, ଡକାୟତି, ଧର୍ମାନ୍ତରିକରଣ ଭଳି କାର୍ଯ୍ୟ ବଢ଼ି ଚାଲିଛି । ଜିଲାରେ ସଟ୍ଟା, ଜୁଆ, ମଦ, କୋରେକ୍ସ (କଫ୍ ସିରପ୍) ଓ ଅନ୍ୟାନ୍ୟ ନିଶା କାରବାର ଅବାଧରେ ଚାଲିଥିବାରୁ ଦିନେ ଶାନ୍ତି ଓ ସଂସ୍କୃତିର ନୂଆପଡା ସହର ଅଶାନ୍ତର ବାତାବରଣକୁ ଠେଲି ହେଉଛି ଏବଂ ଯୁବ ସମାଜ ପଥଭ୍ରଷ୍ଟ ହେଉଛି। ଜିଲାରେ ଅପରିଚିତ ବ୍ୟକ୍ତିମାନେ ଆସି ସାଲ, କମ୍ବଳ, ଫାଇବର ଚୌକି, ଜଡିବୁଟି ଔଷଧ ବିକିବା ସାଙ୍ଗେ ଅନ୍ୟ ବ୍ୟବସାୟ କରି ଷ୍ଟେଶନ, ବସଷ୍ଟାଣ୍ଡ, ଗାଁ ଗହଳିରେ ରହି ପରେ ବଡବଡ କ୍ରାଇମ କରି ଚାଲିଛନ୍ତି । ଏମାନଙ୍କ ପ୍ରକୃତ ପରିଚୟ ରଖି ଜିଲା ଭିତରେ ପ୍ରବେଶ କରିବାକୁ ଦେବା ପାଇଁ ଜିଲା ପ୍ରଶାସନଠାରେ ନୂଆପଡା ରୁଦ୍ରସେନା ସଭାପତି ବସନ୍ତ ସିଂ ଓ ଜିଲା ସଂଯୋଜନ ମଳୟ ରଞ୍ଜନ ମଣ୍ଡଳ ଦାବି କରିଛନ୍ତି ।

# ଆନ୍ତଃଜିଲା ଜୁନିୟର କ୍ଲବ କ୍ରିକେଟ ଲିଗ୍: ଆର୍‌ସିସି ୬୩ ରନରେ ବିଜୟୀ

**ଭବାନୀପାଟଣା, ୨୩।୨ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଭିଜନ ୨୪ ଆନ୍ତଃ ଜିଲା ଜୁନିୟର କ୍ରିକେଟ ମ୍ୟାଚ୍ର ମଙ୍ଗଳବାର ତୃତୀୟ ଦିବସରେ ଏସ୍‌ସିସି (ସିତାବୋର୍ଡି କ୍ରିକେଟ କ୍ଲବ) ଏବଂ ଆର୍‌ସିସି (ରାମନଗର କ୍ରିକେଟ କ୍ଲବ) ମଧ୍ୟରେ ଖେଳ ହୋଇଥିଲା। ଆର୍‌ସିସି ପ୍ରଥମେ ବ୍ୟାଟିଂ କରି ୩୮.୫ ଓଭରରେ ୧୮୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଅରପିତ ୪୫ ବଲରେ ସର୍ବାଧିକ ୨୮ ରନ୍ କରିଥିଲେ। ଏସ୍‌ସିସି ଦଳର ପ୍ରମୋଦ ୮ ଓଭରରେ ୨୬ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଏସ୍‌ସିସି ୧୫ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲେ। ଫଳରେ ଆର୍‌ସିସି ୬୩ ରନରେ ବିଜୟୀ ହୋଇଥିଲା। ଅର୍ପିତ ୫ ଓଭରରେ ୪୭ ରନ୍ ଦେଇଛନ୍ତି। ଆଦିତ୍ୟ ଏ. ସାହୁ ୪ ଓଭରରେ ୧୯ ରନ୍ ଦେଇଥିଲେ। ଗୋସିବ ନାଏକ ଓ ରମେସ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ଡିଜିଟାଲ ସ୍କୋରର ଭାବେ ସାକ୍ଷି ଗୋପାଳ ପଣ୍ଡା, ମେନୁଏଲ୍ ସ୍କୋରର ଧନଞ୍ଜୟ ବିହାର ଓ ସତ୍ୟ କୁମାର ଧାରାବିବରଣି ପ୍ରଦାନ କରିଥିଲେ। ଖେଳ ଆରମ୍ଭରେ କ୍ରିଡା ସଂସ୍ଥା ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା ଖେଳାଳଙ୍କୁ ଉତ୍ସାହିତ କରିଥିଲେ ।

# ଦିନକ ପରେ ଘାଇ ମରାମତି



କେନାଲର ଘାଇ ମରାମତି କରାଯାଉଛି।

**ଜୁନାଗଡ, ୨୩।୨ (ଡି.ଏନ.ଏ.)**

**ଯମୁନାବାହାଲ ମାଇନର କେନାଲରେ ଘାଇ ହେବା ଘଟଣା**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଅଧୀନ ଯମୁନାବାହାଲ ମାଇନର କେନାଲର ନୂଆଗୁଡା ମଣ୍ଡି ନିକଟରେ ସୃଷ୍ଟି ହୋଇଥିବା ଘାଇ ସମ୍ପର୍କରେ ‘ଧରିତ୍ରୀ’ରେ ଖବର ପ୍ରକାଶ ହେବାର ଦିନକ ପରେ ମଙ୍ଗଳବାର ଏହାର ମରାମତି କରାଯାଇଛି। ପୋତି ହୋଇଥିବା କେନାଲକୁ ମଧ୍ୟ ଜେସିବି ସାହାଯ୍ୟରେ ସଫା କରାଯାଇଥିବା ଦେଖିବାକୁ ମିଳିଛି। ଏହି ସମୟରେ ବିଭାଗୀୟ ଯନ୍ତ୍ରୀ କେ ଏନ ରାଓ, ରୁସାନ୍ତ କୁମାର ମେହେରଙ୍କ ସହ ଚାଷୀମାନେ ଉପସ୍ଥିତଥିଲେ। କେନାଲ ମରାମତି ପରେ ପାଣି ଚଳାଚଳ ସ୍ୱାଭାବିକ ହୋଇଛି। ସୂଚନାଯୋଗ୍ୟ ଯେ, ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଅଧୀନ ଯମୁନାବାହାଲ ମାଇନର କେନାଲର ନୂଆଗୁଡା ମଣ୍ଡି ନିକଟରେ କିଛି ଦିନ ହେଲା ଏକ ଘାଇ ସୃଷ୍ଟି ହୋଇଥିଲା। ବିଭାଗ ପାଖରେ ଘଟଣା ସମ୍ପର୍କରେ କୌଣସି ଖବର ନ ଥିବାରୁ ଘାଇ ମରାମତି ହୋଇପାରୁ ନ ଥିଲା। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଘାଇ ହେବାରୁ ସେଠାରେ ଥିବା ପୋଲ କଡର ମାଟି ଧୋଇ ହୋଇ ଭୁଶୁଡିବା ମଧ୍ୟ ଆଶାଙ୍କା ରହିଥିଲା। ଏପରିସ୍ଥଳେ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ସୋମବାର ଏ ନେଇ ଘଟଣା ସଂପର୍କରେ ‘ଧରିତ୍ରୀ’ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା।

# ମନ୍ତ୍ରୀଙ୍କ ପାଇଁ ଖାଦ୍ୟ ପରଷିଲେ ପୂର୍ବତନ ମନ୍ତ୍ରୀ



ମନ୍ତ୍ରୀ କ୍ୟାପଟେନ ମିଶ୍ରଙ୍କୁ ପୂର୍ବତନ ମନ୍ତ୍ରୀ ଖାଦ୍ୟ ପରଷୁଛନ୍ତି।

**ଭବାନୀପାଟଣା, ୨୩।୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ତଥା ଥୁଆମୂଳ-ରାମପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶ୍ୱରୀଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ସୋମବାର ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ, ଏମଏସଏମଇ ତଥା ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସ୍ଥାନୀୟ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝି ପ୍ରମୁଖଙ୍କ ସହ ଅନେକ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ଭୋଜନ ସମୟରେ ମନ୍ତ୍ରୀ କ୍ୟାପଟେନ ମିଶ୍ରଙ୍କ ସହ ଅନ୍ୟ ଅତିଥିଙ୍କୁ ପୂର୍ବତନ ମନ୍ତ୍ରୀ ସିଂଦେଓ ଖାଦ୍ୟ ପରଷୁଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଯାହାକି ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

# ୯ ଦିନ ହେଲା ମିଳୁନି ପିଏଚ୍‌ଡି ପାଣି

**ଖଡିଆଳ, ୨୩।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ୱାର୍ଡ ନଂ. ୧୦, ୧୧ ଓ ୧୨ ୱାର୍ଡକୁ ଦୀର୍ଘ ୯ ଦିନ ହେଲା ମିଳୁନାହିଁ ପିଏଚଡି ପାଣି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି। ଖଡିଆଳ ସହର ବିଭିନ୍ନ ରାସ୍ତା ପାର୍ଶ୍ୱ ଏକ ମାବାଇଲେ କମ୍ପାନୀ କର୍ତ୍ତୃପକ୍ଷ ମାଟି ଖୋଳି କେବୁଲ ବିଛାଇବା କାମ ଆରମ୍ଭ କରିଛି। ମାଟି ଭିତରେ ଥିବା ପିଏଚଡି ପାଇପ ଫାଟିବାରୁ ପାଣି ଆସିପାରୁନାହିଁ। କମ୍ପାନୀ କର୍ତ୍ତୃପକ୍ଷ ଗାତ ଖୋଳିବା ପରେ ମାଟି ପୋତିନାହିଁ। ଫଳରେ ଲକ୍ଷ୍ମୀଚୌକ ନିକଟରେ ଏକ ଗ୍ୟାସ ଟାଙ୍କି ବୋଝେଇ ଟ୍ରକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । ସ୍ଥାନୀୟ ଲୋକେ ଖଡିଆଳ ଜନସ୍ୱାସ୍ଥ୍ୟ ବିଭାଗ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଫୋନ ମାଧ୍ୟମରେ ମୁକୁଳା ପଡିଥିବା ଗାତ ପୋତିବା ସହ ଭାଙ୍ଗି ଯାଇଥିବା ପାନୀୟ ଜଳ ପାଇକ ଲାଇନକୁ ଶୀଘ୍ର ମରାମତି କରିବାକୁ ଦାବି କରି ଆସୁଛନ୍ତି । ହେଲେ ଏ ଯାଏଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଖଡିଆଳ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।

# ଦ୍ୱିତୀୟ ଡୋଜ୍ କୋଭିଡ୍ ଟିକାକରଣ

**ଭବାନୀପାଟଣା, ୨୩।୨ (ଡି.ଏନ.ଏ.)**

ରାଜ୍ୟରେ କୋଭିଡ୍-୧୯ର ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି। କଳାହାଣ୍ଡି ଜିଲାରେ କୋଭିଡ୍ ୨୧ ପ୍ରତିଷେଧକ ଟିକାକରଣ ପାଇଁ ଗତ ୧୬।୧।୨୦୨୧ଠାରୁ ପ୍ରଥମ ଡୋଜ୍ ନେବା କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୫।୨।୨୦୨୧ ପର୍ଯ୍ୟନ୍ତ ଚାଲିଥିଲା। ଜିଲାପାଳ ଓ ଏସ୍‌ପିଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ଆଗଧାଡିର ଯୋଦ୍ଧା ଭାବେ ପୋଲିସ, ସ୍ୱାସ୍ଥ୍ୟସେବା କର୍ମଚାରୀ ଏଏନ୍‌ଏମ୍ କର୍ମଚାରୀଙ୍କ ଭଳି ୯୭୯୩ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୫।୨।୨୦୨୧ ପର୍ଯ୍ୟନ୍ତ ମୋଟ ୯୧୭୨ଜଣଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୬।୨।୨୦୨୧ଠାରୁ ଦ୍ୱିତୀୟ ଡୋଜ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଓ ୨୦।୨।୨୦୨୧ ସୁଦ୍ଧା ଜିଲାରେ ୩୨୭୫ଜଣଙ୍କୁ ଏହି ଟିକା ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।



ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯାଉଛି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ତରବୋଡ/ନୂଆପଡା ଅଫିସ, ୨୩।୨ (ଡି.ଏନ.ଏ.)**




ସିନାପାଲି-ଖଡିଆଳ ରାସ୍ତା କାପସି ଛକଠାରେ ଦଳିତ ଅଧିକାର ମଞ୍ଚ ଓ କୃଷକ ସଙ୍ଗଠନ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

**ଚାଷୀ ଆତ୍ମହତ୍ୟା ଉଦ୍ୟମ ଘଟଣା**

ନୂଆପଡା ଜିଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ ଧିଙ୍ଗିଆମୁଣ୍ଡା ଗ୍ରାମର ଯୁବ ଚାଷୀ ରୋମାଞ୍ଚଳ ଦଣ୍ଡସେନାଙ୍କ ଟୋକନ ଲାପ୍ସ ହେବା ଓ ବିଜୁଳି ବିଲ ପୈଠ କରିପାରି ନ ଥିବାରୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ଫଳରେ ୨ ଏକର ଜମିରେ ରବିଧାନ ଚାଷ ନଷ୍ଟ ହୋଇ ଯିବାରୁ ଭାରସାମ୍ୟ ହରାଇ ଗତ ୧୯ ତାରିଖରେ ଯୁବ ଚାଷୀ ରୋମାଞ୍ଚଳ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହାର ସହାୟତା ପାଇଁ ଦଳିତ ଅଧିକାର ମଞ୍ଚ ଓ କୃଷକ ସଙ୍ଗଠନଙ୍କ ନେତୃତ୍ୱରେ ମଙ୍ଗଳବାର ସିନାପାଲି-ଖଡିଆଳ ରାସ୍ତା କାପସି ଛକଠାରେ ପୂର୍ବାହ୍ନ ୧୦ଟାରୁ ଅବରୋଧ କରି ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି ଓ ଆଇଆଇସି ଜ୍ୟୋତିରଞ୍ଜନ ଗୌଡ ଆସି ତଦନ୍ତ କରି କ୍ଷତିପୂରଣ ପାଇଁ ଜିଲା ପ୍ରଶାସନଙ୍କୁ ଜଣାଇବା ପାଇଁ ୭ ଦିନ ସମୟ ମାଗିଥିଲେ। ଟୋକନ ଲାପ୍ସ ହୋଇ ମଣ୍ଡିରେ ପଡିଥିବା ୮୫ କୁଇଣ୍ଟାଲ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘ ୨ ଘଣ୍ଟା ରାସ୍ତା ଅବରୋଧ ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ପ୍ରଶାସନ ପକ୍ଷରୁ ମଙ୍ଗଳବାର ମଣ୍ଡିରୁ ୮୫ କୁଇଣ୍ଟାଲ ଧାନ ମଧ୍ୟ ଉଠାଯାଇଛି। ଯୋଗାଣ ବିଭାଗ ଓ ପ୍ୟାକ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ଅନେକ ଚାଷୀଙ୍କ ଟୋକନ ଲାପ୍ସ ହୋଇ ଧାନ ମଣ୍ଡିରେ ମାସ ମାସ ଧରି ପଡିରହିଛି। ଟୋକନ ରିଜେନରେଟ ହୋଇପାରିବ ନାହିଁ ବୋଲି କହିବାରୁ ଚାଷୀ ଦଲାଲଠାରେ କମ ଦରରେ ବିକ୍ରି କରୁଛନ୍ତି। ଏଥିପାଇଁ ସମ୍ପୂର୍ଣ୍ଣ ସରକାର ଦାୟୀ। ଏପରି କରାଗଲେ ଜିଲାରେ ଗୋଟୋଏ କାହିଁକି ଶହ ଶହ ଚାଷୀ ଆତ୍ମହତ୍ୟା କରିବେ ବୋଲି ଚାଷୀମାନେ କହିଛନ୍ତି । କୃଷକ ସଙ୍ଗଠନ ସିନାପାଲି ଓ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି, ପଦ୍ମନାଭ ଜଗତ, ରାଜେଶ ବେହେରା, ବିଶ୍ୱ ବେହେରା, ପ୍ରଦୀପ ନାଏକ, ଯଦୁ ସୁନାନୀ, ରାଜେଶ ସୁନାନୀ, ସାଧୁ ନିଆଳ, ମଣ୍ଟୁ ତାଣ୍ଡି, ଅଜିତ ବେହେରା, କାର୍ତ୍ତିକ ମହାନନ୍ଦ ପ୍ରମୁଖ ଧାରଣାରେ ସାମିଲ ଥିଲେ।